ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୩/୨୦୨୩ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 23/2023 Page 16 ₹ 7.00

୪୯ଶ ଭାଗ ୧୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 148 ମୂଲ୍ୟ ₹୭/-



**ଇଦ୍ ପାଳନରେ ତାଲିବାନୀ କଟକଣା**

୨୦୨୧ ଅଗଷ୍ଟରେ ତାଲିବାନ ଆଫଗାନିସ୍ତାନର ଶାସନ କ୍ଷମତା ହାସଲ କରିବା ପରେ ମହିଳାମାନଙ୍କ ଅଧିକାର ଉପରେ କ୍ରମାଗତ ଭାବେ ଅଙ୍କୁଶ ଲଗାଇଆସିଛି। ଦେଶର ଦୁଇଟି ପ୍ରଦେଶରେ ଇଦ୍ ପାଳନରେ ମହିଳା ସାମିଲ ହୋଇପାରିବେ ନାହିଁ ବୋଲି ତାଲିବାନ ପକ୍ଷରୁ ନିଷେଧାଦେଶ ଜାରି ହୋଇଛି। ଇଦ୍ ଉଲ୍-ଫିତର ଦିନ ମହିଳାମାନେ ଏକାଠି ବାହାରକୁ ଯାଇପାରିବେ ନାହିଁ ବୋଲି ବଗ୍‌ଲାନ ଏବଂ ତଖର ପ୍ରଦେଶର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପୂର୍ବରୁ ମହିଳାମାନଙ୍କ ଶିକ୍ଷା ଓ ଚାକିରି ଉପରେ ତାଲିବାନ କଟକଣା ଲଗାଇଥିଲା।



## ସଂକ୍ଷେପରେ

### ୨ ଉପଗ୍ରହ ମହାକାଶକୁ ପଠାଇଲା ଇସ୍ରୋ

**ଶ୍ରୀହରିକୋଟା, ୨୨।୪:** ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଶନିବାର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପିଏସ୍‌ଏଲ୍‌ଭି-ସି୫୫ ରକେଟ୍ ସହାୟତାରେ ୨ଟି ସାଟେଲାଇଟ୍ ମହାକାଶକୁ ପ୍ରେରଣ କରିଛି। ଅପରାହ୍ନ ୨ଟା ୧୯ ମିନିଟ୍‌ରେ ଉପଗ୍ରହ ପ୍ରେରଣ ପାଇଁ ପିଏସ୍‌ଏଲ୍‌ଭି ରକେଟ୍ ଲଞ୍ଚ କରାଯାଇଥିଲା। ପୃଥିବୀ ନିରୀକ୍ଷଣ ପାଇଁ ରକେଟ୍ ଜରିଆରେ ସିଙ୍ଗାପୁରର ୨ଟି ଉପଗ୍ରହ କକ୍ଷପଥରେ ଛଡ଼ାଯିବ ବୋଲି ଇସ୍ରୋ ମୁଖ୍ୟ ଏସ୍. ସୋମନାଥ ସୂଚନା ଦେଇଛନ୍ତି। ଟେଲେଓସ୍-୨ ଏବଂ ଲମେଲାଇଟ୍-୪ ସାଟେଲାଇଟ୍‌ର ଓଜନ ୭୫୭ କିଲୋଗ୍ରାମ। ଟେଲେଓସ୍-୨କୁ ସିଙ୍ଗାପୁରର ଡିଫେନ୍ସ ସାଇନ୍ସ ଓ ଟେକ୍ନୋଲୋଜି ଏଜେନ୍ସି ପ୍ରସ୍ତୁତ କରିଛି, ଯାହା ଦିନ-ରାତି ଓ ପାଣିପାଗ ସମ୍ପର୍କର ଡେଟା ଯୋଗାଇବ। ସେହିପରି ଲୁମେଲାଇଟ୍-୪ ସାଟେଲାଇଟକୁ କମ୍ୟୁନିକେଶନ୍ ବ୍ୟାପକ କରିବା ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ଇସ୍ରୋ ପକ୍ଷରୁ କୁହାଯାଇଛି।

### ଓଲିଭର ଡୋଡେନ୍ ବ୍ରିଟେନ୍ ଉପପ୍ରଧାନମନ୍ତ୍ରୀ

**ଲଣ୍ଡନ, ୨୨।୪:** ବ୍ରିଟେନ୍‌ର ଉପପ୍ରଧାନମନ୍ତ୍ରୀ ପଦ ପାଇଁ ସରକାରଙ୍କ ପକ୍ଷରୁ ଓଲିଭର ଡୋଡେନ୍‌ଙ୍କ ନାମ ଚୟନ କରାଯାଇଛି। ସେ ବର୍ତ୍ତମାନ କ୍ୟାବିନେଟ୍



ଅଫିସର ମିନିଷ୍ଟର ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ସେ ଋଷି ସୁନକଙ୍କ କନ୍‌ଜରଭେଟିଭ୍ ପାର୍ଟିର ସଭାପତି ରହିଥିଲେ। ଅନ୍ୟପକ୍ଷେ ବ୍ରିଟେନ୍‌ର ନୂଆ ଜଷ୍ଟିସ୍ ମିନିଷ୍ଟର ପଦ ପାଇଁ ଆଲେକ୍ସ ଜାକ୍‌ଙ୍କ ନାମକ ଘୋଷଣା କରାଯାଇଛି। ସହକର୍ମୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ଅଭିଯୋଗ ହେବା ପରେ ଡୋମିନିକ୍ ରାବ୍ ଉପପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ରାବ୍ ବ୍ରିଟେନ୍‌ର ଜଷ୍ଟିସ୍ ମିନିଷ୍ଟର ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଥିଲେ। ।

### ଆସାମ ଯୁବକଂଗ୍ରେସ ମୁଖ୍ୟ ବହିଷ୍କୃତ

ନୂଆଦିଲ୍ଲୀ,୨୨।୪(ପି.ଟି.)

ଦଳବିରୋଧୀ କାର୍ଯ୍ୟ ପାଇଁ ଆସାମ ଯୁବକଂଗ୍ରେସ ସଭାନେତ୍ରୀ ଅଙ୍ଗକିତା ଦତ୍ତଙ୍କୁ ୬ ବର୍ଷ ପାଇଁ ଦଳର ପ୍ରାଥମିକ ସଭ୍ୟ ପଦରୁ ବହିଷ୍କାର



ଅଙ୍ଗକିତା ଦତ୍ତ

କରାଯାଇଛି। ସେ ପୂର୍ବତନ ଯୁବକଂଗ୍ରେସ ଅଧ୍ୟକ୍ଷ କେଶବ କୁମାରଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିବା ପରେ ଯୁବକଂଗ୍ରେସ ଅଧ୍ୟକ୍ଷ ଶ୍ରୀନିବାସ ବି. ଭି. ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଙ୍ଗକିତା କହିଥିଲେ। କଂଗ୍ରେସରେ ମହିଳା ସଶକ୍ତୀକରଣର ଏହା ମଡେଲ୍ ବୋଲି କହି ଭାଜପା ତାଚ୍ଛଲ୍ୟ କରିବା ସହ 'ଲଡ୍‌କୀ ହୁଁ, ଲଡ୍ ସକ୍ତି ହୁଁ' ସ୍ଲୋଗାନ ଫମ୍ପା ହାୱା ବୋଲି କହିଛି।

# ନେତାନ୍ୟାହୁ ସରକାରଙ୍କୁ ବିରୋଧ



ବେଞ୍ଜାମିନ୍ ନେତାନ୍ୟାହୁ

## ରାସ୍ତାକୁ ଓହ୍ଲାଇଲେ ଲକ୍ଷାଧିକ ବିକ୍ଷୋଭକାରୀ



**ତେଲ୍ ଆଭିଭ୍,୨୨।୪**

ଇସ୍ରାଏଲ୍ ନ୍ୟାୟବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସରକାରଙ୍କ ଯୋଜନାକୁ ବିରୋଧ କରି ଶନିବାର ଲକ୍ଷାଧିକ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ତେଲ୍ ଆଭିଭ୍ ସମେତ ଦେଶର ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁପ୍ରିମକୋର୍ଟକୁ ଦୁର୍ବଳ କରିଦେବା ଲାଗି ନେତାନ୍ୟାହୁ ସରକାର ଯୋଜନା ଚଳାଇଥିବାବେଳେ ଏହା ଦେଶବାସୀଙ୍କୁ କ୍ଷୁବ୍ଧ କରିଛି। ଏହା ଗଣତନ୍ତ୍ର ଓ ଦେଶର ବିଚାର ବ୍ୟବସ୍ଥା ଉପରେ ଆକ୍ରମଣ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଗକୁ ଇସ୍ରାଏଲ୍ ୭୫ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ଆନ୍ଦୋଳନକୁ ଜୋର୍‌ଦାର କରାଯାଇଛି। ଏହା ତଥାକଥିତ ନ୍ୟାୟିକ ସଂସ୍କାର ନୁହେଁ ବୋଲି ଆନ୍ଦୋଳନରେ ସାମିଲ ହୋଇଥିବା ଜାତୀୟ ଇହୁଦୀ ମହିଳା ପରିଷଦ ମୁଖ୍ୟ ଶିଲା କାଟ୍‌ଜ କହିଛନ୍ତି। ଜନସାଧାରଣଙ୍କ ଅଧିକାରର ସୁରକ୍ଷା ପାଇଁ ଅଦାଲତଗୁଡ଼ିକ ରାଜନୀତିରୁ ସ୍ୱାଧୀନ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେନାର ମୁଖ୍ୟ ରିଜର୍ଭ ୟୁନିଟ୍‌ର ହଜାର ହଜାର ଅଫିସର କାର୍ଯ୍ୟରେ ଯୋଗଦେବାକୁ ମନା କରିଦେଇଛନ୍ତି। ସରକାରଙ୍କ ପ୍ରସ୍ତାବ ବିରୋଧରେ ବ୍ୟବସାୟିକ ନେତା ଓ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଏକାଠି ହୋଇଛନ୍ତି। ଧର୍ମଘଟ ପାଇଁ ଟ୍ରେଡ୍ ୟୁନିୟନଗୁଡ଼ିକ ଆହ୍ୱାନ ଦେଇଛନ୍ତି। ସହଯୋଗୀ ଦେଶ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ନେତାନ୍ୟାହୁଙ୍କ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଗତମାସରେ ବିଶାଳ ଜନଆନ୍ଦୋଳନ ଯୋଗୁ ଇସ୍ରାଏଲର ବିଭିନ୍ନ ସହରରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଅର୍ଥନୀତିକୁ ଅଚଳ କରିଦେବେ ବୋଲି ବିକ୍ଷୋଭକାରୀ ଧମକ ଦେଇଥିଲେ।



ଇଦ୍-ଉଲ୍-ଫିତର ଅବସରରେ ବେଙ୍ଗାଲୁରୁର ଇଦ୍‌ଗା ମଇଦାନରେ ତିନି ନାବାଳିକା ହାତରେ ମେହେନ୍ଦି କରି ନମାଜ ପାଠ କରୁଛନ୍ତି।

## ଦିଲ୍ଲୀ ଥାନାରେ ସତ୍ୟପାଳ



**ନୂଆଦିଲ୍ଲୀ,୨୨।୪**

ଦୁର୍ନୀତି ମାମଲାରେ ସିବିଆଇ ସମନ ପାଇବାର ଦିନକ ପରେ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ୍ ଶନିବାର ଦିଲ୍ଲୀର ଆର୍.କେ. ପୁରମ୍ ଥାନାକୁ ଆସିଥିଲେ। ତାଙ୍କୁ ଗିରଫ କରାଯାଇଥିବା ଖବରକୁ ଦିଲ୍ଲୀ ପୋଲିସ ଖଣ୍ଡନ କରିଛି। ସତ୍ୟପାଲ ନିଜ ଇଚ୍ଛାରେ ଥାନାକୁ ଆସିଥିଲେ ବୋଲି ପୋଲିସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସତ୍ୟପାଲଙ୍କ ଘର ନିକଟସ୍ଥ ପାର୍କରେ ସଭା ଆୟୋଜନକୁ ପୋଲିସ ବିରୋଧ କରିଥିଲା। ଆବାସିକ ସ୍ଥାନରେ ସଭା ଆୟୋଜନ ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ପୋଲିସ କହିଥିଲା। ଫଳରେ ଉତ୍ତରପ୍ରଦେଶ ଓ ହରିୟାଣାର ଚାଷୀ ସଂଗଠନ ଓ ଗ୍ରାମ କମିଟି ନେତାମାନଙ୍କ ସହ ସତ୍ୟପାଲ ଥାନାରେ ପହଞ୍ଚିଥିଲେ।

## ନାବାଳିକା ବଳାତ୍କାର, ହତ୍ୟାକୁ ନେଇ ପଶ୍ଚିମବଙ୍ଗରେ ହିଂସା

**କୋଲକାତା,୨୨।୪**

ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ପଶ୍ଚିମବଙ୍ଗର କାଲିୟାଗଞ୍ଜରେ ଉତ୍ତେଜନା ପ୍ରକାଶ ପାଇବା ସହ ସାନି ହିଂସାକାଣ୍ଡ ଘଟିଛି। ଶୁକ୍ରବାର ସକାଳେ ନାବାଳିକାଙ୍କ ମୃତଦେହ ମିଳିବା ପରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବା ସହ ଲୁହବୁହା ବାଷ୍ପ ଛାଡ଼ିଥିଲା। ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଅଧିକ ସୁରକ୍ଷା ବଳ ମୁତୟନ କରାଯାଇଛି। ରାଜ୍ୟ ଭାଜପା ସଭାପତି ତଥା ବାଲୁରଘାଟ ଏମ୍‌ପି ସୁକାନ୍ତ ମଜୁମଦାର ପୀଡ଼ିତାଙ୍କ ପରିବାରକୁ ଭେଟିବା ପରେ ପୋଲିସ ତଦନ୍ତରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ପୋଲିସ ତଥ୍ୟ ପ୍ରମାଣକୁ ଚାପିଦେବାକୁ ଉଦ୍ୟମ କରୁଥିବା ଭାଜପା କହିଛି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା।

## ସୋମାଲିଆରେ ସୈନ୍ୟ-ଜିହାଦୀ ସଂଘର୍ଷ: ୨୧ ନିହତ

**ମୋଗାଡିଶୁ,୨୨।୪**

ସୋମାଲିଆରେ ଜିହାଦୀ ଯୋଦ୍ଧାମାନଙ୍କ ଆକ୍ରମଣକୁ ସୈନ୍ୟବାହିନୀ ପ୍ରତିହତ କରିଛି। ଶନିବାର ସକାଳେ ହୋଇଥିବା ଏହି ସଂଘର୍ଷରେ ୧୮ ଅଲ୍-ଶବାବ ଉଗ୍ରପନ୍ଥୀଙ୍କ ସମେତ ୨୧ ଜଣ ନିହତ ହୋଇଛନ୍ତି। ମାସାଗାୱେ ସହର ନିକଟରେ ହୋଇଥିବା ଏହି ସଂଘର୍ଷରେ ୩ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଉଗ୍ରପନ୍ଥୀମାନେ ସାମରିକ ଘାଟି ସମେତ ସମ୍ପୂର୍ଣ୍ଣ ସହରକୁ ଦଖଲକୁ ନେଇଯାଇଥିଲେ। ଏହି ସଂଘର୍ଷ ବେଳେ କେତେଜଣ ନିହତ ହେବା ସହ ଅନେକ ଲୋକ ନିଖୋଜ ହୋଇଯାଇଛନ୍ତି। ମୋଗାଡିଶୁରେ ସୋମାଲି ସଂଘୀୟ ସରକାରକୁ ଅଲ୍-ଶବାବ ବିରୋଧ କରିଆସୁଛି।

## ମୋଦିଙ୍କ କେରଳ ଗସ୍ତ ବେଳେ ଆକ୍ରମଣ ଧମକ

**କୋଚି,୨୨।୪**

### ଚିଠି ମିଳିବା ପରେ ପୋଲିସ, କେନ୍ଦ୍ରୀୟ ସଂସ୍ଥାର ତନାଘନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେରଳ ଗସ୍ତବେଳେ ଆତ୍ମଘାତୀ ବୋମା ଆକ୍ରମଣ କରାଯିବ ବୋଲି ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଫଳରେ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଆସନ୍ତା ୨୪ ଓ ୨୫ ତାରିଖରେ ପ୍ରଧାନମନ୍ତ୍ରୀ କେରଳ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସମୟରେ ଆତ୍ମଘାତୀ ବିସ୍ଫୋରଣ ଘଟାଇବାକୁ ମାଲୟାଲମରେ ଲେଖାଥିବା ଏକ ପତ୍ର ରାଜ୍ୟ ଭାଜପା ସଭାପତି କେ. ସୁରେନ୍ଦ୍ରନ୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଚିଠିର ସତ୍ୟତା ଏବଂ ଏହା ପଛରେ ଥିବା ବ୍ୟକ୍ତି ସମ୍ପର୍କରେ ତଦନ୍ତ ଚାଲିଛି। ପୋଲିସଠାରୁ ଗୋଇନ୍ଦା ରିପୋର୍ଟ ପ୍ରଘଟ ହେବା ସାଙ୍ଘାତିକ ଭୁଲ୍। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ସୁରେନ୍ଦ୍ରନ ଦାବି କରିଛନ୍ତି। ୪୯ ପୃଷ୍ଠାର ଗୋଇନ୍ଦା ରିପୋର୍ଟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସବିଶେଷ କାର୍ଯ୍ୟସୂଚୀ, କେଉଁ ଅଫିସରମାନେ ଡ୍ୟୁଟିରେ ରହିବେ ଓ ସେମାନଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ ଥିଲା। ଏଡିଜିପି(ଗୋଇନ୍ଦା) ରିପୋର୍ଟ ପ୍ରଘଟ ଅଭିଯୋଗକୁ କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ ନିନ୍ଦା କରିଛନ୍ତି। ଏହା ଅତ୍ୟନ୍ତ ଗମ୍ଭୀର ଘଟଣା ବୋଲି ସେ କହିଛନ୍ତି।

## ଦଶମ ଶ୍ରେଣୀ ପାଠ୍ୟକ୍ରମରୁ ଡାର୍‌ୱିନ୍ ତତ୍ତ୍ୱ ବାଦ୍

**ନୂଆଦିଲ୍ଲୀ,୨୨।୪**

### ନିନ୍ଦା କଲେ ବୈଜ୍ଞାନିକ

ଏନ୍‌ସିଇଆର୍‌ଟି ପୁସ୍ତକର ଦଶମ ଶ୍ରେଣୀ ବିଜ୍ଞାନ ପାଠ୍ୟକ୍ରମରୁ ଡାର୍‌ୱିନ୍‌ଙ୍କ ଜୈବ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯାଇଥିବାରୁ ବୈଜ୍ଞାନିକମାନେ ଏହାର ନିନ୍ଦା କରିଛନ୍ତି। ପ୍ରାୟ ୧,୮୦୦ ବୈଜ୍ଞାନିକ, ଶିକ୍ଷାବିତ୍, ବିଜ୍ଞାନ ଶିକ୍ଷକ, ବିଜ୍ଞାନକୁ ଲୋକପ୍ରିୟ କରାଉଥିବା ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି। ବ୍ରେକ୍‌ଥ୍ରୁ ସାଇନ୍ସ ସୋସାଇଟି (ବିଏସ୍‌ଏସ୍) ଅଧୀନରେ ଉପରୋକ୍ତ ବ୍ୟକ୍ତିବିଶେଷ ଏକ ଖୋଲା ଚିଠିରେ ସ୍ୱାକ୍ଷର କରି ଡାର୍‌ୱିନ୍‌ଙ୍କ ତତ୍ତ୍ୱ ପାଠ୍ୟକ୍ରମ ଜାରି ରଖିବା ଲାଗି ସରକାରଙ୍କୁ ନିବେଦନ କରିଛନ୍ତି। ନବମ ଓ ଦଶମ ଶ୍ରେଣୀ ବିଜ୍ଞାନ ପୁସ୍ତକରେ ଡାର୍‌ୱିନ୍‌ଙ୍କ ଜୈବ ବିବର୍ତ୍ତନ ବିଷୟର ଯଥେଷ୍ଟ ଗୁରୁତ୍ୱ ରହିଥିବା ସେମାନେ ଦର୍ଶାଇଛନ୍ତି।

କୋଭିଡ୍ ମହାମାରୀ ବେଳେ ପାଠପଢ଼ା ବୋଝ କମାଇବା ପାଇଁ ଅନ୍ତରୀଣ ପଦକ୍ଷେପ ସ୍ୱରୂପ ଡାର୍‌ୱିନ୍ ତତ୍ତ୍ୱ ପାଠ୍ୟକ୍ରମକୁ ବାଦ୍ ଦିଆଯାଇଥିଲା। ତେବେ ବିଷୟବସ୍ତୁ ସୁବ୍ୟବସ୍ଥୀକରଣ ସ୍ୱରୂପ ସ୍ଥାୟୀ ଭାବେ ଉକ୍ତ ବିଷୟକୁ ହଟାଇ ଦିଆଯାଇଥିବା ଏନ୍‌ସିଇଆର୍‌ଟି ଦସ୍ତାବିଜ୍‌ରେ ଉଲ୍ଲେଖ ରହିଛି। ବିଜ୍ଞାନର ଏହି ମୌଳିକ ଗବେଷଣାର ବିଷୟବସ୍ତୁ ପଢ଼ିବାରୁ ପିଲାମାନଙ୍କୁ ବଞ୍ଚିତ କରାଯିବା ଦ୍ୱାରା ସେମାନଙ୍କ ଚିନ୍ତା କରିବା ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହେବ ବୋଲି ଦେଶର ବୈଜ୍ଞାନିକ ସମୁଦାୟ ବିଶ୍ୱାସ କରୁଛି।

## ସଂରକ୍ଷଣ ଦାବିରେ ବିକ୍ଷୋଭ

**ଭରତପୁର,୨୨।୪**

### ■ଜୟପୁର-ଆଗ୍ରା ଜାତୀୟ ରାଜପଥ ଅବରୋଧ କଲା ମାଲି ସମ୍ପ୍ରଦାୟ

ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଲଗା ୧୨ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି ନେଇ ମାଲି ସମ୍ପ୍ରଦାୟର ସଦସ୍ୟମାନେ ଶନିବାର ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜସ୍ଥାନର ଭରତପୁରଠାରେ ସେମାନେ ଜୟପୁର-ଆଗ୍ରା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଗୁଜବ ପ୍ରଚାର ଆଶଙ୍କାରେ ଭରତପୁର ଜିଲା ପ୍ରଶାସନ ୩ ତହସିଲ୍ ଅଞ୍ଚଳରେ



୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି। ଜାତୀୟ ରାଜପଥରେ ଗହଳି କମାଇବା ପାଇଁ ସେଭାର କ୍ରସିଂରୁ ଗାଡ଼ିଗୁଡ଼ିକୁ ଅନ୍ୟ ରୁଟ୍‌ରେ ଛଡ଼ାଯାଉଛି।

## ପୁରୁଷ ଫ୍ଲାଇଟ୍ ଆଟେଣ୍ଡାଣ୍ଟଙ୍କୁ ଚୁମ୍ବନ: ବୃଦ୍ଧ ଗିରଫ

**ସେଣ୍ଟ ପଲ୍, ୨୨।୪**

ଡେଲ୍‌ଟା ଏୟାରଲାଇନ୍ସର ପୁରୁଷ ଫ୍ଲାଇଟ୍ ଆଟେଣ୍ଡାଣ୍ଟଙ୍କୁ ଜୋରଜବରଦସ୍ତ ଚୁମ୍ବନ କରିବା ଅଭିଯୋଗରେ ଜଣେ ବୃଦ୍ଧଙ୍କୁ ପୋଲିସ ଗିରଫ କରିଛି। ଡେଭିଡ୍ ଆଲାନ୍ ବର୍କ (୬୧) ମିନେସୋଟାରୁ ଆଲାସ୍କା ଯାଉଥିଲେ। ବିମାନ ଉଡ଼ାଣ ଭରିବା ପରେ ଅଭିଯୋଗକାରୀ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଟି.ସି ବୃଦ୍ଧଙ୍କୁ ରେଡ୍ ୱାଇନ୍ ପରିବେଷଣ କରିଥିଲେ। କିଛି ସମୟ ପରେ ଟି.ସି. ମିଲ୍ ଟ୍ରେ ସଂଗ୍ରହ କରିବା ପାଇଁ ଆସିଥିବାବେଳେ ବର୍କ ତାଙ୍କ ହାତ ଧରିପକାଇଥିଲେ। ପରେ ଟି.ସି. ସ୍ଥାନ ଛାଡ଼ି ଚାଲିଯାଇଥିଲେ। ବର୍କ ରେଷ୍ଟରୁମ୍‌କୁ ଯିବାବେଳେ ଟି.ସିଙ୍କୁ ଜବରଦସ୍ତ ଚୁମ୍ବନ କରିଥିବା ଫ୍ଲାଇଟ୍ ଆଟେଣ୍ଡାଣ୍ଟ କହିଛନ୍ତି। ଆଙ୍କୋରେଜ୍‌ରେ ପ୍ଲେନ୍ ପହଞ୍ଚିବା ମାତ୍ରକେ ବିମାନବନ୍ଦର ପୋଲିସ ବର୍କଙ୍କୁ ଗିରଫ କରିଥିଲା।



## ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ

# ସ୍ୱଦେଶୀ ଭାଷାର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ଆହ୍ୱାନ

**ଆ**ଜି ହେଉଛି ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସ। ଏହି ବିଶେଷ ଉତ୍ସବ ଅବସରରେ ପୁସ୍ତକ ଦ୍ୱାରା ଆମକୁ ପ୍ରଦତ୍ତ ଚିରସ୍ଥାୟୀ ମୂଲ୍ୟକୁ ସ୍ମରଣ କରାଇଥାଏ। ପ୍ରତିବର୍ଷ ଏପ୍ରିଲ ୨୩ ରେ ପାଳନ ହୋଇ ଆସୁଥିବା ଏହି ଦିବସ ଆମର ଅତୀତ ଏବଂ ଭବିଷ୍ୟତ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସ୍ଥାପନ କରିଥାଏ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିମାନଙ୍କୁ ସଂସ୍କୃତି ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ପୁସ୍ତକଗୁଡ଼ିକର ମହତ୍ତ୍ୱକୁ ଆଲୋକପାତ କରିବା ପାଇଁ ସମଗ୍ର ବିଶ୍ୱସ୍ତରରେ ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସ ପାଳନ କରାଯାଉଛି। ପୁସ୍ତକର ଗଭୀର ପ୍ରଭାବ ଏବଂ ସାମର୍ଥ୍ୟ ଦ୍ୱାରା ଉଭୟ ସାଂସ୍କୃତିକ ଏବଂ ବଂଶାନୁକ୍ରମିକ ଭାବରେ ଲୋକମାନଙ୍କୁ ଏକତ୍ର କରିବା ପାଇଁ ଏହି ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଦିବସର କେନ୍ଦ୍ରରେ ୟୁନେସ୍କୋ ଥିବାବେଳେ, ପୁସ୍ତକ ଦୁନିଆର ତିନୋଟି ପ୍ରମୁଖ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଅଛନ୍ତି। ସେମାନେ ହେଲେ: ପୁସ୍ତକ ପ୍ରକାଶକ, ପୁସ୍ତକ ବିକ୍ରେତା ଏବଂ ପାଠାଗାର (ଲାଇବ୍ରେରୀ)। ଏହି ସଂଗଠନଗୁଡ଼ିକ ପ୍ରତିବର୍ଷ ବିଶ୍ୱ ପୁସ୍ତକ ରାଜଧାନୀ (ୱାର୍ଲ୍ଡ ବୁକ କ୍ୟାପିଟାଲ) ଚିହ୍ନିତ କରିବା ପାଇଁ ହାତ ମିଳାନ୍ତି। ୱାର୍ଲ୍ଡ ବୁକ କ୍ୟାପିଟାଲ ଏକ ଏପରି ପଦକ୍ଷେପ, ଯଦ୍ଦ୍ୱାରା ଆଜିର ଦିନଟି ପ୍ରତିବର୍ଷ ଭଳି ଚିର ସ୍ମରଣୀୟ ରହେ ଏବଂ ଲୋକଙ୍କ ମଧ୍ୟରେ ବହି ପଢ଼ିବା ପ୍ରତି ଭଲପାଇବା ବଢ଼ିଥାଏ।

ସାହିତ୍ୟ ଜଗତରେ ଏପ୍ରିଲ ୨୩କୁ ଏକ ମହତ୍ତ୍ୱପୂର୍ଣ୍ଣ ଦିନ ବୋଲି ବିବେଚନା କରାଯାଏ। କାରଣ ଏହି ଦିନ ୱିଲିୟମ ସେକ୍ସପିୟରଙ୍କ ସମେତ ଇନ୍କା ଗାର୍ସିଲାସୋ ଦେ-ଲା-ଭେଗା ଏବଂ ମିଗୁଏଲ ଡି-ସର୍ଭାଣ୍ଟେସ ପ୍ରସିଦ୍ଧ ଲେଖକଙ୍କ ମୃତ୍ୟୁକୁ ସ୍ମରଣ କରିଥାଏ। ଏହି ଦିନ ବିଶ୍ୱସ୍ତରରେ ବିଭିନ୍ନ ପୁସ୍ତକ ଏବଂ ଲେଖକମାନଙ୍କୁ ଚିହ୍ନିବା ସହ ଲୋକମାନଙ୍କୁ ପୁସ୍ତକର ମୂଲ୍ୟବୋଧ ଓ ବ୍ୟବହାର ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୟୁନେସ୍କୋ ଦ୍ୱାରା ୧୯୯୫ରେ ପ୍ୟାରିସ ଠାରେ ଆୟୋଜିତ ସାଧାରଣ ସମ୍ମିଳନୀରେ ଏପ୍ରିଲ ୨୩କୁ ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସ ଭାବରେ ଘୋଷଣା କରାଯାଇଥିଲା। ବହିର ଅଲୌକିକ ଯାଦୁ ଶକ୍ତିକୁ ଚିହ୍ନିତ କରାଇବା ସହ ପଢ଼ିବାର ସୁଖକୁ ଉତ୍ସାହିତ କରାଯାଇ ଉକ୍ତ ଦିବସ ପାଳନ କରାଯାଇଥାଏ। ଏହା ହେଉଛି ସେହିଦିନ ଯାହା କି ପୁସ୍ତକ ଆମ ଜୀବନରେ ଆଣିଥିବା ମୂଲ୍ୟକୁ ଚିହ୍ନିବା ସହିତ ସେମାନଙ୍କର ପରିବର୍ତ୍ତନଶୀଳ ଶକ୍ତିକୁ ମଧ୍ୟ ପରିଚିତ କରାଇଥାଏ। ଆମକୁ ସଂସ୍କୃତି ଏବଂ ପରମ୍ପରା ସହିତ ଯୋଡ଼ିହେବାରେ ପୁସ୍ତକଗୁଡ଼ିକ ଯେଉଁ ଭୂମିକା ଗ୍ରହଣ କରିଥାନ୍ତି ତାହା ହୁଏତ ଶବ୍ଦରେ ପ୍ରକାଶ କରିହେବ ନାହିଁ।

ଏକବିଂଶ ଶତାବ୍ଦୀରେ ଏକ ସମୟରେ ଯେତେବେଳେ ଟେକ୍ନୋଲୋଜି ଆମ ସୂଚନା ବ୍ୟବହାରରେ ପରିବର୍ତ୍ତନ ଆଣିଛି, ତଥାପି ପୁସ୍ତକଗୁଡ଼ିକ ଆମ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇ ରହିଆସିଛି। ପୁସ୍ତକଗୁଡ଼ିକ ଆମ ଜୀବନରେ ପ୍ରେରଣା, ଜ୍ଞାନ ଏବଂ ମନୋରଞ୍ଜନର ଉତ୍ସ ଭାବରେ କାର୍ଯ୍ୟ କରନ୍ତି। ପୁସ୍ତକ ହେଉଛି ସମାଜର ମୂଳଦୁଆ ସଦୃଶ, ଯାହା ଉପରେ ଆମର ବୌଦ୍ଧିକ ଏବଂ ସାଂସ୍କୃତିକ ଐତିହ୍ୟ ସବୁ ଦଣ୍ଡାୟମାନ । କାହାଣୀ କହିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିଥାଏ ପୁସ୍ତକ, ଯାହାଦ୍ୱାରା ମାନବ ଅଭିଜ୍ଞତାର ଜଟିଳତାକୁ ସମୟ ଏବଂ ସ୍ଥାନ ସହ ଖାପ ଖୁଆଇ ଅତିକ୍ରମ କରିବାର ଅତୁଳନୀୟ ସାମର୍ଥ୍ୟ ପ୍ରଦାନ କରିଥାଏ। ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସ ଅବସରରେ, ଆସନ୍ତୁ ଆମେ ସଭିଏ ଏକାଠି ହୋଇ ପୁସ୍ତକ ଜଗତ ବିଷୟରେ ଜାଣିବା। ପୁସ୍ତକର ମୂଲ୍ୟବୋଧକୁ ସମ୍ମାନ କରିବା ସହ ପଢ଼ିବାର ଆନନ୍ଦ ନେବା ଏବଂ ପୁସ୍ତକର ଏହିପରି ପରିବର୍ତ୍ତନଶୀଳ ଶକ୍ତିକୁ ଆମ ଜୀବନରେ ପାଳନ କରିବା। ପୁସ୍ତକ ସହ କପିରାଇଟର ମହତ୍ତ୍ୱକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର, କାରଣ ଲେଖକଙ୍କ ସୃଜନଶୀଳ କାର୍ଯ୍ୟକୁ ସୁରକ୍ଷା ଦେବା ସହିତ ଆମ ଜୀବନକୁ ସମୃଦ୍ଧ କରୁଥିବା ପୁସ୍ତକଗୁଡ଼ିକର ପ୍ରକାଶନ ଜାରି ରଖିବା ପାଇଁ ଏହା ପ୍ରେରଣା ଦେଇଥାଏ। ଏହି ବର୍ଷର ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସ ପାଇଁ ୟୁନେସ୍କୋର ବିଷୟବସ୍ତୁ (ଥିମ) ରହିଛି ସ୍ୱଦେଶୀ ଭାଷା, ଯାହା ସମଗ୍ର ବ୍ରହ୍ମାଣ୍ଡରେ ବିପଦପୂର୍ଣ୍ଣ ଭାଷାମାନଙ୍କର ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ପ୍ରୋତ୍ସାହନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେବ। ଏହି ନିଷ୍ପତ୍ତି ସ୍ୱଦେଶୀ ସଂସ୍କୃତିର ବିବିଧତା, ସମୃଦ୍ଧତା ଏବଂ ବିଶ୍ୱର ସାଂସ୍କୃତିକ ଐତିହ୍ୟରେ ସେମାନଙ୍କର ଅବଦାନକୁ ଚିହ୍ନିବା ଏବଂ ପାଳନ କରିବାରେ ଏକ ସୁଯୋଗ ପ୍ରଦାନ କରିବ। ଗତ ବର୍ଷ, ସ୍ୱଦେଶୀ ଭାଷାର ଅନ୍ତର୍ଜାତୀୟ ଦଶନ୍ଧି (୨୦୨୨-୨୦୨୩) ପାଳନ କରିବା ଆରମ୍ଭ ହୋଇଥିଲା, ବହୁଭାଷିତାକୁ ପ୍ରୋତ୍ସାହିତ କରିବା ସହ ଭାଷା ବିବିଧତାକୁ ସୁରକ୍ଷା ଦେବା ବର୍ତ୍ତମାନ ମିଳିତ ଜାତିସଂଘର ପ୍ରାଥମିକତା ପାଲଟି ଯାଇଛି। ୨୦୨୩ ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସର ବିଷୟବସ୍ତୁ (ଥିମ)ଟି ଏହିପରି ଭାବେ ନିର୍ମିତ ହୋଇଛି, ଯାହା ଅନ୍ତର୍ଭୁକ୍ତ ସମାଜ ଗଠନ, ସାଂସ୍କୃତିକ ବିବିଧତା ଏବଂ ନିରନ୍ତର ବିକାଶରେ ସ୍ୱଦେଶୀ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଅଛି।

ବିଶେଷ କରି ଭାଷା ବିଲୁପ୍ତ ହେବାର ଆଶଙ୍କା ମଧ୍ୟରେ ୨୦୨୩ ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସ ବିଷୟବସ୍ତୁ ଭାଷା ବିବିଧତାକୁ ସୁରକ୍ଷା ତଥା ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରୁଛି। ବିପଦପୂର୍ଣ୍ଣ ଭାଷାର ସଂରକ୍ଷଣ ଏବଂ ପୁନଃ ଜୀବୀକରଣ, ସ୍ୱଦେଶୀ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ପାଳନ କରିବା ଏବଂ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସମାଜ ଗଠନ କରିବାରେ ଆମର ଭୂମିକା ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଏହା ଏକ ଆହ୍ୱାନ। ଯେହେତୁ ଆମେ ୨୦୨୩ ବିଶ୍ୱ ପୁସ୍ତକ ଏବଂ କପିରାଇଟ ଦିବସର ବିଷୟବସ୍ତୁ ପାଳନ କରୁଛୁ, ଆମକୁ ସ୍ୱୀକାର କରିବାକୁ ହେବ ଯେ ଅନ୍ତର୍ଭୁକ୍ତ ତଥା ସ୍ଥାୟୀ ସମାଜ ଗଠନ କରିବାରେ ସ୍ୱଦେଶୀ ଭାଷାର ସୁରକ୍ଷା ଏବଂ ପ୍ରୋତ୍ସାହନ ଗୁରୁତ୍ୱପୂର୍ଣ୍ଣ। ସ୍ୱଦେଶୀ ଭାଷାକୁ ସମର୍ଥନ କରିବା ସହ ଭାଷା ଶିଖିବା, ଭାଷା ପୁନର୍ଜୀବନ କାର୍ଯ୍ୟକ୍ରମରେ ନିଜକୁ ବିନିଯୋଗ କରିବା ଏବଂ ସ୍ୱଦେଶୀ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ପାଳନ କରି ଆମେ ଏହା ନିଶ୍ଚିତ କରିପାରିବା।

**-ସତ୍ୟଜିତ ନାୟକ,**
ନୂଆଦିଲ୍ଲୀ
ମୋ: ୭୦୦୮୨୬୮୧୫୫

## ରଣବୀରଙ୍କୁ ଟ୍ରୋଲ୍

**ମୁମ୍ବାଇ**

ଆଦିତ୍ୟ ଚୋପ୍ରାଙ୍କ ମା' ପାମେଲା ଚୋପ୍ରାଙ୍କ ୭୫ ବର୍ଷରେ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ପରେ ତାଙ୍କୁ ଶେଷଦର୍ଶନ କରିବାକୁ ଘରକୁ ସେଲିବ୍ରିଟିଙ୍କ ଆଗମନ ହୋଇଥିଲା। ସେଠାକୁ କରୀନା କପୁର, ସୈଫ ଅଲି ଖାନ୍, କାଜଲ, ଅଜୟ ଦେବଗନ୍‌ଙ୍କ ସମେତ ଅନେକ ସେଲିବ୍ରିଟି ଆସିଥିଲେ। ତେବେ ବିଳମ୍ବିତ ସମୟରେ ବି-ଟାଉନ କପଲ ରଣବୀର କପୁର ଏବଂ ଆଲିଆ ଭଟ୍ଟ ସେଠାରେ ପହଞ୍ଚିଥିଲେ। ଭିତରକୁ ଯିବା ସମୟରେ ରଣବୀର ଆଲିଆଙ୍କ ଚପଲ ଉଠାଇ ସେଠାରେ ଥିବା ଏକ ମନ୍ଦିର ସମ୍ମୁଖରେ ରଖିଦେଇଥିଲେ, ଯାହାକୁ ନେଇ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। ଏଥିରେ ୟୁଜର୍ସ ଅନେକ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, ସେଠାରେ ମନ୍ଦିର ଥିବା ସତ୍ତ୍ୱେ କିପରି ତାହା ରଣବୀରଙ୍କୁ ଦେଖାଗଲାନି। ତେବେ ଶେଷ ଥର ରଣବୀର 'ତୁ ଝୁଟି ମେ ମକ୍କାର' ଫିଲ୍ମରେ ଶ୍ରଦ୍ଧା କପୁରଙ୍କ ସହ ନଜରକୁ ଆସିଥିଲେ। ଆଗକୁ ତାଙ୍କ ଫିଲ୍ମ 'ଆନିମଲ' ଆସିବାକୁ ଯାଉଛି, ଯେଉଁଥିରେ ସେ ରଶ୍ମିକା ମାନ୍ଦାନାଙ୍କ ସହ ଏକାଠି ପରଦା ଶେୟାର କରିବେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୩/୨୦୨୩ | Bhubaneswar, Sunday, April 23/2023 | ପୃଷ୍ଠା-୧




**ସେପ୍ଟେମ୍ବରରେ ଭାରତ ଆସିବେ ବାଇଡେନ୍**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସେପ୍ଟେମ୍ବରରେ ଭାରତ ଆସିବା ଲାଗି ବିଚାର କରୁଥିବା ତାଙ୍କ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୦୨

୦୫ **ମୁଖ୍ୟମନ୍ତ୍ରୀ ପଦ ଦାବି କରିପାରିବ ଏନ୍‌ସିପି: ଅଜିତ ପାୱାର**

ଏନ୍‌ସିପି ଏବେ ବି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି ଉପସ୍ଥାପନ କରିପାରିବ ବୋଲି ଦଳର ବରିଷ୍ଠ ନେତା ଅଜିତ ପାୱାର କହିଛନ୍ତି।



# ‘ସତ କହିବାରୁ ଦଣ୍ଡିତ ହେଲି’

## ସରକାରୀ ବଙ୍ଗଳା ଖାଲିକଲେ ରାହୁଲ

**ନୂଆଦିଲ୍ଲୀ,୨୨।୪**

ଲୋକ ସଭା ସଭ୍ୟପଦ ଯିବାର ମାସେ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ୧୨, ତୋଗଲକ୍ ଲେନ୍‌ସ୍ଥିତ ସରକାରୀ ବଙ୍ଗଳା ଛାଡ଼ିଛନ୍ତି। ସେ ତାଙ୍କ ବଙ୍ଗଳା ଚାବି ଲୋକ ସଭା ସଚିବାଳୟରେ ଦାଖଲ କରିଛନ୍ତି। ସତ୍ୟ କହିବାରୁ ଦଣ୍ଡିତ ହେଲି ବୋଲି ରାହୁଲ ଘର ଛାଡ଼ିବା ସମୟରେ କହିଛନ୍ତି। ସେ ଉକ୍ତ ବଙ୍ଗଳାରେ ଆଉ ରହିବାକୁ ଚାହାନ୍ତି ନାହିଁ। ଭାରତର ଜନସାଧାରଣ ତାଙ୍କୁ ୧୯ ବର୍ଷ ପାଇଁ ଏହି ଘର ଦେଇଥିଲେ। ଏବେ ତାହାକୁ ଛଡ଼ାଇ ନିଆଯାଉଛି ତେବେ ସତ୍ୟ କହିବା ଲାଗି ସେ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ବୋଲି ରାହୁଲ କହିଛନ୍ତି। ଅନ୍ୟ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ସେ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କ ବାସଭବନରେ ରହିବେ ବୋଲି କହିଛନ୍ତି।

ଦୁଇ ଦଶନ୍ଧି ହେଲା ରାହୁଲ ଉକ୍ତ ସରକାରୀ ବାସଭବନରେ ରହିଆସୁଥିଲେ। ମୋଦି ସାଙ୍ଗିଆ ମନ୍ତବ୍ୟ ପାଇଁ ମାନହାନି ମାମଲାରେ ସୁରଟର ଏକ ଅଦାଲତ ଗତ ମାସ ୨୩ରେ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତାଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଯିବାରୁ ସରକାରୀ ବଙ୍ଗଳା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୧୪ ତାରିଖରେ ରାହୁଲ ତାଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ବ୍ୟକ୍ତିଗତ ସାମଗ୍ରୀ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କ ୧୦, ଜନପଥ ସରକାରୀ ବାସଭବନକୁ ନେଇଯାଇଥିଲେ। ସରକାର ରାହୁଲଙ୍କୁ ଘରୁ ବାହାର କରିଦେଇପାରନ୍ତି, ହେଲେ ସେ କୋଟି କୋଟି ଭାରତୀୟଙ୍କ ହୃଦୟ ଓ ଘରେ ସ୍ଥାନ ନେଇଛନ୍ତି ବୋଲି କଂଗ୍ରେସ କହିଛି। ଦଳ ପକ୍ଷରୁ ସୋସିଆଲ ମିଡିଆରେ ‘ମେରା ଘର ଆପ୍‌କା ଘର’ ନାମରେ ଏକ ଅଭିଯାନ ଆରମ୍ଭ ହୋଇଛି। ଦଳୀୟ ନେତାମାନେ ରାହୁଲଙ୍କୁ ସେମାନଙ୍କ ଘର ଯାଚିଛନ୍ତି। ସୁରଟ ମାଜିଷ୍ଟ୍ରେଟ କୋର୍ଟଙ୍କ ରାୟ ବିରୋଧରେ ରାହୁଲ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ତାଙ୍କ ଆବେଦନ ଖାରଜ ହୋଇଯାଇଥିଲା। ସେସନ୍ସ କୋର୍ଟ ରାୟ ବିରୋଧରେ ସେ ହାଇକୋର୍ଟରେ ଆବେଦନ କରିବେ ବୋଲି କଂଗ୍ରେସ କହିଛି।



କଂଗ୍ରେସ ନେତା ରାହୁଲ ଗାନ୍ଧୀ (ମଝି) ଶନିବାର ନୂଆଦିଲ୍ଲୀର ୧୨, ତୋଗଲକ୍ ଲେନ୍‌ସ୍ଥିତ ସରକାରୀ ବଙ୍ଗଳା ଛାଡୁଛନ୍ତି।

# କୁଇ, ଦେଶିଆ ଭାଷାରେ ପ୍ରସ୍ତୁତ ହେବ ପାଠ୍ୟୋପକରଣ

## ଏନ୍‌ସିଇଆରଟିର ୧୦ ଜଣିଆ କମିଟି ଗଠିତ

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଓଡ଼ିଶାର କୋରାପୁଟ ଜିଲାରେ ପ୍ରଚଳିତ ‘କୁଇ’ ଏବଂ ‘ଦେଶିଆ’ ଭାଷାରେ ଶିକ୍ଷାଦାନ ଓ ଶିକ୍ଷା ଆହରଣ ପାଇଁ ସ୍ୱତନ୍ତ୍ର ପାଠ୍ୟୋପକରଣ ପ୍ରସ୍ତୁତ ହେବ। ଏଥିପାଇଁ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି (ଏନ୍‌ସିଇଆରଟି) ପକ୍ଷରୁ ୧୦ ଜଣିଆ କମିଟି ଗଠନ କରାଯାଇଛି। ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବି.କେ. ପଣ୍ଡା ଏହି କମିଟିର ଅଧକ୍ଷ ରହିଥିବାବେଳେ ଏନ୍‌ସିଇଆରଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମରେନ୍ଦ୍ର ପି. ବେହେରା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଆସିଷ୍ଟାଣ୍ଟ ପ୍ରଫେସର ରୁଦ୍ରାଣୀ ମହାନ୍ତି ଓ କପିଳ ଖେମଣ୍ଡୁ, ରାଜେନ୍ଦ୍ର ପାଢ଼ୀ, ଗୋପବନ୍ଧୁ ମହାନ୍ତି, ଡ. ସୁବ୍ରତ ପୃଷ୍ଟି, ଡ. ମହେନ୍ଦ୍ର ମିଶ୍ର, ଦିଲେଶ୍ୱର ରମା ଓ ଆର୍‌ଆଇଇର ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ବେହେରା ସଦସ୍ୟ ଅଛନ୍ତି। ଏହି କମିଟି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହଯୋଗରେ ବହୁ ଭାଷାଭାଷୀ ଫଟୋଚିତ୍ର ପୁସ୍ତକ ଓ ଅନ୍ୟାନ୍ୟ ପାଠ୍ୟଖସଡ଼ା ପ୍ରସ୍ତୁତ କରିବ। ଏହାଦ୍ୱାରା ‘କୁଇ’ ଓ ‘ଦେଶିଆ’ ଭାଷାରେ କଥା ହେଉଥିବା ପିଲାଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ ଓ ସୃଜନଶୀଳତା ବିକଶିତ ହେବ। ଏହି ପାଠ୍ୟୋପକରଣ ପ୍ରସ୍ତୁତି ଫଳରେ କୋରାପୁଟ, ଗଜପତି, ମାଲକାନଗିରି ଓ କନ୍ଧମାଳ ଆଦି ଜିଲାର ☞ପୃଷ୍ଠା-୨

# ସୋମବାର କ୍ୟାବିନେଟ

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟା ୩୦ରେ କ୍ୟାବିନେଟ ବୈଠକ ବସିବ। ବୈଠକରେ ପାନୀୟ ଜଳ, କ୍ୟାଡର ପୁନର୍ଗଠନ, ଜଳସେଚନ, ଟେଣ୍ଡର ଅନୁମୋଦନ ଭଳି ୧୦ରୁ ଅଧିକ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ବାଜିବା ସମ୍ଭାବନା ରହିଛି। ବିଶେଷକରି ଜଳସମ୍ପଦ, କୃଷି, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ଭିନ୍ନକ୍ଷମ ସଶକ୍ତୀକରଣ, ରାଜସ୍ୱ ବିଭାଗର ଅନେକ ପ୍ରସ୍ତାବ କ୍ୟାବିନେଟରେ ଅନୁମୋଦନ ହେବାର ଅଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତରେ ଥିବାବେଳେ ଭିଡିଓ କନ୍‌ଫରେନ୍ସ ଜରିଆରେ କ୍ୟାବିନେଟରେ ଅଧ୍ୟକ୍ଷତା କରିଥିଲେ।

**ଆଜିର ସମ୍ପାଦକୀୟ** | ଆତ୍ମବିଶ୍ୱାସର ଅଭାବ










**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଲକ୍ଷ୍ୟ ନ ରଖି ବିଚିତ୍ର ପ୍ରତିଶ୍ରୁତି ଦେଉଛନ୍ତି ଏବଂ ନାନା ଅଭିଯୋଗ ଆଣୁଛନ୍ତି। ସେ ସବୁଠୁ ଅଳସୁଆ ରାଜନୀତିର ପ୍ରତିନିଧିତ୍ୱ କରୁଛନ୍ତି। **-ରାଜୀବ ଚନ୍ଦ୍ରଶେଖର, କେନ୍ଦ୍ରମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଗଡ଼ଗଡା**
**ନିଶ ମୋଡୁଛି ଥୋଡ଼ା ଥୋଡ଼ା।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଉପରେ ଘର**
**ସୁନା କୁମ୍ଭ ପରି ତିନି ଦିଅର**
**ଚନ୍ଦର ଉଦିଆ ବର।**

ଭଲ ଘର, ଭଲ ବର ମିଳିବା ସୌଭାଗ୍ୟର କଥା ହୋଇଥାଏ। ଶାଶୁଘରେ ସ୍ତ୍ରୀ ଲୋକଟିର ଭଲ ଘର ଓ ଭଲ ବରକୁ ନେଇ ପ୍ରଶଂସା କରିବା ସହ ଦିଅରମାନଙ୍କର ରୂପ ଓ ଗୁଣକୁ ନେଇ ଆତ୍ମସନ୍ତୋଷ ଲଭିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ମେ' ୩ ଯାଏ ବଢ଼ିବନି ତାତି

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ପ୍ରଚଣ୍ଡ ଗରମରୁ ନିସ୍ତାର ମିଳିଛି। କାଳବୈଶାଖୀଜନିତ ବର୍ଷାପବନ ଗ୍ରୀଷ୍ମରେ ବ୍ରେକ୍ ଲଗାଇଛି। ଆସନ୍ତା ମେ' ୩ ତାରିଖ ଯାଏ ରାଜ୍ୟରେ ପାରଦ ୪୦ ଡିଗ୍ରୀ ତଳେ ରହିବ। ବଙ୍ଗୋପସାଗରରେ ଗୁରୁଚାପ ବଳୟ ସୃଷ୍ଟି ହୋଇଥିବାରୁ ସମୁଦ୍ର ମଧ୍ୟରୁ ସ୍ଥଳଭାଗକୁ ଜଳୀୟ ବାଷ୍ପ ଆସୁଛି। ଏଥିସହିତ ବାୟୁମଣ୍ଡଳ ଉପରି ଭାଗରେ ଏକ ଟ୍ରଫ୍‌ଲାଇନ୍ ରହିଛି। ଉଭୟ ଟ୍ରଫ୍‌ଲାଇନ୍ ଏବଂ ଜଳୀୟବାଷ୍ପ ମିଶ୍ରିତ ହୋଇ ଓଡ଼ିଶାରେ କାଳବୈଶାଖୀଜନିତ ବର୍ଷା କରାଇବାରେ ସହାୟକ ହେଉଛି। ଫଳରେ ଏଥିଯୋଗୁ ଆସନ୍ତା ୧୦ ଦିନ ଯାଏ ରାଜ୍ୟରେ ତାତିର ପ୍ରକୋପ କମ୍ ରହିବ। ଗୋଟିଏ ଦୁଇଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ରହିଲେ ମଧ୍ୟ ଅଧିକାଂଶ ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଝଡ଼ବର୍ଷା ଏବଂ ମେଘୁଆ ପାଗ ଯୋଗୁ କେବଳ ନୂଆପଡ଼ା ବ୍ୟତୀତ ରାଜ୍ୟର ସମସ୍ତ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

# ଖୋଲା ରହିବ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଖୋଲା ରହିବ। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗ ସ୍ପଷ୍ଟ କରିଛି ଯେ, ଅଙ୍ଗନୱାଡି କେନ୍ଦ୍ର ସଂଶୋଧିତ ସମୟସାରଣୀ ଅନୁସାରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ହେଲେ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳମାନେ ସମୟରେ ପରିବର୍ତ୍ତନ କରିପାରିବେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ସ୍କୁଲ ଓ ଘରୋଇ ସ୍କୁଲକୁ ଆଗୁଆ ଖରାଛୁଟି ଘୋଷଣା ପରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏବେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ଏହି ଦ୍ୱନ୍ଦ୍ୱକୁ ଦୂର କରିଛି ମହିଳା ଓ ଶିଶୁ ବିକାଶ ବିଭାଗ।

# ସେପ୍ଟେମ୍ବରରେ ଭାରତ ଆସିବେ ବାଇଡେନ୍

ୱାଶିଂଟନ,୨୨।୪

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସେପ୍ଟେମ୍ବରରେ ଭାରତ ଆସିବା ଲାଗି ବିଚାର କରୁଥିବା ତାଙ୍କ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩ ବର୍ଷ ଭାରତ-ଆମେରିକା ସମ୍ପର୍କ ପାଇଁ ଏକ ମହାନ୍ ବର୍ଷ ହେବ ବୋଲି ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ ଦାୟିତ୍ୱରେ ଥିବା ଆମେରିକା ପରରାଷ୍ଟ୍ର ସହକାରୀ ସଚିବ ଡୋନାଲ୍ଡ ଲୁ କହିଛନ୍ତି। ଜି-୨୦ରେ ଭାରତର ଅଧ୍ୟକ୍ଷତା ବିଶ୍ୱର ମଙ୍ଗଳ ପାଇଁ ଏକ ଶକ୍ତି ଭାବେ ଏହାର ସାମର୍ଥ୍ୟ ବୃଦ୍ଧି କରିଛି। ଏହି ସମୟରେ ଆମେରିକା ଏପିଇସି (ଏସିଆ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ)ର ଆୟୋଜନ କରୁଥିବାବେଳେ ଜାପାନ ଜି-୭ର ଆୟୋଜନ କରୁଛି। କ୍ୱାଡ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନେତୃତ୍ୱ ଭୂମିକା ନେଉଥିବାରୁ ସେମାନଙ୍କୁ ଅଧିକ ନିକଟତର ହେବାରେ ଏହା ସୁଯୋଗ ପ୍ରଦାନ କରିଛି। ସେପ୍ଟେମ୍ବରରେ ଜି-୨୦ ନେତାମାନଙ୍କ ସମିଟ୍‌ରେ ଯୋଗଦେବା ପାଇଁ ବାଇଡେନ୍ ଭାରତ ଗସ୍ତ କରିବେ। ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ ବୋଲି ଲୁ କହିଛନ୍ତି। ଆଗାମୀ ୩ ମାସରେ ଆମେରିକା ପରରାଷ୍ଟ୍ର ସଚିବ ଟୋନି ବ୍ଲିଙ୍କେନ୍, ଅର୍ଥ ସଚିବ ଜାନେଟ ୟେଲେନ୍, ବାଣିଜ୍ୟ ସଚିବ ଗିନା ରାଇମୋଣ୍ଡୋ ଭାରତ ଆସିବା କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀର ଭାରତ-ଆମେରିକା ଫୋରମ୍‌ରେ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେବେ ବୋଲି ଲୁ ସୂଚନା ଦେଇଛନ୍ତି।



ପ୍ରଥମ ପୃଷ୍ଠାରୁ...

## କୁଇ, ଦେଶିଆ ଭାଷାରେ ...

କୁଇ ଓ ଦେଶିଆ ସମ୍ପ୍ରଦାୟ ବିଶେଷ ଉପକୃତ ହେବ ବୋଲି ଆଶା କରାଯାଉଛି। ଜୁଲାଇ ୨୩ ସୁଦ୍ଧା କୋରାପୁଟ ଜିଲାର କୁଇ ଓ ଦେଶିଆ ଭାଷାଭାଷୀ ଛାତ୍ରୀଛାତ୍ରଙ୍କ ପାଇଁ ବହୁଭାଷୀ ବା ଦ୍ୱିଭାଷୀ ପୋଷ୍ଟର ଓ ଚାର୍ଟ ଆଦି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ ପାଠ୍ୟୋପକରଣ ପ୍ରସ୍ତୁତିରେ ଉପରୋକ୍ତ କମିଟି ସଂପୃକ୍ତ ସମ୍ପ୍ରଦାୟର ପରାମର୍ଶ ନେଇପାରନ୍ତି। ଉକ୍ତ ସଂପ୍ରଦାୟର ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କୁ ନେଇ କର୍ମଶାଳା ଆୟୋଜନ କରାଯିବାର ଯୋଜନା ରହିଛି। କର୍ମଶାଳା, ଆଲୋଚନାଚକ୍ର ଆଦିରେ ହେବାକୁଥିବା ବ୍ୟୟ ବଜେଟ୍ ପିଏବି-ସମଗ୍ର ଶିକ୍ଷାରୁ ଭରଣା କରାଯିବ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ତ୍ରିଲୋଚନ କାନୁନ୍‌ଗୋଙ୍କ ଶେଷକୃତ୍ୟ ସମ୍ପନ୍ନ

କଣ୍ଟାପଡ଼ା,୨୨।୪(ଡି.ଏନ୍.ଏ.)

ଜଗତ୍‌ସିଂହପୁରର ପୂର୍ବତନ ଏମ୍‌ପି, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଶିକ୍ଷାବିତ୍ ତ୍ରିଲୋଚନ କାନୁନ୍‌ଗୋଙ୍କର ଶନିବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମସ୍ତିଷ୍କ ଆଘାତରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ତାଙ୍କର ପରଲୋକ ହୋଇଥିଲା। ଶେଷଦର୍ଶନ ପାଇଁ ତାଙ୍କ ମରଶରୀରକୁ ବିଧାନସଭା, କଟକ ମହାନଗର ନିଗମ କାର୍ଯ୍ୟାଳୟ ଓ କଟକ ଜିଲା କଣ୍ଟାପଡ଼ା ବ୍ଲକ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନିଆଯାଇଥିଲା। ଶନିବାର ପୂର୍ବାହ୍ନ ୧୦ଟାରେ ମହାବିଦ୍ୟାଳୟ ପରିସରରୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ କଣ୍ଟାପଡ଼ା ବ୍ଲକ ଅଧୀନ ବ୍ରାହ୍ମଣବାଟୀ ପଞ୍ଚାୟତର ବଡ଼ମୂଳାଇ ଗ୍ରାମକୁ ନିଆଯାଇଥିଲା। ସେଠାରେ କଟକ ମହାନଗର ନିଗମ ମେୟର ସୁବାସ ସିଂ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ଯଜ୍ଞେଶ୍ୱର ବାବୁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏସ୍‌ଭି ନିତ୍ରତାର ନିର୍ଦ୍ଦେଶକ ଡା. ପତିତ ପାବନ ମହାନ୍ତି, ଭାଜପା ନେତା ଛବି ମଲ୍ଲିକ, ଖବରଦାତା ରବି ଦାସ, ପ୍ରସନ୍ନ ମହାନ୍ତିଙ୍କ ସମେତ



ଗ୍ରାମ ଶ୍ମଶାନରେ ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କ ଶେଷକୃତ୍ୟ ସମ୍ପନ୍ନ ହେଉଛି।

### ଗ୍ରାମ ଶ୍ମଶାନରେ ଦିଆଗଲା ରାଷ୍ଟ୍ରୀୟ ମର୍ଯ୍ୟାଦା

ବହୁ ରାଜନେତା ଯୋଗଦେଇ ତାଙ୍କର ଶେଷଦର୍ଶନ କରିଥିଲେ। ପରେ ଜିଲାପାଳ ଚୟନୀ, କଟକ ସଦର ଉପଖଣ୍ଡ ଅଧିକାରୀ ରଶ୍ମିରଞ୍ଜନ ସାହୁ, ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରାଙ୍କ ଉପସ୍ଥିତିରେ ବଡ଼ମୂଳାଇସ୍ଥିତ ଶ୍ମଶାନରେ କାନୁନ୍‌ଗୋଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ଏହାପରେ ତାଙ୍କ ପୁଅ ଶୁଭଦର୍ଶନ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ୧୯୪୦ ସେପ୍ଟେମ୍ବର ୧୨ରେ ବଡ଼ମୂଳାଇ ଗ୍ରାମରେ ତ୍ରିଲୋଚନ ଜନ୍ମଗ୍ରହଣ କରିଥିଲେ। କଟକ ପୌର ପାଳିକାର ଅଧ୍ୟକ୍ଷ ଓ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ସେ ଜଗତ୍‌ସିଂହପୁର ଲୋକ ସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ।

# ଓୟୁଏଟି ଫାର୍ମରେ ଅକ୍ଷିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ରବିବାର ପବିତ୍ର ଅକ୍ଷୟ ତୃତୀୟା। ଚାଷୀମାନଙ୍କ ପାଇଁ ଏହା ଏକ ଶୁଭଦିନ। ଚାଷୀମାନେ ଅକ୍ଷୟ ତୃତୀୟାରୁ ଅକ୍ଷିମୁଠି ଅନୁକୂଳ କରିଥାଆନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରମୁଣ୍ଡା ନିକଟ ଓପିକଲ ସାମ୍ନାରେ ଥିବା ଓୟୁଏଟି ଫାର୍ମରେ ଅକ୍ଷିମୁଠି ଅନୁକୂଳ କରିବେ। ଏହା ପରେ ସେ ମିଶନଶକ୍ତି କାଫେ ସହ କୃଷି ସମୀକ୍ଷା କେନ୍ଦ୍ର ଉଦ୍‌ଘାଟନ କରିବେ। ସେହିପରି ବିଭିନ୍ନ ମନ୍ତ୍ରୀ ଓ ରାଜନୈତିକ ଦଳର ନେତାମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅକ୍ଷିମୁଠି ଅନୁକୂଳ କରିବା କାର୍ଯ୍ୟକ୍ରମ ରହିଛି।

# ପୁଣି ୧୨ ଘଣ୍ଟା ମୋବାଇଲ ନେଟ୍ ସେବା ବନ୍ଦ

ସମ୍ବଲପୁର,୨୨।୪(ବ୍ୟୁରୋ)

ସମ୍ବଲପୁର ଜିଲାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ପଥରମାଡ଼ ଓ ପୋଡ଼ାଜଳା ଘଟଣା ଘଟିଥିଲା। ତେଣୁ ଜିଲା ପ୍ରଶାସନର ଅନୁରୋଧ କ୍ରମେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏପ୍ରିଲ ୧୩ ତାରିଖଠାରୁ ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ ଓ ବିଭିନ୍ନ ନେଟ୍ ସେବା ବନ୍ଦ କରିଦିଆଯାଇଥିଲା। ପର୍ଯ୍ୟାୟକ୍ରମେ ଏହା ଦିନକୁ ଦିନ ବୃଦ୍ଧି କରାଯାଉଛି। ବ୍ରଡ୍‌ବ୍ୟାଣ୍ଡ ଓ ଲିଜ୍ ଲାଇନ ଉପରେ ଗୁରୁବାର ସାମାନ୍ୟ କୋହଳ ହୋଇଥିଲା। ଏବେ ୨୪ ଘଣ୍ଟିଆ ସେବା ଆରମ୍ଭ ହୋଇଛି। କିନ୍ତୁ ମୋବାଇଲ ନେଟ୍ ସେବା ଉପରେ ଏବେ ମଧ୍ୟ ରୋକ୍ ଲଗାଇ ଦିଆଯାଇଛି। ଶନିବାର ସକାଳେ ଜିଲା ପ୍ରଶାସନ ପକ୍ଷରୁ ନେଟ୍ ସେବା ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ କରିବାକୁ ଘୋଷଣା କରାଯାଇଥିଲା। ଏହା ପ୍ରଚାର ହେବା ପରେ ଜନସାଧାରଣ ନେଟ୍ ଆସିଯିବ ବୋଲି ଆଶା କରିଥିଲେ। ହେଲେ ସନ୍ଧ୍ୟା ସମୟରେ ପୁଣି ସମୟ ଅବଧି ବୃଦ୍ଧି କରିଦିଆଯାଇଛି। ପୁଣି ୧୨ ଘଣ୍ଟା ଅର୍ଥାତ୍ ସକାଳ ୬ଟା ପର୍ଯ୍ୟନ୍ତ ମୋବାଇଲ ନେଟ୍ ସେବା ଉପରେ ରୋକ୍ ଲଗାଇ ଦିଆଯାଇଛି। ଏଭଳି ପରିସ୍ଥିତି ହେବାରୁ ଏବେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନ ଓ ପୋଲିସର ଅବହେଳା ପାଇଁ ଏବେ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

# ୨ କନିଷ୍ଠ ଯନ୍ତ୍ରୀ, ଅସ୍ଥାୟୀ କର୍ମଚାରୀ କୋର୍ଟଚାଲାଣ

କୁଜଙ୍ଗ,୨୨।୪(ଡି.ଏନ୍.ଏ)

### ନକଲି ପରିଚୟପତ୍ର ଦେଖାଇ ଆଇଓସିଏଲ୍ ନିଷିଦ୍ଧାଞ୍ଚଳରେ ପଶିଥିଲେ

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପର ନିଷିଦ୍ଧାଞ୍ଚଳକୁ ନକଲି ଏମ୍ପ୍ଲଇ କାର୍ଡରେ ପ୍ରବେଶ କରି ଆଲ୍‌କାଲାଇଟ୍ ଚୋରି କରିବାକୁ ଯୋଜନା କରିବା ଅଭିଯୋଗରେ ୨ କନିଷ୍ଠ ଯନ୍ତ୍ରୀ ଓ ଜଣେ ଅସ୍ଥାୟୀ କର୍ମଚାରୀଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମେସର୍ସ ବ୍ଲେଣ୍ଡିଂ କମ୍ପାନୀରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ବିଶ୍ୱଜିତ୍ ଗୁରୁ, ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ମୃଣ୍ମୟ କୁମାର ବାଇ ଓ କାଠିଆ ଦେହୁରୀ। ବିଶ୍ୱଜିତ୍‌ଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ସାନ ପାଣ୍ଡୁସର ଗ୍ରାମରେ ହୋଇଥିବାବେଳେ କାଠିଆ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଖଡିପାଳ ଗ୍ରାମର। ମୃଣ୍ମୟ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଣିତୋ ଗ୍ରାମର ବାସିନ୍ଦା। ସେମାନଙ୍କ ନିକଟରୁ ଗୋଟିଏ କାର ୮ଟି ଖାଲି ଜାର୍କିନ ଜବତ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନ ୯ଟାରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ପକ୍ଷରୁ ନିୟମିତ ଯାଞ୍ଚ ଚାଲିଥିବାବେଳେ (ଓଡି-୦୬ଡି-୪୨୧୨) ନମ୍ବର ଯୁକ୍ତ ଏକ ମାରୁତି କାର ଆଇଓଟିଏଲ୍ ନିକଟସ୍ଥ ମେସର୍ସ ବ୍ଲେଣ୍ଡିଂ ସାଇଟ୍‌ରେ ଅପେକ୍ଷା କରିଥିଲା। ଉକ୍ତ ଗାଡ଼ିରୁ ୩୦ ଲିଟରିଆ ଜାର୍କିନ୍‌ଗୁଡ଼ିକ ମିଳିଥିଲା। ଗାଡ଼ି ଚାଳକ ବିଶ୍ୱଜିତ୍ ବିଶୋଧନାଗାର ପ୍ରକଳ୍ପରେ କନିଷ୍ଠଯନ୍ତ୍ରୀ ରୂପେ କାର୍ଯ୍ୟରତ ମୃଣ୍ମୟଙ୍କ ନକଲି ଏମ୍ପ୍ଲଇ କାର୍ଡ ଦେଖାଇଥିଲେ। ସନ୍ଦେହ ହେବାରୁ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ସବ୍‌ଇନ୍ସପେକ୍ଟର ଆଶିଷ ଜୋଷୀ ତାଙ୍କୁ ପଚରାଉଚରା କରିଥିଲେ। ପରେ ବିଶ୍ୱଜିତ୍ ଆଇଓସିଏଲ୍‌ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ କାଠିଆ ଓ ମୃଣ୍ମୟଙ୍କ ସହ ମିଶି ନିଷିଦ୍ଧାଞ୍ଚଳରୁ ଆଲକ୍ଲାଇଟ ଆଣି ବାହାରେ ବିକ୍ରି କରିବାର ଯୋଜନା କରିଥିବା କହିଥିଲେ। ଏନେଇ ଶିଳ୍ପ ନିରାପତ୍ତା ବାହିନୀ ୩ ଅଭିଯୁକ୍ତଙ୍କୁ ଅଟକ ରଖି ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତିକରି ପୋଲିସ ଥାନାରେ ମାମଲା (ନଂ. ୧୦୫/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ଉନ୍ନତ ମାନର ପେଟ୍ରୋଲ ଶୋଧନ ନିମନ୍ତେ ଆଲ୍‌କାଲାଇଟ୍ ବ୍ୟବହାର କରାଯାଏ।

# ସମ୍ବଲପୁରରେ ଶାନ୍ତିଶୃଙ୍ଖଳାର ସହ ଇଦ୍ ପାଳନ

ସମ୍ବଲପୁର,୨୨।୪(ବ୍ୟୁରୋ)

### ବାରଣ ସତ୍ତ୍ୱେ ଇଦ୍‌ଗାରେ ନମାଜ ପାଠ

ଶନିବାର ସମ୍ବଲପୁର ସହରରେ ଶାନ୍ତିପୂର୍ଣ୍ଣ ଭାବେ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଇଦ୍ ପର୍ବ ପାଳିତ ହୋଇଯାଇଛି। ପ୍ରାୟ ଏକ ସପ୍ତାହ ହେବ ସହରରେ ହିଂସା ଓ ଉତ୍ତେଜନା ଯୋଗୁ କର୍ଫ୍ୟୁ ଲାଗି ରହିଛି। ଭୟର ବାତାବରଣ ଲାଗି ରହିଥିବା ସତ୍ତ୍ୱେ କର୍ଫ୍ୟୁ କୋହଳ କରାଯିବା ସମୟରେ ଇସ୍‌ଲାମ ଧର୍ମାବଲମ୍ବୀମାନେ ନମାଜ ପାଠ କରିବା ସହ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ନିର୍ଦ୍ଧାରିତ ସମୟ ଅନୁସାରେ ପବିତ୍ର ରମ୍‌ଜାନ ମାସରେ ଉପବାସ ରହିଥିଲେ। ଶନିବାର ସେମାନେ ନମାଜ ପାଠ କରି ଇଦ୍ ପାଳନ କରିଥିଲେ। ସମ୍ବଲପୁର ମହାନଗର ନିଗମ ଅଧୀନରେ ୧୦ ଗୋଟି ମସ୍‌ଜିଦ ରହିଛି। ସେଥିମଧ୍ୟରୁ ୬ ଗୋଟି ସମ୍ବେଦନଶୀଳ ସ୍ଥାନରେ ରହିଛି। ସମ୍ବେଦନଶୀଳ ସ୍ଥାନରେ ଥିବା ମସ୍‌ଜିଦ ସମ୍ମୁଖରେ ଅଧିକାରୀମାନଙ୍କ ସହ ୧ ପ୍ଲାଟୁନ ଲେଖାଏଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅନ୍ୟ ମସ୍‌ଜିଦ ସମ୍ମୁଖରେ ସେକ୍‌ସନ ଅଫିସରଙ୍କୁ ନେଇ ଟିମ୍ ନିୟୋଜିତ ରହିଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରି ଦିଆଯାଇଛି। ବାଇକ୍ ପାଟ୍ରୋଲିଂ ମଧ୍ୟ ହୋଇଥିଲା। ଇଦ୍‌ଗାରେ ନମାଜ ପାଠ ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ହେଲେ କେତେଜଣ ବ୍ୟକ୍ତି ଇଦ୍‌ଗାରେ ନମାଜ ପାଠ କରିଥିବା ଜଣାପଡ଼ିଛି। ଅନ୍ୟପଟେ ମସ୍‌ଜିଦଗୁଡିକରେ ସାମୂହିକ ନମାଜ ପାଠ କରାଯାଇଥିଲା। କିନ୍ତୁ ଭୟର ବାତାବରଣ ଯୋଗୁ ଚଳିତବର୍ଷ ଇଦ୍ ପାଳନ ଉତ୍ସାହ ସେଭଳି ରହି ନ ଥିଲା। ମହମ୍ମଦ ହାସିମ କହିଛନ୍ତି, ଇଦ୍ ପାଳନ ହେଲା। ହେଲେ ପରିସ୍ଥିତି ଦୃଷ୍ଟିରୁ ବନ୍ଧୁବାନ୍ଧବ,ସାଙ୍ଗସାଥୀମାନଙ୍କୁ ନିମନ୍ତ୍ରଣକରି ହେଲା ନାହିଁ। ସେହିପରି ଇଦ୍ ପାଇଁ ହେଉଥିବା ବ୍ୟବସାୟରେ ମଧ୍ୟ କ୍ଷତି ହୋଇଥିଲା। କପଡ଼ା ବଜାରରୁ ଆରମ୍ଭ କରି ଲଚ୍ଛା, ଖଜୁର, ବିଭିନ୍ନ ପ୍ରକାର ଫଳ ଓ ମିଷ୍ଟାନ୍ନର ଭଲ ବ୍ୟବସାୟ ହୋଇନାହିଁ। ଲଚ୍ଛା ବ୍ୟବସାୟୀ ମହମ୍ମଦ ଜଲିଲ କହିଛନ୍ତି, ପ୍ରତିବର୍ଷ ଇଦ୍ ସମୟରେ ୧୦ ଟନ୍ ଲଚ୍ଛା ବିକ୍ରି ହେଉଥିଲା। ରାଉରକେଲା ଓ ବାହାରୁ ସାମଗ୍ରୀ ଆଣିବାକୁ ପଡୁଥିଲା। ଚଳିତବର୍ଷ ସହର ପରିସ୍ଥିତି ଯୋଗୁ ଆଦୌ ବ୍ୟବସାୟ କଲେ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ମୁସଲମାନମାନେ ନିୟମ ଓ ଅନୁମତି ଅନୁସାରେ ନମାଜ ପାଠ କରିଥିଲେ। କୌଣସି ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନାହିଁ। ଶାନ୍ତିପୂର୍ଣ୍ଣ ଭାବେ ଇଦ୍ ପାଳନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ବୋଲି ସେ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆତ୍ମୀୟଙ୍କ ଗହଣରେ ଦୁଃଖକୁ ପାସୋରିଦେବେ। ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ବିଜ୍ଞବ୍ୟକ୍ତିମାନଙ୍କ ନିକଟରୁ ଆଦର ସମ୍ମାନ ପାଇବେ। ଆଜିର ଯାତ୍ରା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସାଙ୍ଗକୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରୁ ମଧ୍ୟ ଲାଭବାନ୍ ହୋଇପାରନ୍ତି। ମହିଳାମାନେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଛୁଟିବ। ସ୍ଥଗିତ କାମରେ ନାସ୍ତି ସୂଚନା ପାଇଲେ ମଧ୍ୟ କୃତକାର୍ଯ୍ୟ ହେବେ। ଆକସ୍ମିକ ଭାବେ ମତାନ୍ତରଜନିତ କୌଣସି ବନ୍ଧୁଙ୍କ ପ୍ରତ୍ୟାଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ନିଜର କଳାକୃତି ଓ କୃତିତ୍ୱ ହେତୁ ବନ୍ଧୁ ମହଲରେ ସମ୍ମାନିତ ହୋଇପାରନ୍ତି।

**ମିଥୁନ** କିଛି ପାଇବାର ଅଭିଳାଷ ନେଇ ମାନସିକ ସ୍ତରରେ ଉତ୍ସୁକତା ଅନୁଭବ କରିବେ। ଅନ୍ୟକୁ ଆକର୍ଷିତ କରାଇ କାର୍ଯ୍ୟ ହାସଲରେ ସମର୍ଥ ହେବେ। ପୁରସ୍କୃତ କିମ୍ବା ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଜୁଟିବ, ଯାହାକି ଆଦୌ ଆଶା କରି ନ ଥିବେ। ପାରିବାରିକ କ୍ଷେତ୍ରରେ ଆପଣ ସବୁ ଜାଣିଶୁଣି ମଧ୍ୟ ନୀରବ ରହିପାରିଲେ ଭଲ ହେବ।

**କର୍କଟ** ପାରିବାରିକ ବ୍ୟତିକ୍ରମକୁ ସହୃଦୟତାର ସହ ଗ୍ରହଣ କରିବାକୁ ପଡ଼ୋଶୀ ପ୍ରେରଣା ଦେବେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି। ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତି, ଧାର୍ମିକ ତଥା ଆନୁଷ୍ଠାନିକ କାମରେ ଲକ୍ଷ୍ୟ ପୂରଣ ହେବ। ଦାମ୍ପତ୍ୟ ଜୀବନରେ ଭୁଲ୍ ବୁଝାମଣା ମାନସିକ ଅଶାନ୍ତିକୁ ନିମନ୍ତ୍ରଣ କରିପାରେ।

**ସିଂହ** ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ରାଜନୀତି, ଆଇନ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ମତପାର୍ଥକ୍ୟଜନିତ କିମ୍ବା ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ଯାହା ଆଶା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** ଆଜି ଅନ୍ୟମାନଙ୍କର ମନ ମୁତାବକ କାମ କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରି ହେବ ନାହିଁ। ଅବଶ୍ୟ ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ ନିର୍ମାଣ, ଜମି କିଣାବିକା, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ। ମଧ୍ୟାହ୍ନରେ ଜଣେ ବନ୍ଧୁଙ୍କ ବ୍ୟବହାରକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ତୁଳା** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଏକ ପ୍ରକାର ଭଲରେ ଅତିବାହିତ ହେବ। ନୂତନ କର୍ମାରମ୍ଭ, ସଭାସମିତି, ବନ୍ଧୁମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନ କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ। କର୍ମକ୍ଷେତ୍ରରୁ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା** ଆପଣଙ୍କ ନିଷ୍ପତ୍ତିକୁ ସୁନିୟନ୍ତ୍ରିତ କରିବାରେ ବିଫଳ ହେବେ। ପିଲାମାନଙ୍କର କେତେକ ବ୍ୟତିକ୍ରମ ଓ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ଅବଶ୍ୟ ମାଙ୍ଗଳିକ କାମ, ଅତିଥି ଚର୍ଚ୍ଚା ଓ ବ୍ୟବସାୟିକ ସଫଳତା ହେତୁ ଉପକୃତ ହେବେ। ଆତ୍ମୀୟଙ୍କ ସଦ୍ଭାବ ଓ ବନ୍ଧୁମାନଙ୍କ ଶୁଭେଚ୍ଛା ସାମୟିକ ଭାବରେ ମନକୁ ଆହ୍ଲାଦିତ କରିବ।

**ଧନୁ** ଯୁକ୍ତିତର୍କକୁ ନେଇ ନିଜ ଲୋକ ଦୂରେଇ ଯିବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ପୂର୍ବ ସମସ୍ୟାକୁ କେନ୍ଦ୍ରକରି ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ। ଆର୍ଥିକ ସ୍ଥିତି କୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ପ୍ରଭାବିତ ହେବ ନାହିଁ। କୌଣସି ବନ୍ଧୁଙ୍କ ସାହାଯ୍ୟ ଲାଭ କରି ସ୍ଥଗିତ କାମ ହାସଲ କରିବେ।

**ମକର** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦିନଟି ପ୍ରତିକୂଳ ପ୍ରଭାବ ପକାଇବାର ସୂଚନା ରହିଛି।

**କୁମ୍ଭ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କିନ୍ତୁ ଯାତ୍ରା, ପ୍ରକାଶନ, ପ୍ରଶାସନ, ଆଇନ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରୁ ପ୍ରଶଂସିତ ହେବେ। ଯାନ୍ତ୍ରିକ ଜିନିଷ, ବିଳାସ ବସ୍ତୁ, ଯାନବାହନ ପ୍ରଭୃତି ପାଇଁ ମନ ବଳାଇବେ। ବନ୍ଧୁମିଳନ, ମାଙ୍ଗଳିକ କାର୍ଯ୍ୟରେ ନିଜକୁ ସହଭାଗିତା କରାଇପାରନ୍ତି।

**ମୀନ** ଆଜି ବନ୍ଧୁଙ୍କ ସହୃଦୟତା, ପାରିବାରିକ ସଦ୍ଭାବ ପାଇବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଯାନବାହନ, ତର୍କ ବିତର୍କରେ ସତର୍କ ରହିବା ଭଲ ହେବ। ଚିକିତ୍ସାଧୀନ କୌଣସି ବନ୍ଧୁଙ୍କ ଆଶୁ ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି। ସନ୍ତାନଙ୍କ ସଫଳତାରେ ଘରେ ଆନନ୍ଦ ଲହରି ଛୁଟିବ।

ଆଜି ବୈଶାଖ ଶୁକ୍ଳପକ୍ଷର ଅକ୍ଷୟତୃତୀୟା ରବିବାର, ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା ଓ ବେଶଲାଗି ଆରମ୍ଭ, ରଥ ଅନୁକୂଳ, ରେବତୀ ବିବାହ ଉତ୍ସବ, ଶ୍ରୀମନ୍ଦିରରେ ଅକ୍ଷୟତୃତୀୟା, ଅପ୍ରେଲ ୨୩ ତାରିଖ, କବି ଜୟଦେବ ଓ ପର୍ଶୁରାମ ଜୟନ୍ତୀ, ବିଶ୍ୱ ପୁସ୍ତକ ଦିବସ, ବିଶ୍ୱ କପି ରାଇଟ୍ ଦିବସ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୭ ଗତେ ଘ.୦୧।୩୯ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୮ ଗତେ ଘ.୦୬।୦୩ ମଧ୍ୟେ ରାହୁକାଳ।

Azadi Ka Amrit Mahotsav

सत्यमेव जयते
GOVERNMENT OF INDIA

G20 भारत 2023 INDIA
वसुधैव कुटुम्बकम
ONE EARTH • ONE FAMILY • ONE FUTURE

## ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ

# ଭବିଷ୍ୟତର କାର୍ଯ୍ୟଶୈଳୀ ଓ ଦକ୍ଷତା

## ଅସୀମ ସମ୍ଭାବନାର ଭବିଷ୍ୟତରେ ନିଜକୁ ଯୋଡ଼ନ୍ତୁ

**#G20FutureOfWork**

### ମୁଖ୍ୟ ବିଷୟଗୁଡ଼ିକ

- କାର୍ଯ୍ୟ ପ୍ରଦର୍ଶନର ଭବିଷ୍ୟତ କୃଷି, ମୋବିଲିଟି ଏବଂ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ଧ୍ୟାନ ଦେବ ଏବଂ ଭବିଷ୍ୟତର କୌଶଳ କୁ ଇମର୍ସିଭ୍ ଟେକ୍ନୋଲୋଜି, ଇଣ୍ଟରାକ୍ଟିଭ୍ ୱାଲ୍, ହୋଲୋଗ୍ରାଫିକ୍ ପ୍ରଦର୍ଶନ ଇତ୍ୟାଦିର ବ୍ୟବହାର ଦର୍ଶାଇବ
- ମେଟାଭର୍ସ ଏ.ଆର / ଭି.ଆର. ଆଧାରିତ ସମାଧାନ
- ରିଭର୍ସ ଇଞ୍ଜିନିୟରିଂ ଏବଂ ସ୍ୱୟଂଚାଳିତ ଡିଜାଇନ୍ ସମାଧାନ ଉପରେ ପ୍ରଦର୍ଶନୀ
- ଡ୍ରୋନ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ
- ଏ.ଆର. / ଭି.ଆର. ଅଭିଜ୍ଞ ଶିକ୍ଷଣ ଉତ୍ପାଦ ପ୍ରଦର୍ଶନ ଏବଂ ସମୃଦ୍ଧ ଐତିହ୍ୟ, ଏଜିଭିସି ପ୍ରଦର୍ଶନ କରୁଥିବା ୩ଡି ମଡେଲ୍ ବ୍ୟବହାର କରିବା ସମୟରେ ଏଡୁଟେକ ସମାଧାନ ପ୍ରଦାନ
- ଶିଳ୍ପ ୪.୦ କୌଶଳ ପାଇଁ ପ୍ରୟୋଗ ଏବଂ ଆକ୍ସନ୍ ଲର୍ନିଂ ଲ୍ୟାବ୍ ପ୍ରଦର୍ଶନ
- ଭର୍ନାକୁଲାର ଲର୍ଣ୍ଣିଂ ଆଧାରିତ ଟେକ୍ ସମାଧାନ, ଭର୍ଚୁଆଲ୍ ଇଣ୍ଟର୍ନସିପ୍ ସମାଧାନ, ଇମର୍ସିଭ୍ ଟେକ୍ ଲର୍ନିଂ ସମାଧାନ
- ସହାୟକ ଟେକ୍ନୋଲୋଜି ଇନୋଭେସନ୍ ର ଲାଇଭ୍ ପ୍ରଦର୍ଶନ ସହିତ ଅନ୍ତର୍ଭୁକ୍ତି ପାଇଁ ସହାୟକ ଟେକ୍ନୋଲୋଜି ପ୍ରଦର୍ଶନ
- ୧୦ଟି ବୈଷୟିକ କ୍ଷେତ୍ର
- ୧୦୦+ ପ୍ରଦର୍ଶକ

ଶୁଭ ଉଦ୍‌ଘାଟନ

## ଧର୍ମେନ୍ଦ୍ର ପ୍ରଧାନ

ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାରଙ୍କ
କରକମଳରେ

**ତାରିଖ : ୨୩-୨୫ ଅପ୍ରେଲ ଏବଂ ୨୭-୨୮ ଅପ୍ରେଲ, ୨୦୨୩**
**(୨୬ ଅପ୍ରେଲ କେବଳ ଅଭ୍ୟାଗତଙ୍କ ପାଇଁ ଖୋଲା)**

**ସମୟ : ସକାଳ ୧୦ ଘଟିକା ଠାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ**

**ସ୍ଥାନ : ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର**

ମୁଁ ନିଶ୍ଚିତ କରୁଛି ଯେ ଭାରତର ଜି-୨୦ ଅଧ୍ୟକ୍ଷତା ସମାବେଶୀ, ଉଚ୍ଚାଭିଳାଷୀ, ନିର୍ଣ୍ଣାୟକ ଏବଂ କାର୍ଯ୍ୟ ଭିତ୍ତିକ ହେବ ।

ନରେନ୍ଦ୍ର ମୋଦୀ





CBC 63101/13/0001/2324

ପଞ୍ଜୀକରଣ ପାଇଁ QR କୋଡ ସ୍କାନ୍ କରନ୍ତୁ

ପଞ୍ଜୀକରଣ କରିବାକୁ, ଲଗ୍‌ଅନ୍ କରନ୍ତୁ-
**g20indiafutureofwork.org**

ସମୁଦ୍ରରେ ଜାହାଜ ବୁଡିଗଲା ବେଳେ, ଯେତେବେଳେ ମୋ ଛଡା ସମସ୍ତେ ବୁଡିମଲେ– ସେତେବେଳେ ଭଗବାନଙ୍କ କୃପାରୁ ମୁଁ କେବଳ ରକ୍ଷା ପାଇଗଲି ଏବଂ ଅନ୍ୟପକ୍ଷରେ ଏକଥା ବି ସତ ଯେ, ଜାହାଜ ଜଳମଗ୍ନ ହେଲାବେଳେ ସମସ୍ତେ ରକ୍ଷାପାଇଗଲେ। କିନ୍ତୁ ଭଗବାନ ମୋ ହାତରୁ ଶେଷ ଆଶ୍ରୟଟି ଛଡାଇ ନେଲେ ଓ ମୁଁ ବୁଡିଗଲି। ଏହା ମଧ୍ୟ ଭଗବାନଙ୍କ କୃପା ବୋଲି ଧରିବାକୁ ହେବ। –ଶ୍ରୀଅରବିନ୍ଦ

# ଆତ୍ମବିଶ୍ୱାସର ଅଭାବ



ଆକାର ପଟେଲ

ନୂଆ ଭାରତ ଏବେ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର। ପୁରୁଣା ଭାରତ ମଧ୍ୟ ୧୯୪୭ ପର୍ଯ୍ୟନ୍ତ ବିଶ୍ୱରେ ସବୁଠୁ ଜନବହୁଳ ଦେଶ ଥିଲା। ଏଣୁ ଏ ଦୃଷ୍ଟିରୁ ବିଚାରକଲେ ଏହା କିଛି ନୂଆ କଥା ନୁହେଁ। ଭାରତ ସବୁବେଳେ ସର୍ବାଧିକ ଜନବହୁଳ ଦେଶ ରହିଆସିଛି। ତେବେ ମାନି ନେବା ଯେ, ଏବେ ଆମେ ପ୍ରଥମ ଥର ପାଇଁ ଏହି ସ୍ଥିତିରେ ଅଛୁ। ଦୁଇ ଦଶନ୍ଧି ପୂର୍ବରୁ ଜନସଂଖ୍ୟା ୧୦୦ କୋଟି ଟପିଯାଇଥିଲା ବୋଲି ଭାରତ ଘୋଷଣା କରିଥିଲା ଏବଂ ସେତେବେଳେ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲେ। ଜଣେ ଶିଶୁକୁ ୧୦୦ କୋଟିର ପିଲା ଭାବେ ଘୋଷଣା କରାଯିବା ସହ ଏକ ନୂଆ ଯୁଗ ଆରମ୍ଭ ହେଲା ବୋଲି କୁହାଯାଇଥିଲା। ସେ ସମୟରେ ଭାରତ ନିୟମିତ ଭାବେ ଜନଗଣନା କରିଆସୁଥିଲା, ଏଣୁ ଚାଇନାକୁ ଆମେ ଟପିଯାଇଥିବା ବିଷୟ ବାହାର ଦେଶ ଆମକୁ ଜଣାଇବାର ଆବଶ୍ୟକତା ନ ଥିଲା। ସେହି ସମୟ ପାଖାପାଖିରେ ଏପିଜେ ଅବଦୁଲ କଲାମ 'ଇଣ୍ଡିଆ ୨୦୨୦' ନାମକ ଏକ ବହି ଲେଖିଥିଲେ। ଆମେ କିଭଳି ୨୦୨୦ ସୁଦ୍ଧା ଏକ ବିକଶିତ ଦେଶ ହୋଇପାରିବା ଏବଂ ସେଭଳି ହେବାର ସମ୍ଭାବନା ଅଛି, ସେ ସମ୍ପର୍କରେ କଲାମ ସେଥିରେ ଉଲ୍ଲେଖ କରିଥିଲେ। ଏହା କିପରି ହାସଲ କରାଯାଇପାରିବ ସେ ବିଷୟରେ ଅନେକ ଅଧ୍ୟାୟ ସେହି ପୁସ୍ତକରେ ଥିଲା। ନିକଟରେ ମୁଁ ସେହି ବହିକୁ ପଢ଼ି ଅନୁଧ୍ୟାନ କଲି ଏବଂ ଏହା କେତେ ସରଳ ଓ ପ୍ରଭାବଶାଳୀ ତାହା ଜାଣିପାରିଲି। ଆମ ଚତୁଃପାର୍ଶ୍ୱରେ ଏବେ ଦେଖୁଥିବା କୌଣସି ବିଷୟକୁ ଏହା ଆକଳନ କରି ନ ଥିଲା କିମ୍ବା ଏସବୁ ଘଟିବାର ଆଶା ବି କରି ନ ଥିଲା। ହେଲେ ବିକଶିତ ହେବାର ସ୍ଲୋଗାନ ପରିବର୍ତ୍ତନ ହେବାରେ ଲାଗିଥିବାରୁ ଆମେ ସବୁବେଳେ ଦ୍ୱନ୍ଦ୍ୱରେ ରହୁଛୁ। ଆମେ ଏବେ ଅମୃତକାଳରେ ଅଛୁ ଏବଂ ଚାଇନାକୁ ଜନସଂଖ୍ୟାରେ ଟପିଯିବାରେ ସାହାଯ୍ୟ କରିବାର ପ୍ରତୀକ ଭାବେ ଯଦି ସରକାରୀ ଭାବେ ଜଣେ ଶିଶୁକୁ ଘୋଷଣା କରାଯାଏ, ତେବେ ଆମେ କେଉଁଠି ଅଛୁ ତାହାର ଏକ ଆକଳନ ଉପସ୍ଥାପନ କରିବାକୁ ପଡ଼ିବ। ପ୍ରଥମେ ଜନସଂଖ୍ୟାଭିତ୍ତିକ ଲାଭକୁ ଦେଖିବା। କାର୍ଯ୍ୟକରିବା ବୟସର ସଂଖ୍ୟାଧିକ ଲୋକ ରହିଲେ ଏହା ହାସଲ ହୁଏ। କିଛି ବର୍ଷ ପୂର୍ବରୁ ଆମେ ଏଭଳି ଏକ ସମୟରେ ପ୍ରବେଶ କରିଥିଲୁ, କିନ୍ତୁ କାମ କରିବାକୁ ସକ୍ଷମ ଲୋକମାନଙ୍କ ପାଇଁ ଅଳ୍ପ ଚାକିରି ଥିବାରୁ ଲାଭ ପାଇପାରି ନାହୁଁ। ଯେଉଁମାନେ କାମ କରିବାକୁ ଅଛନ୍ତି ସେମାନଙ୍କ ମଧ୍ୟରୁ ୧୫ ବର୍ଷ ବୟସରୁ ଅଧିକ ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୦%। ପାକିସ୍ତାନ ଓ ବାଂଲାଦେଶ ତୁଳନାରେ ବିଶେଷକରି ଆନୁପାତିକ ଭାବେ ଭାରତୀୟ ମହିଳାମାନେ ବହୁ ସଂଖ୍ୟାରେ ଶ୍ରମ ଶକ୍ତିର ବାହାରେ ରହିଛନ୍ତି। କେବଳ ମହିଳାଙ୍କ କ୍ଷେତ୍ରରେ ନୁହେଁ, ବରଂ ସମୁଦାୟ ଜନସଂଖ୍ୟାକୁ ବିଚାର କଲେ ସ୍ଥିତି ମଧ୍ୟ ଏହିପରି।

କିଛିଦିନ ତଳେ ୱାଲ୍‌ଷ୍ଟ୍ରିଟ ଜର୍ନାଲରେ ଭାରତ ଜନସଂଖ୍ୟାରେ ଚାଇନାକୁ ଟପିବା ସମ୍ପର୍କରେ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା। ଏହା ଦର୍ଶାଇଥିଲା ଯେ, ବିଗତ ଏକ ଦଶନ୍ଧିରେ ୧୦ କୋଟିରୁ ଅଧିକ ଲୋକ ଶ୍ରମଶକ୍ତିରେ ପ୍ରବେଶ କରିଥିଲେ ବି ସେମାନଙ୍କ ପାଇଁ ଚାକିରି ବଢ଼ିନାହିଁ। ୨୦୨୨ରେ କାମ କରୁଥିବା ମୋଟ ଭାରତୀୟଙ୍କ ସଂଖ୍ୟା ୪୦.୨ କୋଟି ଥିଲା, ଯାହା ୨୦୧୭(୪୧.୩ କୋଟି)ଠାରୁ କମ୍। ନୂଆ ଚାକିରି ବଢ଼ାଇ ପାରିନାହୁଁ, ବରଂ ଯାହା ଥିଲା ସେଥିରୁ କିଛି ହରାଇଛୁ। କାରଣ ଭାରତୀୟମାନେ ଅଧିକ ନିବେଶ କରୁନାହାନ୍ତି। ଦି ଇକୋନୋମିକ ଟାଇମ୍ସ ସେପ୍ଟେମ୍ବର ୨୦୨୨ରେ ଏକ ରିପୋର୍ଟ ପ୍ରକାଶ କରିଥିଲା। ଭାରତର ନିବେଶ ହାର ଜିଡିପିର ୩୯%ରୁ ୩୧%କୁ କମିଛି ବୋଲି ଶୀର୍ଷକରେ ଉଲ୍ଲେଖ କରାଯାଇଥିଲା। ବିଶ୍ୱ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ିଛି, ଜିଡିପିର ଗ୍ରସ୍ ଫିକ୍ସଡ କ୍ୟାପିଟାଲ ଫର୍‌ମେଶନ ବା ସରକାରୀ ଓ ଘରୋଇ କ୍ଷେତ୍ରରେ ମୋଟ ପୁଞ୍ଜି ବ୍ୟୟ ୨୦୧୧ରେ ୩୧% ଥିଲାବେଳେ ୨୦୨୨ରେ ଏହା ୨୨%ରେ ପହଞ୍ଚିଛି। ଏଭଳି ଘଟିବାର କାରଣ ହେଉଛି ଭବିଷ୍ୟତକୁ ନେଇ ଆମେ ଆଶାବାଦୀ ନ ହେବା ଏବଂ ଆତ୍ମବିଶ୍ୱାସର ଅଭାବ। ଏଣୁ ବହୁସଂଖ୍ୟକ ଭାରତୀୟ ଭବିଷ୍ୟତ ଉପରେ ନିବେଶ କରିବେ ନାହିଁ, କାରଣ ସେମାନେ ଭାବନ୍ତି ଯେ ଏହା ନିରାଶାଜନକ।

ବିଶ୍ୱର ଅନ୍ୟ ଏକ ପ୍ରମୁଖ ଦୈନିକ ପ୍ରକାଶନ ଫାଇନାନ୍ସିଆଲ ଟାଇମ୍ସ ୨୦ ଏପ୍ରିଲ ୨୦୨୩ରେ 'ଭାରତର ଗଣତାନ୍ତ୍ରିକ ଅଧୋଗତି' ଶୀର୍ଷକ ଏକ ସମ୍ପାଦକୀୟ ପ୍ରକାଶ କରିଥିଲା। ଏହି ସମ୍ପାଦକୀୟ ଭାରତୀୟ ଜନସଂଖ୍ୟା ରିପୋର୍ଟ ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରିଥିଲା। କିନ୍ତୁ ଖବରକାଗଜର ସମ୍ପାଦକୀୟ ବୋର୍ଡ ଆଉ କିଛି ଜଣାଇବାକୁ ଚାହିଁଥିଲା, ଯାହା ଆମ ମିଡିଆ ଆମକୁ କହିନାହିଁ। କାରଣ ଏଥିରେ ଭାରତର କିମ୍ବା ଭାରତ ସରକାରଙ୍କ ଲାଭ ଅଛି। ମୁଦ୍ରାସ୍ଫୀତି ଉଚ୍ଚ ଥିଲାବେଳେ, ୟୁରୋପରେ ଯୁଦ୍ଧ ଚାଲିଥିବା ସମୟରେ ଏବଂ ଚାଇନା ପ୍ରମୁଖ ବିପଦ ଭାବେ ଉଭା ହୋଇଥିବାବେଳେ ଭାରତକୁ ଏକ ପ୍ରତିସନ୍ତୁଳନକାରୀ ରାଷ୍ଟ୍ର ଭାବେ ଦେଖାଯାଉଛି। ଯଦି ଭାରତ ଏକାଧିକ ଦେଶକୁ ଏକାଠି କରିବା ବିଚାରଧାରା ଏବଂ ଖୋଲା ମନୋଭାବ ପ୍ରକାଶ କରିଥା'ନ୍ତା ତେବେ ଭଲ ହୋଇଥାଆନ୍ତା। ଏହା ଠିକ୍, କିନ୍ତୁ ସମ୍ପୂର୍ଣ୍ଣ ଭାବେ ନୁହେଁ। ତେବେ ସ୍ୱୀକାର କରିବା ଉଚିତ, ବାହାର ଦେଶର ପ୍ରତିଷ୍ଠିତ ମିଡିଆରେ କଠୋର ଶବ୍ଦ ପ୍ରକାଶ ପାଉଥିବା ସତ୍ତ୍ୱେ ଆମେ ଅମୃତକାଳରେ ବିଶ୍ୱଗୁରୁ ହେବାର ଦିବାସ୍ୱପ୍ନକୁ ସାଙ୍ଗରେ ନେଇ ଯାଇପାରିବା। ସୁଖର କଥା ଏଥିପାଇଁ ବିଶ୍ୱ ଆମକୁ ବାଟ ଦେଖାଇବା ଆବଶ୍ୟକତା ନାହିଁ। ସ୍ୱାଧୀନତାର ୭୫ ବର୍ଷ ପରେ ଆମେ ଯେଉଁଠି ଅଛୁ ତାହାର ବାସ୍ତବତାକୁ ଯଦି ହୃଦୟଙ୍ଗମ କରିବାକୁ ଚାହିଁବା ତେବେ ଆମେ ନିଜକୁ ଜାଣିପାରିବା ଏବଂ ସହଜରେ ବୁଝିପାରିବା। କିନ୍ତୁ ଆମ ସମ୍ବିଧାନ ଏବଂ ତାହାର ମୂଲ୍ୟ ରାଜନୀତିର କେନ୍ଦ୍ରରେ ନାହିଁ। ଯଦି ସବୁକିଛି ସେହି କେନ୍ଦ୍ରରୁ ଆମେ ଶୀଘ୍ର ଦୂରେଇ ନେବା ତେବେ ବୁଝିବାକୁ ହେବ ଯେ, ଆମେ ଯେଉଁ ଆଡ଼କୁ ଗତିକରୁଛୁ ତାହାର ଆଭାସ କେବେବି ପାଇବାକୁ ସକ୍ଷମ ହେବୁ ନାହିଁ। ବିଶ୍ୱର ସବୁଠୁ ଜନବହୁଳ ଦେଶ ଦେବା ସମ୍ପର୍କିତ ପ୍ରକାଶିତ ସବୁ ଖବରକୁ ବାସ୍ତବତା ଦୃଷ୍ଟିକୋଣରୁ ଦେଖିବା ଉଚିତ।

Email:aakar.patel@gmail.com

# ଗୀତଗୋବିନ୍ଦ ଓ ଜୟଦେବ



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରାଚୀନ କାଳରେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସ୍ଥାପତ୍ୟ ଆଦି କ୍ଷେତ୍ରରେ ଯେଉଁ ଉତ୍କର୍ଷ ସାଧିତ ହୋଇଥିଲା, ତା'ର ମୂଳରେ ଥିଲା ସଂସ୍କୃତ ସାହିତ୍ୟ। ସେହି ସଂସ୍କୃତ ସାହିତ୍ୟକୁ ଉତ୍କଳୀୟ ସଂସ୍କୃତ କବିର ସର୍ବଶ୍ରେଷ୍ଠ ଅବଦମନ ହେଉଛି ଶ୍ରୀ ଜୟଦେବଙ୍କ 'ଗୀତଗୋବିନ୍ଦ'। ଦ୍ୱାଦଶ ଶତାବ୍ଦୀର କବି ଶ୍ରୀଜୟଦେବ। ଉତ୍କଳ ଭୂପତିଙ୍କ ସଭା ମଣ୍ଡନ କରୁଥିବା ସର୍ବଶ୍ରେଷ୍ଠ ପଣ୍ଡିତ। ସେ କେବଳ ବେଦଜ୍ଞ ପଣ୍ଡିତ ନୁହନ୍ତି, ଅଧିକନ୍ତୁ ଜଣେ ସଙ୍ଗୀତ ଓ ବାଦ୍ୟ ବିଶାରଦ। ଜୟଦେବଙ୍କ 'ଗୀତଗୋବିନ୍ଦ' ଭାରତୀୟ କାବ୍ୟ ପରମ୍ପରାର ଏକ ବିରାଟ ବିସ୍ମୟ। ଗୀତ, ନାଟ୍ୟ, ଭକ୍ତି, ପ୍ରେମ ଓ ଶୃଙ୍ଗାରର ଏକ ଅପୂର୍ବ ସମନ୍ୱୟ। ବୈଷ୍ଣବୀୟ ଭାବ ସମ୍ବଳିତ ଏହି ଗୀତିକାବ୍ୟ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି କବି ଜୟଦେବଙ୍କ ଭକ୍ତିପୂତ ପୁଷ୍ପାଞ୍ଜଳି। ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା ଭାବରେ ପର୍ଯ୍ୟବସିତ ଏହି କାବ୍ୟର କଳେବର ଅତ୍ୟନ୍ତ କ୍ଷୀଣ ହେଲେ ବି ଏହା ସଂସ୍କୃତ ସାହିତ୍ୟର ସର୍ବଶ୍ରେଷ୍ଠ ଗୀତିକାବ୍ୟ ରୂପେ ଗୃହୀତ, ପରିଚିତ ଓ ପ୍ରତିଷ୍ଠିତ। ୧୨ଟି ସର୍ଗ, ୨୪ଟି ଗୀତି ଓ ୭୨ଟି ଶ୍ଳୋକ ମଧ୍ୟରେ ସୀମିତ ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ ତଥା ସୁଲଳିତ ଯମକପୂର୍ଣ୍ଣ ଭାଷା ଚାତୁର୍ଯ୍ୟରେ ଅଭିଭୂତ ହୁଅନ୍ତି ସଂସ୍କୃତ ସାହିତ୍ୟର ପଣ୍ଡିତମାନେ। ବିଶେଷକରି ବିଦଗ୍ଧଙ୍କୁ ମୁଗ୍ଧ କରେ ତା'ର ରାସକେଳି ଓ ଦଶାବତାର ପ୍ରସଙ୍ଗ ବର୍ଣ୍ଣନା।

ଭକ୍ତ ଓ ଭଗବାନ୍‌ଙ୍କ ସମ୍ପର୍କର ସବୁଠାରୁ ଶୀର୍ଷ ରୂପକୁ ବୈଷ୍ଣବ ତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଥିଲେ ପରକୀୟା ପ୍ରୀତିରେ। ସ୍ୱାମୀ, ଶାଶୁ, ନଣନ୍ଦ ଆଦି ପରିବାରର ସମସ୍ତେ ଥାଇ ବି କୁଳବଧୂ ପଡୁଛି ପରପୁରୁଷ ପ୍ରେମରେ। ଜଣେ ନୁହେଁ, ଜଣେ ପୁରୁଷ ପ୍ରେମରେ ପଡ଼ିଛନ୍ତି ଅନେକ କୁଳବଧୂ। ଏକଥା ଜାଣି ସୁଦ୍ଧା କୁଳବଧୂଙ୍କ ଭିତରେ ପ୍ରତିଯୋଗିତା। ଈପ୍ସିତ ପୁରୁଷକୁ ପାଇବା ପାଇଁ ସମସ୍ତେ ବ୍ୟାକୁଳ। ଏମନ୍ତ ପ୍ରୀତିକୁ କୁହାଯାଏ ଭକ୍ତି–ପ୍ରେମଭକ୍ତି। ଏହି ପ୍ରେମଭକ୍ତିର ପ୍ରଚାର ପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ପ୍ରେମ ଭକ୍ତି ରସାଣିତ କାବ୍ୟ। ବିଶେଷକରି ରାଧାକୃଷ୍ଣଙ୍କ ପ୍ରେମକୁ– ଧର୍ମଶାସ୍ତ୍ରର ଆବେଷ୍ଟନିରୁ ମୁକ୍ତ କରି ଲୌକିକ, ପ୍ରାକୃତ, ସଂସ୍କୃତ ରସ ସାହିତ୍ୟର ଶୃଙ୍ଗାର ରସାତ୍ମକ କାବ୍ୟଧାରା ସହିତ ଯୋଡ଼ିଦେଲେ କବିରାଜ ଜୟଦେବ। ଫଳରେ ପ୍ରଶସ୍ତ ହୋଇଗଲା ତା'ର ଭବିଷ୍ୟତ ପ୍ରସାର ଓ ପରିଣତିର ପଥ। ଗୀତଗୋବିନ୍ଦର ଏହି ମାଧୁର୍ଯ୍ୟକୁ ଦୃଷ୍ଟିରେ ରଖି ଆଲୋଚକମାନେ କୁହନ୍ତି– ରାଧାକୃଷ୍ଣ ପ୍ରେମଭକ୍ତି ମାର୍ଗ ସମ୍ପର୍କରେ ଏକ ସର୍ବକାଳୀନ ପ୍ରେରଣାର ଉତ୍ସ ହେଉଛି ଜୟଦେବଙ୍କ 'ଗୀତଗୋବିନ୍ଦ'। ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣଙ୍କୁ ନେଇ ଯେତେସବୁ କାବ୍ୟ ଲେଖାଯାଇଛି, ଗୀତଗୋବିନ୍ଦରେ ରହିଛି ତା'ର ମୂଳ ଉପାଦାନ।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରକୀୟା ପ୍ରୀତିରେ ମାତିଥିବା ଅନ୍ୟ ଅନେକ କାବ୍ୟ ନାୟକ ନାୟିକା ପଛରେ ରହିଯାଇଥିବା ବେଳେ କେବଳ ରାଧା କୃଷ୍ଣଙ୍କ ନାମରେ ପଡୁଛି ଜୟ ଜୟ କାର।

ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ନେଇ ଯେଉଁ ଶାଶ୍ୱତ ବର୍ଣ୍ଣନା ଦିଆଯାଇଛି, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯେତେ ତାତ୍ତ୍ୱିକ ହେଲେ ବି ଏହା ଏକ ପ୍ରେମକୈନ୍ଦ୍ରିକ କାବ୍ୟ ଏବଂ ପ୍ରେମଲୀଳା ହିଁ ତା'ର ଉପଜୀବ୍ୟ ବିଷୟ। ସେଥିପାଇଁ ବୈଷ୍ଣବୀୟ ଧର୍ମର ଅଲୌକିକ କୃଷ୍ଣ ଗାଥାରେ ପରିଣତ ହୋଇପାରିଛି ଯମୁନା ତଟର ଗୋଟେ ଗାଆଁର ପ୍ରେମ କାହାଣୀ। କୋଣାର୍କର କାରୁକାର୍ଯ୍ୟ ପରି ଚମତ୍କାର ତା'ର ଶିଳ୍ପସୌନ୍ଦର୍ଯ୍ୟ। ଭଗବାନ୍‌ଙ୍କ ମର୍ତ୍ତ୍ୟଲୀଳାକୁ ମାନବିକ (ଦୈହିକ) ଲୀଳାରେ ପରିଣତ କରିବା ପାଇଁ ଅନତିକ୍ରମଣୀୟ ତା'ର ପରିବେଶ ପରିକଳ୍ପନା ଓ ନାଟକୀୟ ସଂଳାପ ସଂଯୋଜନା।

ସାଧାରଣତଃ ପ୍ରତ୍ୟେକ ବୈଷ୍ଣବ କାବ୍ୟର ଉପଜୀବ୍ୟ ବିଷୟ ହେଉଛି ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା। ରାଧାଙ୍କ ଅପେକ୍ଷା କୃଷ୍ଣଙ୍କୁ ଅଧିକ ପ୍ରାଧାନ୍ୟ ଦେବା ମଧ୍ୟ ପ୍ରତ୍ୟେକ କବି ପାଇଁ ଅନୁସୃତ ଧାରା। ମାତ୍ର ସେହି କ୍ରମରେ ଏକ ବ୍ୟତିକ୍ରମ ହେଉଛି ଶ୍ରୀଗୀତଗୋବିନ୍ଦ। ଏଥିରେ ଶ୍ରୀକୃଷ୍ଣଙ୍କୁ ନୁହେଁ, ଶ୍ରୀରାଧାଙ୍କୁ ମିଳିଛି ଅଧିକ ମାନ୍ୟତା। ତାହା ପ୍ରତିପାଦିତ ହୋଇଛି ଦଶମ ସର୍ଗର ଅଷ୍ଟମ ପାଦ, ଅର୍ଥାତ୍ ଶ୍ରୀରାଧାଙ୍କ ମାନଭଞ୍ଜନ ପ୍ରସଙ୍ଗରେ। 'ସ୍ମର ଗରଳଂ ମଣ୍ଡନଂ ମମ ଶିରସି ମଣ୍ଡନଂ ଦେହି ପଦପଲ୍ଲଭ ମୁଦାରମ୍'।

'ଗୀତଗୋବିନ୍ଦ' କେବଳ ମିଳନ, ବିରହ ଓ ବିଚ୍ଛେଦ ବା ଶୃଙ୍ଗାରିକତାର ସୁଲଳିତ ପଦବିନ୍ୟାସ ଓ ଅନୁପମ ଛନ୍ଦ ମାଧୁରୀ ନୁହେଁ, ଏହା ଆହ୍ଲାଦିନୀ ଶକ୍ତି ଶ୍ରୀରାଧା ଓ ଭଗବାନ୍ ସଚ୍ଚିଦାନନ୍ଦ ପୁରୁଷ ଶ୍ରୀକୃଷ୍ଣଙ୍କ ପ୍ରେମ ଓ ପ୍ରଜ୍ଞାର ବାର୍ତ୍ତା। ଭକ୍ତର ହୃଦୟକୁ ଆଲୋଡ଼ିତ କରେ ତା'ର ଦଶାବତାର ବର୍ଣ୍ଣନା। ଶ୍ରୀଜଗନ୍ନାଥ ପରମ୍ପରାରେ ଗୀତଗୋବିନ୍ଦର ସ୍ଥାନ ସ୍ୱତନ୍ତ୍ର। ଗଙ୍ଗବଂଶୀ ରାଜା ନରସିଂହ ଦେବଙ୍କ ସମୟର ଗୀତଗୋବିନ୍ଦ ଗାୟନ ଜଗନ୍ନାଥ ସଂସ୍କୃତିରେ ଯୋଡ଼ିହେଲା ଏବଂ ଏହାକୁ ବାଧ୍ୟତାମୂଳକ କରାଗଲା ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ। ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟର ମୂଳ ଆଧାର ହେଉଛି ଗୀତଗୋବିନ୍ଦ। ଦଶାବତାର ନୃତ୍ୟ କହିଲେ କେବଳ ଓଡ଼ିଶୀ ନୃତ୍ୟକୁ ବୁଝାଏ ଏବଂ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଶ୍ରୀଗୀତଗୋବିନ୍ଦ ଅଷ୍ଟପଦୀ ନାମରେ ପରିଚିତ। ସଙ୍ଗୀତ ବିଶାରଦ ଜୟଦେବ ନିଜ କାବ୍ୟରେ ବସନ୍ତ, ଭୈରବୀ ବିଭାସ ଆଦି ଏଗାରଟି ରାଗ ଓ ପାଞ୍ଚଟି ଲୋକପ୍ରିୟ ତାଳ ସଂଯୋଗ କରିଛନ୍ତି ଏବଂ ଗୀତଗୋବିନ୍ଦର ସମସ୍ତ ସର୍ଗ ରାଗ ଦ୍ୱାରା ପ୍ରତିବନ୍ଦିତ। ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହା ସଂସ୍କୃତ ସାହିତ୍ୟର ସର୍ବୋତ୍ତମ ରଚନା। ଗୀତଗୋବିନ୍ଦର କାନ୍ତ କୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। ଗାନ୍ଧର୍ବ କଳାକୌଶଳ ସୁଲଳିତ ପଦବିନ୍ୟାସ ଓ ଅନୁପମ ଛନ୍ଦ ମାଧୁରୀ ସଙ୍ଗୀତ ଶିଳ୍ପୀଙ୍କ କଣ୍ଠରେ ଯେମିତି ମୂର୍ଚ୍ଛନା ତୋଳେ, ସେମିତି ନୃତ୍ୟଶିଳ୍ପୀଙ୍କ ଘୁଙ୍ଗୁରରେ ଭରିଦିଏ ଅପୂର୍ବ ଝଙ୍କାର। ଅର୍ଥ ବୁଝି ହେଉ କି ନ ହେଉ, ଗୀତଗୋବିନ୍ଦର ଗୀତ ଓଡ଼ିଶାରେ ଏକ ପ୍ରାର୍ଥନା ଭାବେ ପରିଗଣିତ। ଓଡ଼ିଶାର ତାଳପତ୍ର, କାଗଜ ଏବଂ ରେଶମ କନା ଉପରେ ଅଙ୍କିତ ଚିତ୍ରକଳା ଗୀତଗୋବିନ୍ଦ ଦ୍ୱାରା ବହୁଳ ଭାବେ ପ୍ରଭାବିତ। ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ, ବୟନଶିଳ୍ପ ଓ ନୃତ୍ୟ ଆଦିକୁ ଗୀତଗୋବିନ୍ଦ ଏତେ ପ୍ରଭାବିତ କରିଛି ଯେ ତାହା ପାଲଟି ଯାଇଛି ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗ। ସାରା ଭାରତରେ ଏବେ ମଧ୍ୟ ଗୀତଗୋବିନ୍ଦରେ ବର୍ଣ୍ଣିତ ଅନେକ ଦୃଶ୍ୟ ଏହି ପଟଚିତ୍ରର ବିଷୟବସ୍ତୁ। ସଚିତ୍ର ତାଳପତ୍ରର ଗୀତଗୋବିନ୍ଦ କେବଳ ରାଧାକୃଷ୍ଣଙ୍କ ପ୍ରେମଲୀଳା ନୁହେଁ, ଏଥିରେ ଚିତ୍ରିତ ବୃକ୍ଷଲତା, ପୁଷ୍ପରାଜି ଓ ପଶୁପକ୍ଷୀ ସାଙ୍ଗକୁ ବେଶ ପରିପାଟୀ, କେଶବିନ୍ୟାସ ଓ ରଙ୍ଗ ବିନ୍ୟାସ ଆଦି ଓଡ଼ିଶାର ଚିତ୍ରକଳା ଶୈଳୀକୁ ନେଇ ପହଞ୍ଚେଇ ଦେଇଛି ବିଶ୍ୱ ଦରବାରରେ।

ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ କେବଳ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତର ଆଧାର ନୁହେଁ, ପୃଥିବୀର ଏହା ବହୁ ଭାଷାରେ ଅନୁବାଦିତ ଓ ଆଦୃତ। ସମଗ୍ର ବିଶ୍ୱରେ ଏହା ଏକ ଅନନ୍ୟ, ଅନୁପମ ଓ ଅମଳିନ କୃତି। ଗୀତଗୋବିନ୍ଦ ଭଳି ଏହା କ୍ଷୁଦ୍ର ଗୀତିକାବ୍ୟ ରଚନା କରି ଜୟଦେବ ଯେଭଳି ଖ୍ୟାତି ଓ ଅମରତ୍ୱ ଲାଭ କରିଛନ୍ତି, ତାହା ସମ୍ଭବ ହୋଇପାରିନି ପୃଥିବୀର ଅନ୍ୟ କୌଣସି କବିଙ୍କ ଭାଗ୍ୟରେ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ନବପ୍ରଯୁକ୍ତିର ପ୍ରବର୍ତ୍ତକ

ବ୍ୟକ୍ତିତ୍ୱ



ସୋନମ ୱାଙ୍ଗ୍‌ଚୁକ୍

ଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର 'ଥ୍ରୀ ଇଡିଅଟ୍ସ'ର ଏକ ପ୍ରମୁଖ ଚରିତ୍ର ଫୁନ୍‌ସୁଖ୍ ୱାଙ୍ଗଡୁ। ଅମିର ଖାନ୍ ଏହି ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ଯେଉଁ କାହାଣୀ ଆଧାରରେ ଏହି ସିନେମା ଲୋକପ୍ରିୟତା ଅର୍ଜନ କରିଥିଲା, ତାହାର ମୂଳ ବ୍ୟକ୍ତିତ୍ୱ ଥିଲେ ଲଦାଖ ବାସିନ୍ଦା ସୋନମ ୱାଙ୍ଗ୍‌ଚୁକ୍। ଯେଉଁମାନେ ଏହି ଚଳଚ୍ଚିତ୍ର ଦେଖିଥିବେ ସେମାନେ ୱାଙ୍ଗଡୁଙ୍କ ଶିକ୍ଷା ଦିଗରେ ଅଭିନବ ଚିନ୍ତାଧାରା ଓ ପ୍ରଯୁକ୍ତି କ୍ଷେତ୍ରରେ ଜଣେ ଇନୋଭେଟର ବା ନବପ୍ରବର୍ତ୍ତକ ଭାବେ ଉଭା ହୋଇଥିବା ୱାଙ୍ଗ୍‌ଚୁକ୍‌ଙ୍କୁ ପାଇପାରିବେ। କୁହାଯାଉଛି ରାଜକୁମାର ହିରାନିଙ୍କ ନିର୍ଦ୍ଦେଶିତ 'ଥ୍ରୀ ଇଡିଅଟ୍ସ'ରେ ୱାଙ୍ଗ୍‌ଚୁକ୍‌ଙ୍କ ଜୀବନୀ ୱାଙ୍ଗଡୁ ଚରିତ୍ର ସୃଷ୍ଟି କରିଥିଲା। କିନ୍ତୁ ୱାଙ୍ଗ୍‌ଚୁକ୍ କହିଥାଆନ୍ତି 'ଥ୍ରୀ ଇଡିଅଟ୍ସ' ତାଙ୍କ ବାୟୋପିକ୍ ନୁହେଁ ଓ ସେ ଫୁନ୍‌ସୁଖ୍ ୱାଙ୍ଗଡୁ ନୁହନ୍ତି। ତେବେ ଜଣଙ୍କ କାର୍ଯ୍ୟ ଯେତେବେଳେ ଜନକଲ୍ୟାଣ ଦିଗରେ ଅଭିପ୍ରେତ ହୋଇଥାଏ ଓ ବହୁ ଲୋକଙ୍କୁ ତାହା ପ୍ରଭାବିତ କରେ, ସେତେବେଳେ ସେ ଆଇକନ୍ ପାଲଟି ଯାଇଥାଆନ୍ତି। ସୋନମ ୱାଙ୍ଗ୍‌ଚୁକ୍ ଚରିତ୍ର ରିଲ୍ ନୁହେଁ, ରିୟଲ ଦୁନିଆରେ ଅନେକ ପରିବର୍ତ୍ତନ ଆଣିପାରିଥିବାରୁ ରମନ ମାଗାସେସ୍ ଭଳି ତାଙ୍କୁ ଦେଶବିଦେଶରୁ ଅନେକ ସମ୍ମାନ ମିଳିଛି। ସେ ଆଦର୍ଶ ସ୍ଥାନୀୟ ସ୍ତର ଛୁଇଁ ପାରିଥିବାରୁ ସର୍ବଦା ଚର୍ଚ୍ଚାରେ ରହିଛନ୍ତି। ନିକଟରେ ମର୍ଯ୍ୟାଦାଜନକ 'ସନ୍ତୋକବା ହ୍ୟୁମାନଟରିଆନ୍ ଆୱାର୍ଡ' ପାଇବା ପରେ ପୁରସ୍କାର ବାବଦରେ ମିଳିଥିବା ଏକ କୋଟି ଟଙ୍କାର ଅର୍ଥରାଶିକୁ ସେ ଲଦାଖର କନ୍ୟା ସନ୍ତାନଙ୍କ ଶିକ୍ଷା ଓ ସେଠାକାର ଲୋକଙ୍କ ବିବିଧ ଜୀବିକା ସୁନିଶ୍ଚିତ କରିବା ଲାଗି ଉତ୍ସର୍ଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧୦ ଏପ୍ରିଲ ୨୦୨୩ରେ ୱାଙ୍ଗ୍‌ଚୁକ୍‌ଙ୍କୁ ଲଦାଖସ୍ଥିତ ଏକ ହୋଟେଲରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗୁଜରାଟର ଅନ୍ୟତମ ପ୍ରମୁଖ ହୀରା କମ୍ପାନୀ ଶ୍ରୀରାମକ୍ରିଷ୍ଣ ଏକ୍ସପୋର୍ଟସ (ଏସ୍‌ଆର୍‌କେ) ଓ ଏହାର ଜନହିତକର ଶାଖା ଶ୍ରୀରାମକ୍ରିଷ୍ଣ ନଲେଜ୍ ଫାଉଣ୍ଡେଶନ (ଏସ୍‌ଆର୍‌କେକେଏଫ୍) ଦ୍ୱାରା ଗଠିତ ଏହି ପୁରସ୍କାରର ପ୍ରତିଷ୍ଠାତା ଅଧ୍ୟକ୍ଷ ଗୋବିନ୍ଦ ଢୋଲକିଆଙ୍କ ସ୍ୱର୍ଗତ ମାତା ସନ୍ତୋକବା ଢୋଲକିଆଙ୍କ ସ୍ମୃତିରେ ୨୦୦୬ରେ ପ୍ରତିଷ୍ଠା କରାଯାଇଥିଲା। ଏହି ପୁରସ୍କାର ପାଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି–ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା, ନୋବେଲ ଶାନ୍ତି ବିଜେତା କୈଳାସ ସତ୍ୟାର୍ଥୀ, ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏ.ଏସ୍. କିରନ କୁମାର, ଫିଲାନଥ୍ରୋପିଷ୍ଟ ସୁଧା ମୂର୍ତ୍ତି। ଏବେ ଏହି ତାଲିକାରେ ସାମିଲ ହୋଇଥିବା ୱାଙ୍ଗ୍‌ଚୁକ୍ କହିଛନ୍ତି, ଜଣେ ମା'ଙ୍କ ନାମରେ ଏହା ପ୍ରତିଷ୍ଠିତ ହୋଇଥିବାରୁ ମାତୃକୁଳ ସମ୍ମାନିତ ହେଉଛି। ବଡ଼ ଭଉଣୀ ଓ ସହଧର୍ମିଣୀଙ୍କ ସହଯୋଗ ଯୋଗୁ ସେ ଆଜି ଏଭଳି ସ୍ତରରେ ପହଞ୍ଚିପାରିଛନ୍ତି ବୋଲି ୱାଙ୍ଗ୍‌ଚୁକ୍ ପ୍ରକାଶ କରିଛନ୍ତି।

ଲଦାଖର ଲେହ ଜିଲା ଅନ୍ତର୍ଗତ ଉଲେୟଟୋକ୍‌ପୋରେ ୱାଙ୍ଗ୍‌ଚୁକ୍ ୧ ସେପ୍ଟେମ୍ବର ୧୯୬୬ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୯ ବର୍ଷ ହେବାଯାଏ ସେ ସ୍କୁଲ ଯାଇ ନ ଥିଲେ। କାରଣ ତାଙ୍କ ଗାଁରେ କୌଣସି ସ୍କୁଲ ନ ଥିଲା। ମାତୃଭାଷାରେ ତାଙ୍କ ମା' ସେରିଙ୍ଗ୍ ୱାଙ୍ଗ୍‌ମୋ ତାଙ୍କୁ ପ୍ରାଥମିକ ଶିକ୍ଷା ଦେଇଥିଲେ। ପିତା ସୋନମ ୱାଙ୍ଗ୍‌ୟାଲ୍ ଜଣେ ରାଜନେତା, ଯିଏକି ପରବର୍ତ୍ତୀ ସମୟରେ ରାଜ୍ୟ ସରକାରରେ ମନ୍ତ୍ରୀ ହୋଇଥିବାରୁ ଶ୍ରୀନଗରରେ ରହୁଥିଲେ। ତେଣୁ ୱାଙ୍ଗ୍‌ଚୁକ୍ ୯ ବର୍ଷରେ ଶ୍ରୀନଗରର ଏକ ବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ସେଠାକାର ଭାଷା ବୁଝି ନ ପାରିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ସେ ୧୯୭୭ରେ ଲୁଚି ଦିଲ୍ଲୀ ପଳାଇଯାଇ ସେଠାରେ ପାଠପଢ଼ାରେ ମନୋନିବେଶ କରିଥିଲେ। ମେଧାସମ୍ପନ୍ନ ହୋଇଥିବାରୁ ୧୯୮୭ରେ ସେ ଶ୍ରୀନଗରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି (ସେତେବେଳେ ଆର୍‌ଇସି)ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବି.ଟେକ୍. ଡିଗ୍ରୀ ଅର୍ଜନ କରିଥିଲେ। ଇଞ୍ଜିନିୟରିଂକୁ କ୍ୟାରିୟର କରିଥିବାରୁ ପିତା ଓ ପୁତ୍ରଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ତେଣୁ ନିଜେ ସେ ପଢ଼ା ଖର୍ଚ୍ଚ ତୁଲାଇଥିଲେ। ଉଚ୍ଚଶିକ୍ଷା ପ୍ରତି ଆକାଂକ୍ଷା ଥିବାରୁ ସେ ୨୦୧୧ରେ ଫ୍ରାନ୍ସର ଗ୍ରେନୋବଲସ୍ଥିତ କ୍ରାଟେରି ସ୍କୁଲ୍ ଅଫ୍ ଆର୍କିଟେକ୍ଚରରେ ଦୁଇବର୍ଷ ଆର୍ଦ୍ଦେନ୍ ଆର୍କିଟେକ୍ଚର ପାଠପଢ଼ିଥିଲେ। ତେବେ ତାଙ୍କ କ୍ୟାରିୟର ଦେଖିଲେ ବି.ଟେକ୍. କରି ସାରିବା ପରେ ୧୯୮୮ରେ ୱାଙ୍ଗ୍‌ଚୁକ୍ ତାଙ୍କ ଭାଇ ଓ ୫ ଜଣ ବନ୍ଧୁଙ୍କ ସହ ମିଶି ଷ୍ଟୁଡେଣ୍ଟ୍ସ ଏଜୁକେଶନାଲ ଆଣ୍ଡ୍ କଲ୍‌ଚରାଲ ମୁଭ୍‌ମେଣ୍ଟ ଅଫ୍ ଲଦାଖ (ଏସ୍‌ଇସିଏମ୍‌ଓଏଲ୍) ଆରମ୍ଭ କରିଥିଲେ। ସରକାରୀ ହାଇସ୍କୁଲ ଶିକ୍ଷାରେ ସଂସ୍କାର ଆଣିବା ଦିଗରେ ଏହି ସଙ୍ଗଠନ କାର୍ଯ୍ୟ କରିଥିଲା। ଅଭିନବ ଚିନ୍ତାଧାରା ସନ୍ନିବେଶିତ ଥିବାରୁ ସରକାର ମଧ୍ୟ ଏସ୍‌ଇସିଏମ୍‌ଓଏଲ୍ ସହ ମିଶି ଗୁଣାତ୍ମକ ଶିକ୍ଷାକୁ ପ୍ରସାରିତ କରିଚାଲିଲେ। ଜୁନ୍ ୧୯୯୩ରୁ ଅଗଷ୍ଟ ୨୦୦୫ ଯାଏ ୱାଙ୍ଗ୍‌ଚୁକ୍ ଲଦାଖରୁ ପ୍ରଥମ ଥର ପାଇଁ ମୁଦ୍ରଣ ପତ୍ରିକା 'ଲଦାଗ୍ସ ମିଲୋଙ୍ଗ୍' ପ୍ରକାଶ କରି ତାହାର ସମ୍ପାଦକ ରହିଥିଲେ। ୨୦୦୧ରେ ତାଙ୍କୁ ହିଲ୍ କାଉନ୍‌ସିଲ ଗଭର୍ନମେଣ୍ଟରେ ଶିକ୍ଷା ବିଭାଗର ଉପଦେଷ୍ଟା ନିଯୁକ୍ତ କରାଯାଇଥିଲା। ୨୦୦୨ରେ ସେ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ (ଏନ୍‌ଜିଓ) ମୁଖ୍ୟଙ୍କ ସହ ମିଶି ଲଦାଖ ଭଲ୍ୟୁଣ୍ଟାରି ନେଟ୍‌ୱର୍କ(ଏଲ୍‌ଭିଏନ୍) ଗଢ଼ିଥିଲେ। ତେବେ ୨୦୧୩ରେ ୱାଙ୍ଗ୍‌ଚୁକ୍ 'ଆଇସ୍ ସ୍ତୂପ' ଉଦ୍ଭାବନ କରିବା ପରେ ତାଙ୍କ ନାମ ଦିଗବିଦିଗ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହା ଏକ କୃତ୍ରିମ ହିମପିଣ୍ଡ (ଆର୍ଟିଫିସିଆଲ୍ ଗ୍ଲେସିୟର) ଯେଉଁଥିରେ ଝରଣାରୁ ବହିଯାଉଥିବା ପାଣିକୁ ଶୀତଦିନେ ଏକ ବୃହତ୍ ଆଇସ୍ କୋନ୍ ବା ସ୍ତୂପରେ ସଂରକ୍ଷିତ କରି ରଖିବାର ବ୍ୟବସ୍ଥା କରାଯାଇଛି। ବସନ୍ତର ଶେଷ ଆଡ଼କୁ ଯେତେବେଳେ ବରଫ ତରଳିଥାଏ ତାହାକୁ କୃଷକମାନେ ବ୍ୟବହାର କରିବାର ସୁଯୋଗ ପାଇଥାଆନ୍ତି। ଲଦାଖରେ ଗ୍ରୀଷ୍ମ ସମୟରେ ପାଣି ପାଇବା ପାଇଁ ଲୋକେ ଡହଳବିକଳ ହୋଇଥାଆନ୍ତି। ୱାଙ୍ଗ୍‌ଚୁକ୍‌ଙ୍କ 'ଆଇସ୍ ସ୍ତୂପ' ଲଦାଖବାସୀଙ୍କ ପାଇଁ ଏକ ବରଦାନ ସଦୃଶ ହୋଇପାରିଛି। ଏହି ଟେକ୍ନୋଲଜି ଲୋକପ୍ରିୟତା ଅର୍ଜନ କରିବା ପରେ ସୁଇଜରଲାଣ୍ଡ ଭଳି ଦେଶ ତାଙ୍କୁ ନିମନ୍ତ୍ରଣ କରି ଆଇସ୍ ସ୍ତୂପ ପ୍ରତିଷ୍ଠା କରିଥିଲା, ଯଦ୍ୱାରା ସେଠାକାର ପର୍ଯ୍ୟଟନକୁ ଏହା ଅଧିକ ଆକର୍ଷଣୀୟ କରିଥିଲା। ୱାଙ୍ଗ୍‌ଚୁକ୍ ନୂଆ କିଛି କରିବାରେ ଆନନ୍ଦ ପାଇଥାଆନ୍ତି। ୨୦୧୫ରେ ସେ ହିମାଳୟାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଲଟରନେଟିଭ୍ ପ୍ରତିଷ୍ଠା କରିଥିଲେ। ପର୍ବତାଞ୍ଚଳରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ଦିଗ ପ୍ରତି ଅଣଦେଖା କରୁଥିବାରୁ କ୍ଷୋଭ ପ୍ରଦର୍ଶନ କରି ସେ ଏହି ପ୍ରତିଷ୍ଠାନ ଗଢ଼ିଥିବା ପ୍ରକାଶ କରିଥିଲେ।

ନବସୃଜନ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିବା ୱାଙ୍ଗ୍‌ଚୁକ୍ ମଣିଷର ବାସ୍ତବ ଜୀବନରେ ପରିବର୍ତ୍ତନ ଦେଖିଲେ ଆନନ୍ଦିତ ହୋଇଥାଆନ୍ତି ବୋଲି କହିଥାଆନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ନିଜ ଜୀବନର ଅନୁଭବ ବହୁ ସମୟରେ ଅନ୍ୟମାନଙ୍କ ସେବା ଲାଗି ପ୍ରେରଣା ଯୋଗାଇଥାଏ, ଯାହା ଘଟିଛି କର୍ଣ୍ଣାଟକର ମଞ୍ଜୁଳାଙ୍କ କ୍ଷେତ୍ରରେ। ୧୬ ବର୍ଷ ବୟସରେ ଅନିଚ୍ଛା ସତ୍ତ୍ୱେ ଗାଁର ଜଣେ ଯୁବକଙ୍କ ସହ ତାଙ୍କର ବିବାହ କରିଦିଆଯାଇଥିଲା ଓ ୧୯ ବର୍ଷ ବୟସରେ ତାଙ୍କୁ ତାଙ୍କ ପରିବାରର ଜଣେ ସଦସ୍ୟ ଦେହଜୀବୀ ହେବା ଲାଗି ବାଧ୍ୟ କରିଥିଲେ। ଏହି ବାଟରେ ଯାଇ ସେ ଦେହଜୀବୀର ଜୀବନ ଯନ୍ତ୍ରଣା ଅନୁଭବ କରିଥିଲେ। ଏବେ ତାଙ୍କର ବୟସ ୩୭ ଓ ସେ ଜଣେ ପାରାଲିଗାଲ ସେଚ୍ଛାସେବୀ ଭାବେ ଦେହଜୀବୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ଅନେକ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରର ସରକାରୀ ନେଟ୍‌ୱର୍କ ଏବଂ ଏନ୍‌ଜିଓଗୁଡ଼ିକରେ କାମ କରୁଛନ୍ତି। ଦେହଜୀବୀଙ୍କ ଜୀବନ ଜୀବିକା ଓ ସାମାଜିକ ସୁରକ୍ଷା ସକାଶେ ଲଢ଼େଇ କରୁଛନ୍ତି। ଭୋଟର ଆଇଡିଠାରୁ ଆରମ୍ଭକରି ଆଧାର ଏବଂ ଅନ୍ୟ ପ୍ରମାଣପତ୍ର ସବୁ ପାଇବାରେ ସହଯୋଗ କରୁଛନ୍ତି ଏବଂ ଏବେ ସୁଦ୍ଧା ସେ ୫୦୦ ଦେହଜୀବୀଙ୍କୁ ସାହାଯ୍ୟ କରିସାରିଲେଣି। କେବଳ ଏତିକି ନୁହେଁ, ଭାରତରେ ଆନ୍ଧ୍ରପ୍ରଦେଶ ପରେ ଅଧିକ ସଂଖ୍ୟକ ଦେହଜୀବୀ ଥିବା କର୍ଣ୍ଣାଟକରେ ବିଭିନ୍ନ ଯୋଜନାରେ ଅନେକଙ୍କୁ ଋଣ କରାଇଦେଇ ସଶକ୍ତ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଏପ୍ରିଲ ୧୯୯୮

- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବ ଭାଗରେ ଘମାଘୋଟ ଲଢ଼େଇ ଘଟି ୧୨ଜଣ ତାମିଲ ଗେରିଲା ଓ ୭ ପୋଲିସ କର୍ମଚାରୀ ନିହତ।
- ସରକାରୀ ପାଣ୍ଠି ଓ ସମ୍ବଳର ସମୀକ୍ଷା କରିପା କ୍ଷେତ୍ରରେ ଭାରତ ଓ ବ୍ରାଜିଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ବ୍ୟକ୍ତିଗତ କାରଣ ଦର୍ଶାଇ ଜମ୍ମୁ–କଶ୍ମୀର ରାଜସ୍ୱ, ରିଲିଫ ଓ ଥଇଥାନ ମନ୍ତ୍ରୀ ଅବଦୁଲ ଆହାଦ ୱାକିଲଙ୍କ କ୍ୟାବିନେଟରୁ ଇସ୍ତଫା ପ୍ରଦାନ।
- ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରେ ଟି.ଏନ୍.ଟି. ରହିତ ବୋମା 'ପୃଥ୍ୱୀ' ୱାରହେଡ଼ର ସଫଳ ପରୀକ୍ଷଣ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 2 | 3 | | | | |
| | | | | | 7 | | | |
| | | | | | | | 4 | |
| | 6 | | 5 | 1 | | | | 7 |
| | | 8 | | | | | | |
| 3 | | | | 6 | | | | 4 |
| | | 9 | | 7 | | | 5 | |
| 1 | | | 6 | 8 | | | 3 | |
| | 4 | | 9 | | 2 | | 8 | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 5 | 3 | 1 | 4 | 6 | 8 | 2 |
| 3 | 2 | 4 | 8 | 5 | 6 | 1 | 9 | 7 |
| 8 | 6 | 1 | 2 | 7 | 9 | 5 | 3 | 4 |
| 7 | 5 | 6 | 4 | 8 | 2 | 3 | 1 | 9 |
| 4 | 1 | 3 | 7 | 9 | 5 | 2 | 6 | 8 |
| 2 | 8 | 9 | 6 | 3 | 1 | 7 | 4 | 5 |
| 6 | 3 | 2 | 9 | 4 | 7 | 8 | 5 | 1 |
| 1 | 9 | 7 | 5 | 6 | 8 | 4 | 2 | 3 |
| 5 | 4 | 8 | 1 | 2 | 3 | 9 | 7 | 6 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଭେଦ ସୃଷ୍ଟି କରାଯାଉଛି

ମହାଶୟ,

ବିଶ୍ୱରେ କେତେକ କ୍ରୂର ଓ ଖଳ ପ୍ରକୃତିର ଲୋକ ଧର୍ମରେ ବିଭେଦତା ସୃଷ୍ଟି ପୂର୍ବକ ବିଶୃଙ୍ଖଳା ଜାତ କରିବାରେ ସର୍ବଦା ପ୍ରଚେଷ୍ଟା ଚଳାଇଛନ୍ତି। ଲୋକମାନଙ୍କୁ ବିଭ୍ରାନ୍ତିରେ ପକାଇ କନ୍ଦଳ ସୃଷ୍ଟି ପାଇଁ ତତ୍ପରତା ପ୍ରକାଶ କରୁଛନ୍ତି। କେତେବେଳେ ସେମାନେ ଆଲ୍ଲା ଓ ଈଶ୍ୱରଙ୍କ ନାମରେ ଅପଶବ୍ଦ ବ୍ୟବହାର କରି ଦ୍ୱନ୍ଦ୍ୱରେ ମାତିଯାଉଛନ୍ତି। ଏହା ବ୍ୟତୀତ ମସ୍‌ଜିଦ୍ ଓ ମନ୍ଦିରକୁ ଭାଙ୍ଗି ଲୋକମାନଙ୍କ ମଧ୍ୟରେ ଅସହିଷ୍ଣୁତା ଭାବ ସୃଷ୍ଟି କରୁଛନ୍ତି। ଫଳରେ ଲୋକମାନଙ୍କ ମନରେ ଭାବପ୍ରବଣତା ଓ ଉତ୍ତେଜନା ଜାଗ୍ରତ ହୋଇ ସାମାଜିକ ବାତାବରଣ ଅଶାନ୍ତ ହୋଇଉଠୁଛି। ଏପରି ଦୁରାଚାରିଙ୍କ ବ୍ୟବହାରରେ ବିଚଳିତ ନ ରହି ସ୍ୱକୀୟ ଧର୍ମରେ ମଜ୍ଜି ରହି ଏହାକୁ ନିଷ୍ଠାର ସହ ପାଳନ କଲେ ନିଶ୍ଚୟ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ବଜାୟ ରହିବ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।

(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ ପ୍ରତୀକ୍
ପରିବାରବର୍ଗ


ଶିବାନୀ
ପରିବାରବର୍ଗ


ରୁଦ୍ର ପ୍ରତାପ
ପରିବାରବର୍ଗ


ରାଜୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁଖ୍ୟମନ୍ତ୍ରୀ ପଦ ଦାବି କରିପାରିବ ଏନ୍‌ସିପି: ଅଜିତ ପାୱାର

**ପୁଣେ,୨୨।୪**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ବରିଷ୍ଠ ନେତା ଅଜିତ ପାୱାରଙ୍କ ପରବର୍ତ୍ତୀ ରାଜନୈତିକ କାର୍ଯ୍ୟପନ୍ଥାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ୨୦୨୪ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଅପେକ୍ଷା ନ କରି ତାଙ୍କ ଦଳ ଏବେ ବି ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି ଉପସ୍ଥାପନ କରିପାରିବ ବୋଲି ଅଜିତ କହିଛନ୍ତି। ସେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହେବା ନେଇ ଶହେ ପ୍ରତିଶତ ସମ୍ଭାବନା ରହିଥିବା ବିଧାନସଭାର ବିରୋଧୀ ଦଳ ନେତା ପୁଣେରେ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି। ସେ କହିଛନ୍ତି, ୨୦୨୨ ଜୁନ୍‌ରେ ଶିବସେନା ନେତୃତ୍ୱ ବିରୋଧରେ ବିଦ୍ରୋହ କରିବା ପୂର୍ବରୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଅସନ୍ତୁଷ୍ଟ ଥିଲେ ଓ କିଛି କରିବା ପାଇଁ ଚିନ୍ତା କରୁଥିଲେ।


ଅଜିତ ପାୱାର

୨୦୦୪ ବିଧାନସଭା ନିର୍ବାଚନରେ ସହଯୋଗ କଂଗ୍ରେସଠାରୁ ଏନ୍‌ସିପି ଅଧିକ ଆସନ ଜିତିଥିଲା। ତତ୍କାଳୀନ ଏନ୍‌ସିପି ନେତା ଆର୍.ଆର୍. ପାଟିଲ ସେତେବେଳେ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। ତେବେ ତାଙ୍କ ଦଳ ଉପମୁଖ୍ୟମନ୍ତ୍ରୀ ପଦ ପାଇବ ବୋଲି ସେତେବେଳେ ଦିଲ୍ଲୀରୁ ନିର୍ଦ୍ଦେଶ ଆସିଥିବା କଥା ଅଜିତ ପ୍ରକାଶ କରିଛନ୍ତି। ଆସନ୍ତା ବର୍ଷ ନିର୍ବାଚନରେ ତାଙ୍କ ଦଳ ମୁଖ୍ୟମନ୍ତ୍ରୀ ପଦ ଦାବି ଉଠାଇବ କି ବୋଲି ପ୍ରଶ୍ନ ହେବାରୁ ଅଜିତ କହିଥିଲେ, ୨୦୨୪ କାହିଁକି? ଏବେ ମଧ୍ୟ ତାଙ୍କ ଦଳ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି ଉପସ୍ଥାପନ କରିବାକୁ ପ୍ରସ୍ତୁତ। ତେବେ ଏନେଇ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

ସୂଚନାଯୋଗ୍ୟ, ଶୁକ୍ରବାର ଏନ୍‌ସିପି ମୁମ୍ବାଇ ୟୁନିଟ୍‌ର ବୈଠକରେ ଅଜିତ ପାୱାର ଯୋଗ ନ ଦେବାରୁ ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥାକୁ ନେଇ ରାଜନୈତିକ ମହଲରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ବୈଠକରେ ସାମିଲ ହୋଇପାରିଲେ ନାହିଁ ବୋଲି ସେ କହିଥିଲେ।

# ରାଜ୍ୟରେ ମହିଳା, ଶିଶୁ ଅସୁରକ୍ଷିତ, ଗୁଡୁ ମୁସ୍‌ଲିମ ସୁରକ୍ଷିତ: ଭାଜପା

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ମହିଳା ବିରୋଧୀ ଅତ୍ୟାଚାରରେ ଓଡ଼ିଶା ସର୍ବାଗ୍ରେ ରହିଛି । ବିଜେଡି ସରକାର ମହିଳା ସୁରକ୍ଷାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି । '୫-ଟି' ଓ 'ମୋ ସରକାର' ବୋଲି ମିଥ୍ୟା ପ୍ରହେଳିକା କରି ଲୋକଙ୍କୁ ଭ୍ରମିତ କରୁଛନ୍ତି। ଗତ ୧୬ ତାରିଖରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର କାଞ୍ଜିବାହାଲିଠାରେ ତାରିଣୀ ଉତ୍ସବ ଦେଖି ୩ଜଣ ଆଦିବାସୀ ନାବାଳିକା ଘରକୁ ଫେରିବାବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଅଭିଯୋଗ କରାଯିବା ସତ୍ତ୍ୱେ ପୋଲିସ ୪ଦିନ ପରେ ମାମଲା ରୁଜୁ କରିଥିଲା । ଅପରପକ୍ଷରେ ବଳାତ୍କାର ପୀଡିତାଙ୍କ ପରିବାରକୁ ବୁଝାଇସୁଝାଇ ମାମଲା ରୁଜୁ ନ କରିବା ପାଇଁ ଚାପ ପକାଯାଉଥିଲା । ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କ ପ୍ରତି ଏତେ ସମ୍ବେଦନହୀନ କ'ଣ ପାଇଁ ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି।

ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ରାଜ୍ୟରେ ବଳାତ୍କାର, ହତ୍ୟା, ଅପହରଣ ବଢୁଥିଲେ ମଧ୍ୟ ରୋକିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଲାଞ୍ଜିଗଡ଼ର ୩ ନାବାଳିକା ବଳାତ୍କାରୀଙ୍କୁ ପୋଲିସ ଧରିପାରିଲା ନାହିଁ। ଶୁକ୍ରବାର କଟକର ମଧୁପାଟଣାଠାରେ କଲେଜ ଛାତ୍ରୀଙ୍କୁ ବଳାତ୍କାର ହୋଇଥିଲେ ବି ଅପରାଧୀର ଟେର୍‌ପାଉନି ପୋଲିସ। ଓଡ଼ିଶାରେ ପୋଲିସ ପ୍ରଶାସନ, ଗୋଇନ୍ଦା ବ୍ୟବସ୍ଥାର କ୍ଷୟ ଘଟିଛି ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ କୁଖ୍ୟାତ ଅପରାଧୀ ଅତିକ୍ ଅହମ୍ମଦଙ୍କ ଘନିଷ୍ଠ ସହଯୋଗୀ ଗୁଡୁ ମୁସ୍‌ଲିମ ପୁରୀଠାରେ ଥିବାର ସୂଚନା ଦେଇଛି ଉତ୍ତରପ୍ରଦେଶ ଏସ୍‌ଟିଏଫ୍ । ତାହାହେଲେ ଓଡ଼ିଶା ପୋଲିସ, ଗୋଇନ୍ଦା ବିଭାଗ କ'ଣ କରୁଥିଲା।

### ବରଗଡ଼ ଅଭିଯୁକ୍ତ ସହ ଜେଲ ଫେରନ୍ତା ଭାଜପା ନେତାଙ୍କ ଲିଙ୍କ୍ ରହିଛି: ବିଜେଡି

ଗୁଡୁଙ୍କ ଲିଙ୍କ୍ ବରଗଡ଼ରେ ରହିଛି ଏବଂ ତାଙ୍କ ଘନିଷ୍ଠ ସହଯୋଗୀ ହେଉଛି ଭଟଲିର ରାଜା ଖାନ୍, ଯିଏ କି ବିଜେଡିର ବାହୁବଳୀ ନେତା ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ସହଯୋଗୀ। ମହିଳାମାନେ ଓଡ଼ିଶାକୁ ସୁରକ୍ଷିତ ମନେକରୁ ନ ଥିବାବେଳେ ଗୁଡୁ ମୁସ୍‌ଲିମ ଭଳି କୁଖ୍ୟାତ ଅପରାଧୀମାନେ ସୁରକ୍ଷିତ ଭାବୁଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର କାରଣ ବୋଲି ଲେଖାଶ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ମଧ୍ୟ ଲେଖାଶ୍ରୀଙ୍କ ଉପରେ ବର୍ଷିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି, ଉତ୍ତରପ୍ରଦେଶ ଘଟଣାରେ ସମ୍ପୃକ୍ତ ଜଣେ କୁଖ୍ୟାତ ଅପରାଧୀ ସହ ଆପରାଧିକ ପୃଷ୍ଠଭୂମି ଥିବା ବରଗଡ଼ର ଜଣେ ଯୁବକଙ୍କ ସମ୍ପୃକ୍ତି ବିଷୟ ଜଣାପଡ଼ିବା ପରେ ଏହାକୁ ନେଇ ଅବାନ୍ତର ବୟାନ ଦେଇଥିବା ଭାଜପା ନେତ୍ରୀ ଲେଖାଶ୍ରୀଙ୍କୁ ଅପଦସ୍ଥ ହେବାକୁ ପଡ଼ିଛି । ବରଗଡ଼ର ଏହି ଅଭିଯୁକ୍ତ ସହିତ ଜଣେ ଜେଲ ଫେରନ୍ତା ଭାଜପା ନେତାଙ୍କ ଲିଙ୍କ୍ ରହିଛି ବୋଲି ବିଜେଡି ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି ।

# ବିଜୟ ପଟ୍ଟନାୟକ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ

### ଏଆଇସିସି ଗଠନ କଲା ୨୭ ଜଣିଆ ରାଜନୈତିକ ବ୍ୟାପାର କମିଟି

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଗତ କିଛି ମାସ ତଳେ କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ କେ.ସି ଭେଣୁଗୋପାଳଙ୍କ ଦସ୍ତଖତରେ ଶନିବାର ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଗତ ଫେବୃୟାରୀ ୧୦ରେ ବିଜୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୭୬ ବ୍ୟାଚ୍‌ର ଏହି ପୂର୍ବତନ ଆଇଏଏସ୍ ଅଧିକାରୀ ୨୦୧୦ ସେପ୍ଟେମ୍ବରରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଇଥିଲେ ଓ ୨୦୧୩ରେ ଅବସର ଗ୍ରହଣ କରିଥିଲେ। କଂଗ୍ରେସରେ ଯୋଗଦେବା ପରଠୁ ବିଜୟ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି। ରାଜ୍ୟରେ କଂଗ୍ରେସର ସ୍ଥିତିକୁ ସୁଧାରିବା ପାଇଁ ଏହି ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଅନୁଭୂତିକୁ ନେଇ ଦଳ ଆଗକୁ ବଢ଼ିବାକୁ ଉଦ୍ୟମ ଆରମ୍ଭ କରିଛି। ଏଥିସହିତ ଏଆଇସିସି ପକ୍ଷରୁ ରାଜ୍ୟ କଂଗ୍ରେସର ୨୭ ଜଣିଆ ରାଜନୈତିକ ବ୍ୟାପାର କମିଟି ମଧ୍ୟ ଗଠନ କରାଯାଇଛି। ଏହି କମିଟିରେ ଦଳର ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଭକ୍ତ ଦାସ, ତାରା ପ୍ରସାଦ ବାହିନୀପତି, ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ବିଜୟ ପଟ୍ଟନାୟକ, କିଶୋର ଚନ୍ଦ୍ର ପଟେଲ, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ଯଜ୍ଞେଶ୍ୱର ବାବୁ, ଦେବାଶିଷ ପଟ୍ଟନାୟକ, ଚିରଞ୍ଜୀବ ବିଶ୍ୱାଳ, ପଞ୍ଚାନନ କାନୁନ୍‌ଗୋ, ସପ୍ତଗିରି ଉଲାକା, ସନ୍ତୋଷ ସିଂ ସାଲୁଜା, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ମହମ୍ମଦ ଜିଆଉଲ ହକ୍, ଶରତ ପ୍ରଧାନ ଏବଂ ଅମିୟ ପଟ୍ଟନାୟକ ପ୍ରମୁଖ ଅଛନ୍ତି। ଏହି କମିଟିରେ ବିସ୍ମୟ ମହାପାତ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ରାଜ୍ୟର ସମସ୍ତ ଏଆଇସିସି ସମ୍ପାଦକ, ମହିଳା କଂଗ୍ରେସ ସଭାନେତ୍ରୀ, ରାଜ୍ୟ ସେବା ଦଳ ମୁଖ୍ୟ, ଯୁବ କଂଗ୍ରେସ ସଭାପତି ଏବଂ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ରଖାଯାଇଛି।


4th Birthday Wish



Jagvi Jaideep Tripathy

Wish you a very Happy Birthday Dearest Jagvi. All the Best Blessings from Grandpaa, Aja, Bou, Mama, Papa, Daddy, Mummy & Spidey (Dada).


# ଏନ୍‌ଆଇଏ ତଦନ୍ତ ପାଇଁ ଅମିତ ଶାହାଙ୍କୁ ଭାଜପାର ଚିଠି

### ସମ୍ବଲପୁର ହନୁମାନ ଜୟନ୍ତୀ ହିଂସାକାଣ୍ଡ ଘଟଣା

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ହନୁମାନ ଜୟନ୍ତୀ ବେଳେ ସମ୍ବଲପୁରରେ ସଂଘଟିତ ହିଂସାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ଭାଜପା ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ତଦନ୍ତ ଦାବି କରିଛି। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଓ ବିଧାୟକମାନେ ଶନିବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛନ୍ତି। ଭାଜପା ନେତାମାନେ ଅଭିଯୋଗ କରିଛନ୍ତି, ପୂର୍ବ ଯୋଜନା ଓ ସଂଗଠିତ ଭାବେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବାଇକ ରାଲି ଉପରେ ଆକ୍ରମଣ କରିଥିଲେ। ଏହି ଷଡ଼ଯନ୍ତ୍ରର ରହସ୍ୟ ଉନ୍ମୋଚନ କରିବା ପାଇଁ ଏନ୍‌ଆଇଏ ଦ୍ୱାରା ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହିତ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ଆଗାମୀ ଦିନରେ ଯେପରି ହିଂସାକାଣ୍ଡ ନ ହେବ ଓ ସାମ୍ପ୍ରଦାୟିକ ସଦ୍‌ଭାବ ଫେରିଆସିବ ସେ ନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଭାଜପା ନେତାମାନେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ଗଣ୍ଡଗୋଳ ପାଇଁ ଚିଠିରେ ପୋଲିସ ବିଭାଗ ଓ ରାଜ୍ୟ ସରକାରଙ୍କୁ ଦାୟୀ କରାଯାଇଛି। ଏହି ଚିଠିରେ ମନମୋହନଙ୍କ ସହିତ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିଧାୟକ ନାଉରୀ ନାଏକ, ସୂର୍ଯ୍ୟବଂଶୀ ସୂରଜ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ. ସୂର୍ଯ୍ୟନାରାୟଣ ରାଓ ପ୍ରମୁଖ ଦସ୍ତଖତ କରିଛନ୍ତି।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱ ନିରୋଜିନି ସାମନ୍ତରାୟ**

ତିରୋଧାନ: ୧୪.୦୫.୨୦୨୧
(ଅକ୍ଷୟ ତୃତୀୟା)

ଦୁଇଟି ବର୍ଷ ବିତିଗଲା, ପ୍ରାସଙ୍ଗିକ ଘଟଣା କ୍ରମେ ଏମିତି ଦିନ ନାହିଁ ତୁମ ସ୍ମୃତି ମନକୁ ଛୁଇଁ ନାହିଁ, ଶୂନ୍ୟତାର ଅଭାବ ହୋଇ ନାହିଁ। ତୁମର ଅନାବିଳ ସ୍ନେହ ସବୁବେଳେ ମନେ ପଡ଼େ। ପରପୁରରେ ଥାଇ ତୁମର ଆଶୀର୍ବାଦ ସଦା ତୁମ ଗଢ଼ା ପରିବାରର ସମସ୍ତଙ୍କ ଜୀବନର ଚଲାପଥରେ ପାଥେୟ ହେଉ। ତୁମ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଭଗବତ୍ ଗାଦିଗୋସାଇଁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାରବର୍ଗ, କରଞ୍ଜିଆ

ଧ-୭୩୭୫୯

### ଅଣତିରିଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱ ପ୍ରହ୍ଲାଦ ମିଶ୍ର**

ଗ୍ରାମ- କୃପାସିନ୍ଧୁପୁରଶାସନ, ପୋଷ୍ଟ- ନରଣଗଛା, ଅହିୟାସ, ଯାଜପୁର
ଆବିର୍ଭାବ- ୨୦।୦୫।୧୯୧୪
ତିରୋଧାନ- ୨୩।୦୪।୧୯୯୨

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେ ଈଶ୍ୱରଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଜ୍ୟେଷ୍ଠ ପୁତ୍ର- ଚିତ୍ତରଞ୍ଜନ ମିଶ୍ର, ଜ୍ୟେଷ୍ଠ ବଧୂ- ସୁସ୍ମିତା ମିଶ୍ର, ନାତୁଣୀ, ନାତି ଓ ପରିବାରବୃନ୍ଦ ।

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱ ପ୍ରଧ୍ୟାପକ ବ୍ରହ୍ମାନନ୍ଦ ମିଶ୍ର**

ନାୟକ ସାହି, ବଡ ବଜାର, ଜଗତ୍‌ସିଂହପୁର
ଆବିର୍ଭାବ : ୨୮.୦୭.୧୯୩୨ (ବିଜୟା ଦଶମୀ)
ତିରୋଧାନ : ୨୮.୦୪.୨୦୧୭ (ଅକ୍ଷୟ ତୃତୀୟା)

ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହୁଏନା । ଚାହୁଁ ଚାହୁଁ ୬ ବର୍ଷ ବିତିଗଲା । ହେ କର୍ମଯୋଗୀ ଆପଣଙ୍କ ପ୍ରଦର୍ଶିତ ସ୍ୱାଭିମାନ, ସରଳ ଜୀବନ ଯାପନ, ନିଷ୍ପାପର କର୍ତ୍ତବ୍ୟ କର୍ମ ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ଅଗଣିତ ଛାତ୍ର ଓ ପରିବାରବର୍ଗ ।

ଧ-୭୪୫୩୫

### ନବମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କୃଷ୍ଣମୋହନ ମହାନ୍ତି**

ଢାଉରଙ୍ଗସାହି, ସାକ୍ଷୀଗୋପାଳ, ପୁରୀ

ପବିତ୍ର ଅକ୍ଷୟତୃତୀୟାରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ୯ବର୍ଷ ହୋଇଗଲା ଆପଣଙ୍କ ଅନୁପସ୍ଥିତି ବହୁ ଦୁଃଖ ଦେଉଛି। ତଥାପି ଆପଣଙ୍କ ସ୍ନେହ, ଶ୍ରଦ୍ଧାକୁ ଆମେ ସବୁବେଳେ ଅନୁଭବ କରୁଛୁ। ଆପଣଙ୍କ ଅମରାତ୍ମା ପରମାତ୍ମାଙ୍କ ଠାରେ ଲୀନ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପତ୍ନୀ- ପଙ୍କୁ, ଝିଅ, ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନମାନେ ।

ଧ-୭୩୩୭୭

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ଗଭା ବେହେରା**

ଓଲଢ଼ି ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୨।୦୩।୧୯୪୮
ତିରୋଧାନ: ୧୨।୦୪।୨୦୨୩

ତୁମର ସ୍ନେହବୋଳା କଥା କହି ପରକୁ ଆପଣାର କରିବା, ତୁମର ସତ୍‌ମାର୍ଗ ଦର୍ଶନ, ଦୃଢ଼ ମନୋବଳ ଓ ଶୃଙ୍ଖଳିତ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଦୁଇ ପୁଅ ଓ ବୋହୂ, ଝିଅ ଓ ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।

ଧ-୦୧୪୮



# Classified Everyday 0674-2580101, 2549949


MATRIMONIAL

**GROOM WANTED**

Finance Sector Job ବାପା, ମା'ଙ୍କ ଗୋଟେ ସନ୍ତାନ, ୩୪ ବୟସ୍କା କରଣ Divorce ଝିଅଙ୍କୁ Anycaste ପୁଅ ଦରକାର। 6371586968. D-0132

ବୟସ 47, ଜାତି କରଣ, ସରକାରୀ ଶିକ୍ଷୟିତ୍ରୀ Widow ମହିଳା, ବୟସ 38, ଜାତି ଗୁଡ଼ିଆ, Staff Nurse ଅବିବାହିତା ମହିଳା ପାଇଁ ପୁରୁଷ ଆବଶ୍ୟକ। ଯୋଗାଯୋଗ – 9178392294. D-0130

34 ବୟସ୍କା Government ଚାକିରିଆ, ଦରମା 62000/- Divorce ନିଃସନ୍ତାନ ସୁନ୍ଦର ଗୋପାଳ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 8327715036. D-0163


AUTOMOBILE

**SALE**

One AC Luxury Sleeper Coach 2014 Model Bus 222 Viking, Price 15 lacs immediately for sale. Contact: 8327797971, 9439042752. D-71677


REAL ESTATE

**SALE**

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74673

Plot for sale in and around Bhubaneswar investment commercial and residential. 9777345831. D-71052

Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408. D-0133

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ) D-0023

4BHK Duplex Rera BMC approve at Hanspal. Low cost Plot for Investment Xavier University, Benabila, Koradakanta-9937927876. D-0160

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320. D-74845

Fully developed gated Society 30ft. each road, electricity, plantation, few plots available at Nakhara- 9439363944. D-74848

Land for sale near Samantarapur Bhubaneswar. Area: 2650sqft. Contact: 9090030068. D-0113

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101. D-0081


FOR RENT

3BHK Semi-Furnished premium 1800sqft. flat pool facing-3 Bathrooms, Garage, Trident Galaxy, Paikarapur. 7205432039. D-71559

Fully furnished AC Office Space near Kalyan Jewellers, Janpath tolet. Mob: 9437185769, 6371805087. D-71678


Healthcare

Newly open SPA positively health benefits with expert therapist. 7849011931. D-73698

Newly open health benefits Spa special offer @999 Nayapalli. 7846814019. D-75101

Relax, Refresh your body, Mind at Saikrupa Spa with best therapies. 8984068077. D-0145

Newly open health benefits SPA special offer @799 Jaydev Vihar. 8018429809. D-73700

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

All type of professional full body massage by professional therapist at Rajmahal @ 999. Contact: 7855053566. D-0078


education

B.Ed. Andhrapradesh under Nagarjuna Andhra University 2023-2025 batch Contact- 8339831898 8260311845 9930627570 seat booking admission. D-0156

**AFFIDAVIT**

I, Tapaswani Bhutia, W/o. Manmath Kumar Bhutia, At- Baruan(k), PO.-Bamuan, P.S- Tumusinga, Dist.- Dhenkanal, Pin- 759026 declare by this Affidavit No- 819, dated 21.04.23, that now onwards I shall be known as Tapaswini Bhutia for all future purposes. D-74058

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



ୟୁଟ୍ୟୁବ୍‌ରେ 'ଧରିତ୍ରୀ ଲାଇଭ୍'ର ସବ୍‌ସ୍କ୍ରାଇବର୍ ସଂଖ୍ୟା ଶନିବାର ୨ ମିଲିୟନ୍ ଅତିକ୍ରମ କରିଛି। ଏହି ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟଶା ସତପଥୀଙ୍କ ଉପସ୍ଥିତିରେ କର୍ମଚାରୀମାନେ କେକ୍ କାଟି ଖୁସି ମନାଉଛନ୍ତି।

# ଭତ୍ତା ଟଙ୍କା ଆତ୍ମସାତ୍: ୫ଜଣଙ୍କୁ ନିଲମ୍ବନ ନିର୍ଦ୍ଦେଶ

**ବଲାଙ୍ଗୀର ମ୍ୟୁନିସିପାଲିଟି**

**ବଲାଙ୍ଗୀର ଅଫିସ,୨୨।୪**

ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସ କର୍ମଚାରୀ କୋଭିଡ୍ ମହାମାରୀ ସମୟରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିବାକୁ ନେଇଥିବା ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଘଟଣା ଏବେ ଅଡିଟ୍ ବେଳେ ଧରାପଡିଛି। ଏହି ଘଟଣା ଧରାପଡିବା ପରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ରିକଭରି ଆଦେଶ ଦେଇଥିଲେ। ମ୍ୟୁନିସିପାଲିଟିର ୫ ଜଣ କର୍ମଚାରୀ ଟଙ୍କା ରିକଭରି ଦେଇଥିବା ସମ୍ପର୍କରେ ଜାଣିବା ପରେ ଜିଲାପାଳ ଚଞ୍ଚଳ ରାଣା ସେମାନଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି କରିଛନ୍ତି। ପ୍ରାୟ ୩ ବର୍ଷ ତଳର ଏହି ଘଟଣାକୁ ଚପାଇ ଦିଆଯାଇଥିବାବେଳେ ଏବେ ଅଡିଟ୍ ସମୟରେ ଖୋଲିଛି ସରକାରୀ ଟଙ୍କା ଆତ୍ମସାତ୍‌ର କଳା କାରନାମା। ତେବେ ଘଟଣା ସମ୍ପର୍କରେ ମୁହଁ ଖୋଲୁନାହାନ୍ତି ନିର୍ବାହୀ ଅଧିକାରୀ।

ମିଳିଥିବା ସୂଚନା ମୁତାବକ ୨୦୨୦-୨୧ କୋଭିଡ୍ ମହାମାରୀ ଲକ୍‌ଡାଉନ୍ ସମୟରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଥିଲା। ଲୋକେ ଘର ଭିତରେ ମାସ ମାସ ଧରି ରହିଥିବାରୁ ମ୍ୟୁନିସିପାଲିଟି କର୍ମଚାରୀଙ୍କୁ ଭତ୍ତାବଣ୍ଟନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାକୁ କେତେକ କର୍ମଚାରୀ ସୁଯୋଗ ଭାବି ବହୁ ହିତାଧିକାରୀଙ୍କ ଭତ୍ତାଟଙ୍କା ଆତ୍ମସାତ୍ କରିଦେଇଥିଲେ। ୨୦୨୦ ମସିହାରୁ ଏହି ସରକାରୀ ଟଙ୍କା ଆତ୍ମସାତ୍ ଘଟଣା ଘଟିସାରିଥିଲେ ମଧ୍ୟ ଏହାକୁ ଚପାଇ ରଖାଯାଇଥିଲା। ପ୍ରାରମ୍ଭିକ ସୂଚନାରୁ ପ୍ରାୟ ୧୨ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କୁଆଡେ ଅଡିଟ୍ ବେଳେ ଜଣାପଡିଛି। ଦୀର୍ଘ ତିନିବର୍ଷ ପରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟର ଅଡିଟ୍ ବେଳେ ଏହି ଘଟଣା ଜଣାପଡିବାରୁ ନିର୍ବାହୀ ଅଧିକାରୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବା ଛାଡି ରିକଭରି କରିବାକୁ କୁଆଡେ ନିର୍ଦ୍ଦେଶ ଦେଇଥିଲେ। ଫଳରେ କର୍ମଚାରୀ ଆଶିଷ ମହାପାତ୍ର ୧ଲକ୍ଷ ୫ଶହ ଟଙ୍କା ଏବଂ ଅଶୋକ କୁମାର ୨୦ ହଜାର ଟଙ୍କା ରିକଭରି ଦେଇଥିବା କୁହାଯାଉଛି। ଘଟଣା ସମ୍ପର୍କରେ ଜଣାପଡିବା ପରେ ଜିଲାପାଳ ରାଣା ୫ ଜଣ ଦୋଷୀ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏମାନଙ୍କ ବିରୋଧରେ ବହିଷ୍କାର ପ୍ରକ୍ରିୟା ମଧ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀଙ୍କୁ ତାଙ୍କ ମୋବାଇଲ ଫୋନ ନଂ ୯୯୩୭୯୯୫୮୩୫ରେ ଯୋଗାଯୋଗ କରାଯାଇଥିଲା। ରିଂ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜିଠୁ ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ଅଧୀନ ସ୍ୱତନ୍ତ୍ର ପ୍ରଦର୍ଶନୀ

- ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଭାରତ ସମେତ ୧୦୦ରୁ ଅଧିକ ପ୍ରଦର୍ଶନକାରୀ ସାମିଲ ହେବେ

**ଭୁବନେଶ୍ୱର, ୨୨।୪ (ବ୍ୟୁରୋ)**

ଭାରତର ଜି-୨୦ ଅଧ୍ୟକ୍ଷତା କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱରରେ ଆସନ୍ତା ସପ୍ତାହରେ ତୃତୀୟ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହେବ। ସିଏସ୍‌ଆଇଆର୍ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଏମ୍‌ଏମ୍‌ଟି) ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ। ଏହି ପ୍ରଦର୍ଶନୀରେ ପ୍ରଯୁକ୍ତି ନେତୃବର୍ଗ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଓ ଶିକ୍ଷାବିତ୍‌ମାନଙ୍କୁ କାର୍ଯ୍ୟର ଭବିଷ୍ୟତକୁ ନେଇ ସେମାନଙ୍କ ଦୃଷ୍ଟିକୋଣ ଓ ଦୂରଦୃଷ୍ଟିକୁ ପ୍ରଦର୍ଶିତ କରିବା ଲାଗି ସୁଯୋଗ ପ୍ରଦାନ କରିବ। ଏନ୍‌ଆଇଟି ରାଉରକେଲା, ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍ ସମ୍ବଲପୁର, ମେଟା, ୟୁନିସେଫ୍, ଏନ୍‌ସିଇଆର୍‌ଟି, ଅନ୍ୟାନ୍ୟ ପ୍ରତିଷ୍ଠାନ ଓ ସଂଗଠନଗୁଡ଼ିକ କାର୍ଯ୍ୟର ଭବିଷ୍ୟତ, ଆଧୁନିକ କାର୍ଯ୍ୟସ୍ଥଳୀରେ ନିରନ୍ତର ନବସୃଜନ, ଭବିଷ୍ୟତର ଦକ୍ଷତା ବିକାଶ ଏବଂ ଅଭିନବ ଡେଲିଭରି ମଡେଲ ଉପରେ ଆଧାରିତ ପ୍ରଯୁକ୍ତି ଏଠାରେ ପ୍ରଦର୍ଶିତ କରିବେ। ଏଥିରେ ଭାରତ ଏବଂ ଜି-୨୦ ସଦସ୍ୟ ରାଷ୍ଟ୍ରର ୧୦୦ରୁ ଅଧିକ ପ୍ରଦର୍ଶନକାରୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବେ।

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ୨୩ ଓ ୨୪ ଦୁଇଦିନ ଧରି ପ୍ରାକ୍ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରଦର୍ଶନୀ ସହିତ ଏକାଧିକ ପ୍ୟାନେଲ ଆଲୋଚନା କରାଯିବ। ସେହିପରି ବିଶ୍ୱ ସେମି କଣ୍ଡକ୍ଟର ଇକୋସିଷ୍ଟମରେ ଭାରତର ଦୃଷ୍ଟିକୋଣ, ଡିଜିଟାଇଜେଶନ ଏବଂ ନୂଆ ଯୁଗର ଷ୍ଟାର୍ଟଅପ ଆଦି ବିଷୟ ଉପରେ ଆଲୋଚନା କରାଯିବ। ଏହାବ୍ୟତୀତ ଏକ ଅଭିନବ କାର୍ଯ୍ୟର ଭବିଷ୍ୟତ ଅନୁଭୂତି ଜୋନ ପ୍ରତିଷ୍ଠା କରାଯିବ। ବଜାରରେ ପ୍ରାସଙ୍ଗିକ ରହିବାକୁ ହେଲେ ଆବଶ୍ୟକ ଆଧୁନିକ ବୈଷୟିକ କୌଶଳ ଏବଂ କୋମଳ ହସ୍ତାନ୍ତରଯୋଗ୍ୟ କୌଶଳ ସମ୍ପର୍କରେ ଏହି ଜୋନରେ ଯୁବବର୍ଗଙ୍କୁ ସୂଚନା ମିଳିପାରିବ। ହୋଲୋଗ୍ରାମ, ଇଣ୍ଟରଆକ୍ଟିଭ ସର୍ଫେସ ଟେବୁଲ ଏବଂ ଇଣ୍ଟରଆକ୍ଟିଭ ୱାଲ୍ ଭଳି ଆଧୁନିକ ପ୍ରଯୁକ୍ତି ବ୍ୟବହାର କରାଯାଇ ଏହି ଜୋନରେ କାର୍ଯ୍ୟର ଭବିଷ୍ୟତକୁ ପ୍ରଦର୍ଶିତ କରାଯିବ। ବିଭିନ୍ନ କ୍ଷେତ୍ରରେ ଅଟୋମେଶନ ଏବଂ ଡିଜିଟାଇଜେଶନ ଦ୍ୱାରା କାର୍ଯ୍ୟ ପଦ୍ଧତି କିଭଳି ବଦଳୁଛି ତାହା ଦର୍ଶକମାନେ ଏଠାରେ ଜାଣିବାକୁ ପାଇବେ। ପ୍ରଦର୍ଶନୀ ସମୟରେ କୃଷି, ପରିବହନ ଓ ସ୍ୱାସ୍ଥ୍ୟସେବା ଆଦି ୩ଟି କ୍ଷେତ୍ର ଉପରେ ପ୍ରାଥମିକତା ଦେଇ କାର୍ଯ୍ୟର ଭବିଷ୍ୟତ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ମେଟାଭର୍ସ ଏଆର/ଭିଆର, ରିଭର୍ସ ଇଞ୍ଜିନିଅରିଂ ଏବଂ ସ୍ୱୟଂଚାଳିତ ଡିଜାଇନ ସମାଧାନ, ଡ୍ରୋନ ପ୍ରଯୁକ୍ତି, ଏଆର/ଭିଆର ଉପଯୋଗ କରି ଏଡ୍-ଟେକ୍ ସମାଧାନ, ଶିଳ୍ପ ୪.୦ କୌଶଳ, ଭର୍ନାକୁଲାର ଅଧ୍ୟୟନ ଆଧାରିତ ପ୍ରଯୁକ୍ତି ସମାଧାନ, ଭର୍ଚୁଆଲ ଇଣ୍ଟର୍ନଶିପ ସମାଧାନ ଆଦି ପ୍ରଦର୍ଶନୀରେ ସ୍ଥାନ ପାଇବ।

# ଟ୍ରକ୍ ଧକ୍କାରେ ବାପା, ପୁଅ ମୃତ

**ନମାଜ ପାଠ ପରେ ଫେରୁଥିଲେ ଘରକୁ**

**ତାଳଚେର, ୨୨।୪ (ନି.ପ୍ର.)**

ପବିତ୍ର ରମଜାନ ମାସର ଶେଷ ଦିନ ତଥା ଇଦ୍-ଉଲ୍ ଫିତର ଥିବାରୁ ୩ ବର୍ଷର ପୁଅ ଏମ୍‌ଡି ସାହିଲ ଓ ଭଣଜା ଏମ୍‌ଡି ଫିରୋଜ କୁରେସୀଙ୍କୁ ଧରି ମସ୍‌ଜିଦ୍‌କୁ ନମାଜ ପାଠ କରିବାକୁ ଆସିଥିଲେ ତାଳଚେର ଗୋଡ଼ିବନ୍ଧ ଅଞ୍ଚଳର ଏମ୍‌ଡି ଆରିଫ (୩୪)। ହେଲେ ନମାଜ ପାଠ ପରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ୧୪୯ନଂ. ଜାତୀୟ ରାଜପଥର ବାଙ୍କଧରା ଛକ ନିକଟରେ ଘଟିଗଲା ଦୁର୍ଘଟଣା। କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଘଟଣାସ୍ଥଳରେ ହିଁ ଚାଲିଗଲା ଏମ୍‌ଡି ଆରିଫ ଓ ତାଙ୍କ ୩ ବର୍ଷର ପୁଅ ଏମ୍‌ଡି ସାହିଲଙ୍କ ଜୀବନ। ଶନିବାର ଅପରାହ୍ନ ପ୍ରାୟ ୧ଟାରେ ଘଟିଥିବା ଏହି ଦୁର୍ଘଟଣା ଅନୁଗୋଳ ଜିଲା ତାଳଚେର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଦୁର୍ଘଟଣାରେ ଗୁରୁତର ଏମ୍‌ଡି ଫିରୋଜଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାସ୍ଥଳରେ ରାସ୍ତାରୋକୋ କରାଯାଇଛି।

ସୂଚନା ଅନୁଯାୟୀ, ତାଳଚେର ଥାନା ଗୋଡ଼ିବନ୍ଧ ଅଞ୍ଚଳର ଏମ୍‌ଡି ଆରିଫ ପୂର୍ବାହ୍ନରେ ନମାଜ ପାଠ ପାଇଁ ତାଳଚେରସ୍ଥିତ ମସ୍‌ଜିଦ୍‌କୁ ବାଇକ୍‌ରେ ଆସିଥିଲେ। ତାଙ୍କ ସହ ପୁଅ ଏମ୍‌ଡି ସାହିଲ ଓ ଭଣଜା ଏମ୍‌ଡି ଫିରୋଜ କୁରେସୀ ଥିଲେ। ମସ୍‌ଜିଦ୍‌ରେ ନମାଜ ପାଠ କରିସାରିବା ପରେ ଏମ୍‌ଡି ଆରିଫ ସ୍ଥାନୀୟ ବଜାରରୁ ସଉଦାପତ୍ର କିଣିଥିଲେ। ଏହାପରେ ପୁଅ ଓ ଭଣଜାଙ୍କୁ ଧରି ସେ ଗୋଡ଼ିବନ୍ଧସ୍ଥିତ ଘରକୁ ଫେରୁଥିଲେ। ହେଲେ ୧୪୯ନଂ. ଜାତୀୟ ରାଜପଥର ବାଙ୍କଧରା ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଟ୍ରକ୍ ଚକାତଳେ ପଡ଼ିଯିବା ଯୋଗୁ ଏମ୍‌ଡି ଆରିଫ ଓ ପୁଅ ଏମ୍‌ଡି ସାହିଲଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିବା ଭଣଜା ଏମ୍‌ଡି ଫିରୋଜ କୁରେସୀଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଶତାଧିକ ଲୋକେ ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଛି। ଖବରପାଇ ତାଳଚେର ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଜାରି ରଖିଛନ୍ତି।

# ୩ହଜାର ପୃଷ୍ଠାର ଚାର୍ଜଶିଟ ଦାଖଲ କଲା ଭିଜିଲାନ୍ସ

**ପ୍ରଦୀପଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ସ୍ତ୍ରୀ ସୁଜାତା ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ଶନିବାର ଚାର୍ଜଶିଟ ଦାଖଲ କରିଛି। ୨୦୨୧ ଅକ୍ଟୋବର ୪ ତାରିଖରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ପ୍ରଦୀପ ଏବଂ ତାଙ୍କ ସ୍ତ୍ରୀ ସୁଜାତାଙ୍କ ବିରୋଧରେ ହୋଇଥିବା ମାମଲାରେ ଭିଜିଲାନ୍ସ ତଦନ୍ତ କରି ୩ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ୍ କୋର୍ଟରେ ଦାଖଲ କରିଛି। ତଦନ୍ତ ସମୟରେ ଭିଜିଲାନ୍ସ ଅଧିକାରୀ ପ୍ରଦୀପଙ୍କ ବାସଭବନରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ସମ୍ପତ୍ତି, ଆୟ ଓ ବ୍ୟୟ ସମ୍ପର୍କିତ ତଥ୍ୟ ହାସଲ କରିଥିଲେ। ତଦନ୍ତ ସମୟରେ ପାଣିଗ୍ରାହୀଙ୍କ ନିକଟରୁ ୯ କୋଟି ୧୮ଲକ୍ଷ ୧୩ହଜାର ୭ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା, ଯାହାର ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେହିପରି ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଲୋକାୟୁକ୍ତଙ୍କ ନିକଟରେ ୨୦୨୨ ଜୁନ୍ ୯ରେ ରିପୋର୍ଟ ଦାଖଲ ହୋଇଥିଲା। ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଗତ ୨୦ତାରିଖରେ ଲୋକାୟୁକ୍ତ ପ୍ରଦୀପ ଏବଂ ତାଙ୍କ ସ୍ତ୍ରୀ ସୁଜାତାଙ୍କ ବିରୋଧରେ ତୁରନ୍ତ କୋର୍ଟରେ ଚାର୍ଜଶିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଭିଜିଲାନ୍ସ ୩ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଦାଖଲ କରିଛି। ସୂଚନାଯୋଗ୍ୟ, ଠକେଇ, ଆପରାଧିକ ଷଡ଼ଯନ୍ତ୍ର ଏବଂ ଅନ୍ୟ ସାଇବର ଅପରାଧ ଅଭିଯୋଗରେ ୨୦୨୦ ଡିସେମ୍ବର ୩ରେ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ପରେ ସେ ବିଜେଡିରୁ ବହିଷ୍କୃତ ହୋଇଥିଲେ। ଟାଟା ମୋଟର୍ସରେ ଠକେଇ ଅଭିଯୋଗରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ଚାଲିଥିବା ମାମଲାରେ ହାଇକୋର୍ଟ ଜାମିନ ପ୍ରଦାନ କରିବା ପରେ ପ୍ରଦୀପ ୨୦୨୧ ଜୁନ୍ ୧୨ରେ ସେ ଝାରପଡ଼ା ଜେଲରୁ ଜାମିନରେ ଆସିଥିଲେ।

# ବ୍ରହ୍ମପୁରରେ ନକଲି ସାର୍ଟିଫିକେଟ କାରବାର

- ଲଙ୍ଗଳେଶ୍ୱରରୁ ଶିକ୍ଷକଙ୍କୁ ଧରିଲା ପୋଲିସ
- ଜାଲ ସାର୍ଟିଫିକେଟ ଜବତ

**ବ୍ରହ୍ମପୁର ଅଫିସ,୨୨।୪**

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ପୋଲିସ ନକଲି ସାର୍ଟିଫିକେଟ କାରବାରର ରହସ୍ୟ ଉନ୍ମୋଚନ କରି ଏହାର ମାଷ୍ଟରମାଇଣ୍ଡଙ୍କୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରରୁ ଶନିବାର ଧରିଛି। ସେ ଜଣେ ଶିକ୍ଷକ ବୋଲି ଜଣାପଡିଛି। ତାଙ୍କ ବିରୋଧରେ ମାମଲା ନମ୍ବର ୧୧୩/୨୩ ରୁଜୁ କରି ଅଟକ ରଖି ପଚରାଉଚରା କରୁଛି। ତାଙ୍କ ନିକଟରୁ ଅନେକ ଜାଲ ସାର୍ଟିଫିକେଟ ଜବତ କରାଯାଇଛି। ସେ ବିଭିନ୍ନ ରାଜ୍ୟର କେତେକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ନକଲି ସାର୍ଟିଫିକେଟ ତିଆରି କରି ଆଶାୟୀ ଯୁବତୀ ଓ ଯୁବକଙ୍କୁ ବିକ୍ରିକରି ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ଜଣାପଡ଼ିଛି। ଏନେଇ ଗୋଷାଣୀନୂଆଗାଁ ଅଞ୍ଚଳର ଜଣେ ଯୁବକ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଠକ ଶିକ୍ଷକଙ୍କୁ ଧରିଛି। ତଦନ୍ତରେ ବାଧା ଦୃଷ୍ଟିରୁ ତାଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛି। ତାଙ୍କଠାରୁ ଜବତ ସାର୍ଟିଫିକେଟଗୁଡିକ ସେ କେଉଁଠି ପ୍ରସ୍ତୁତ କରୁଥିଲେ ସେ ନେଇ ପୋଲିସ ତଦନ୍ତ କରିବା ସହ ଏଥିରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛି ସେ ନେଇ ଖୋଳତାଡ କରୁଥିବା କହିଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଆନନ୍ଦପୁର/କୋଡ଼ପଡ଼ା,୨୨।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ହସନପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଟକୃଷ୍ଣ ପ୍ରଧାନ(୬୫)। ବନ ବିଭାଗ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବଟକୃଷ୍ଣ ସକାଳୁ ଶୌଚ ହେବାକୁ ଗାଁ ନିକଟ ପଳାସ ବଣକୁ ଯାଇଥିଲେ। ସେ ସମୟରେ ଦୁଇଟି ହାତୀ ତାଙ୍କ ସାମ୍ନାକୁ ଆସିଥିଲେ। ଗୋଟିଏ ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଖବରପାଇ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଲକ୍ଷ୍ୟ କରିବା ସହିତ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଛନ୍ତି। ହାତୀ ଦୁଇଟି ବେଲବାହାଳୀର କାଜୁ ବଗିଚାରେ ଲୁଚି ଥିବା ଜଣାପଡ଼ିବା ପରେ ପୋଲିସ ଓ ବନବିଭାଗ କାଜୁ ବଗିଚା ଉପରେ ନଜର ରଖିଛନ୍ତି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଯାଜପୁର ଜିଲା ଟମକା ସଂରକ୍ଷିତ ଜଙ୍ଗଲରୁ ହାତୀ ଗୋଠଛଡ଼ା ହୋଇ ପଳାଇଆସିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି।





ଦି ଏୟାର ସ୍ପେସାଲିଷ୍ଟ

ଯେତେବେଳେ ପବନ କଥା ବିଚାରକୁ ଆସେ, ବିଶ୍ୱର ଅଗ୍ରଣୀ ଏୟାର ସ୍ପେସାଲିଷ୍ଟ କୁ ଭରସା କରନ୍ତୁ, ଯାହାର ଅଛି ୯୯ ବର୍ଷରୁ ଅଧିକର ସୃଜନଶୀଳତା ଡାଇକିନ ଏୟାର କଣ୍ଡିସନର

ଜର୍ମସ ଫ୍ରି ଏୟାର - ପ୍ୟାଟେଣ୍ଟେଡ଼ ଷ୍ଟ୍ରିମର ଡିସଚାର୍ଜ ଟେକନୋଲୋଜି | ଫାଷ୍ଟ କୁଲିଙ୍ଗ - ପାୱାର ଚିଲ ଅପରେସନ | ସ୍ମାର୍ଟ ଅପରେସନ - ଭଏସ ଏବଂ ମୋବାଇଲ କଣ୍ଟ୍ରୋଲ (ଗୁଗଲ ଏବଂ ଆଲେକ୍ସା ଏନେବଲଡ) | ମୋଷ୍ଟ ଏନର୍ଜି ଏଫିସିଏଣ୍ଟ ଆପ୍ଲିଆନ୍ସ ଅଫ ଦି ଇୟର ଆୱାର୍ଡ ର ବିଜେତା

Know more about The Air Specialist | Scan to see Daikin AC Features

5% CASHBACK SBI card | ₹699 STANDARD INSTALLATION | EMI Easy Finance* Options Available

ପରିବର୍ତ୍ତନ ସମୟର AC

DAIKIN AIRCONDITIONING INDIA PVT. LTD. : Branch Office: 1st Floor, N-4/249, IRC Village Nayapally, Bhubaneswar, Khordha, Odisha, 751012 Ph: 78730 58447 / 96685 20243

AUTHORISED DISTRIBUTORS: Balasore / Bhadrak / Mayurbhaj – Ambika Electronics – 7008127468; Costal Odisha – Mahavir Auto Industries – 9123081102; J.B Associates – 8599011507; R.S Distributors – 9438054408; South Odisha – Shree Sales – 9437028633; Western Odisha – Aroob (Rourkela) – 7008938189; J. B Associates (Sambalpur/Angul) - 8599011507

To know more give a missed call or SMS: <DAIKIN> to 9210188999 | Customer Contact Centre: 011-40319300, 1860-180-3900 | Visit us at: www.daikinindia.com | Email: customerservice@daikinindia.com

Follow us on: www.facebook.com/daikinindia www.twitter.com/daikinindia www.instagram.com/daikinindia in.company/daikin-airconditioning-india-pvt.-ltd. www.youtube.com/user/DaikinACIndia

Daikin adheres to E-waste Rules notified by MoEF. For more information on E-waste disposal and exchange policy please contact our Customer Service Centre.

Product image is for representation purpose only. *National Energy Conservation Award 2022, for model FTKM50.*T&C apply. For further offer details check nearby authorised Daikin dealer or refer to https://www.daikinindia.com/terms-conditions



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୩/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Sunday, April 23/2023 Page 16 ₹ 7.00

DSPL-20

ଓଡ଼ିଶା ସରକାର

"ପବିତ୍ର **ଅକ୍ଷୟ ତୃତୀୟା** ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ଅବସରରେ ଅକ୍ଷୟମୁଠି ଅନୁକୂଳ କରି ଚାଷକାମ ଆରମ୍ଭ କରୁଥିବା କୃଷକ ଭାଇଭଉଣୀମାନେ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା ସହିତ ରାଜ୍ୟର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୋର ଆଶା ।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅକ୍ଷୟ ତୃତୀୟା**
**ଭୂମିପୂଜା ଓ ଅକ୍ଷୟମୁଠି ଅନୁକୂଳ**
ଶୈକ୍ଷିକ କୃଷି ଫାର୍ମ, ଓୟୁଏଟି, ଭୁବନେଶ୍ୱର

ଉଦ୍‌ଘାଟନ

**ମିଲେଟ ଶକ୍ତି କାଫେ**




ଲୋକସେବା ଭବନ, ଭୁବନେଶ୍ୱର

**କୃଷି ସମୀକ୍ଷା କେନ୍ଦ୍ର**




କୃଷି ଭବନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଶୁଭାରମ୍ଭ
**ଅକ୍ଷୟ ତୃତୀୟା**
୨୩ ଏପ୍ରିଲ ୨୦୨୩

ରାଜ୍ୟର କୃଷକମାନଙ୍କ ପାଇଁ ପ୍ରମୁଖ କାର୍ଯ୍ୟକ୍ରମ

କାଳିଆ – କୃଷି କଲେ ଉନ୍ନତ ସକଳ ଉନ୍ନତି | ଓଡ଼ିଶା ମିଲେଟ ମିଶନ | କୃଷକ ଓଡ଼ିଶା | GO SUGAM – Government of Odisha - Single Window Unified Gateway for Agrarian Management

BALARAM | ଓଡ଼ିଶା ପଣସ ମିଶନ | ରିୱାର୍ଡ | ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ**

OIPR-01102/13/0006/2324

## ଏ ସପ୍ତାହର ପ୍ରଶ୍ନ

୧– ରିଜିଓନାଲ ପଲ୍ୟୁଶନ୍ ରେସ୍‌ପନ୍ସ ଏକ୍ସରସାଇଜ–୨୦୨୩ .......... ରକ୍ଷା ସେନାବାହିନୀ ଦ୍ୱାରା ଆରମ୍ଭ କରାଯାଇଛି ?
୨– 'ଏ ସ୍ୱିଟେବଲ୍ ବଏ' ପୁସ୍ତକର ଲେଖକ ........... ?
୩– ପୃଥିବୀର ସର୍ବାଧିକ ସୁନା ବ୍ୟବହାର କରୁଥିବା ଦେଶ ............. ?
୪– ଶେଷ ମୋଗଲ ଶାସକଙ୍କ ନାମ .................. ?
୫– ଫାଦର ଅଫ୍ ଗ୍ରୀନ୍ ରିଭୋଲ୍ୟୁଶନ୍ ............ ଙ୍କୁ କୁହାଯାଏ ?

## ଗତ ଥରର ଉତ୍ତର

୧ ବିହାର
୨ ଏପ୍ରିଲ୍ ୧୦
୩ ୧ ଲକ୍ଷଟି ଗ୍ରାମ
୪ ୨୦୨୫ ପର୍ଯ୍ୟନ୍ତ
୫ ଫ୍ରାନ୍ସ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ସୁନୀଲ କୁମାର ରାଓ, ଗଞ୍ଜାମ


ଶେଖ୍ ୟାକୁବ୍, ଗୋପ

## ଟପ୍ ୧୦

### ସବୁଠୁ ବଡ଼ ସରୀସୃପ ପ୍ରଜାତି

୧. ସଲ୍ଟୱାଟର କ୍ରୋକୋଡାଇଲ୍........................ ୧୩୦୦ – ୨୦୦୦ କେଜି
୨. ନାଇଲ୍ କ୍ରୋକୋଡାଇଲ୍ ............................ ୯୦୦ – ୧୦୯୦ କେଜି
୩. ଓରିନୋକୋ କ୍ରୋକୋଡାଇଲ୍ ......................... ୭୦୦ – ୧୧୦୦ କେଜି
୪. ଘଡ଼ିଆଳ ............................................. ୬୮୦ – ୧୦୦୦ କେଜି
୫. ଆମେରିକାନ କ୍ରୋକୋଡାଇଲ ......................... ୬୦୦ – ୧୨୮୩ କେଜି
୬. ଫଲ୍ସ ଘଡ଼ିଆଳ ......................................... ୫୯୦ – ୮୦୦ କେଜି
୭. ବ୍ଲାକ୍ କାଇମାନ୍ ......................................... ୫୦୦ – ୧୧୦୦ କେଜି
୮. ଆମେରିକାନ୍ ଆଲିଗେଟର ............................ ୫୦୦ – ୧୦୦୦ କେଜି
୯. ଲେଦରବ୍ୟାକ୍ ସି ଟର୍ଟଲ୍ .............................. ୫୦୦ – ୯୬୧ କେଜି
୧୦. ମଗର କ୍ରୋକୋଡାଇଲ୍ ................................ ୪୫୦ – ୭୦୦ କେଜି

## ଜାଣନ୍ତୁ ଦୁନିଆ

# ଏମିତି ବି ଅଛନ୍ତି ପ୍ରାଣୀ

**ଲୋଲ୍ୟାଣ୍ଡ ଷ୍ଟ୍ରିକ୍‌ଡ ଟେନ୍‌ରେକ୍:** ଏହା ଏକ କ୍ଷୁଦ୍ର ସ୍ତନ୍ୟପାୟୀ ପ୍ରାଣୀ। ଏହା ମୁଖ୍ୟତଃ ମାଡାଗାସ୍କାରଠାରେ ଦେଖିବାକୁ ମିଳିଥା'ନ୍ତି। ଏହାର ଲମ୍ବ ୪.୮ ରୁ ୬.୫ ଇଞ୍ଚ ହୋଇଥିବା ବେଳେ ଓଜନ ପ୍ରାୟ ୨୦୦ ଗ୍ରାମ ହୋଇଥାଏ। ଏହାର ଶରୀରରେ ଛୋଟ ଛୋଟ କଣ୍ଟା ସଦୃଶ ପର ରହିଛି, ଯାହାକୁ କାଟି ହେବ। ଏହା ଶରୀରର ରଙ୍ଗ ଉପରେ ଧଳା ହୋଇଥିବା ବେଳେ ଧୀରେ ଧୀରେ ତଳକୁ ହଳଦିଆ ହୋଇଆସେ। ଏମାନେ ମୁଖ୍ୟତଃ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଛୁଆ ଜନ୍ମ କରିଥା'ନ୍ତି। ଏମାନଙ୍କର ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ କାର୍ଯ୍ୟକ୍ଷମ।



**ରେଡ୍ ଲିପ୍ ବ୍ୟାଟ୍ ଫିଶ୍:** ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ଝିଅମାନେ ସାଧାରଣତଃ ବିଭିନ୍ନ ରଙ୍ଗର ଲିପ୍‌ଷ୍ଟିକ୍ ଲଗାଇଥା'ନ୍ତି। ହେଲେ ମାଛଟିଏ ଲିପ୍‌ଷ୍ଟିକ୍ ଲଗାଇଲେ କେମିତି ଲାଗିବ! ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଗାଲାପାଗୋସ୍ ଆଇସ୍‌ଲାଣ୍ଡରେ ଦେଖାଯାଉଥିବା ଏକ ପ୍ରକାରର ମାଛ ପ୍ରଜାତିର ଓଠ ପ୍ରକୃତରେ ଲାଲ୍, ଯାହାକି ଲାଲ୍ ଲିପ୍‌ଷ୍ଟିକ୍ ଲଗାଇବାର ଭ୍ରମ ସୃଷ୍ଟି କରିଥାଏ। ଏହି ମାଛର ଆଗ ଦୁଇ ପକ୍ଷୀ ପରି ପାଦ କାର୍ଯ୍ୟ କରିଥାଏ। ଫଳରେ ଏମାନେ ପାଣିରେ ନ ପହଁରି ତଳ ଭାଗରେ ଚାଲିଥା'ନ୍ତି।



**ସୁଣ୍ଡା କୋଲୁଗୋ:** ଏହା ଏକ ପ୍ରଜାତିର ଉଡ଼ନ୍ତା ଲେମର୍। ଏହା ଇଣ୍ଡୋନେସିଆ, ଥାଇଲାଣ୍ଡ, ମାଲେସିଆ ଏବଂ ସିଙ୍ଗାପୁରରେ ଦେଖିବାକୁ ମିଳିଥାଏ। ଏହା ମୁଖ୍ୟତଃ ଏକ ରାତ୍ରିଚର ପ୍ରାଣୀ। ଗଛର କଅଁଳ ପତ୍ର, ଫୁଲ, ଫଳ ଆଦି ଏହାର ପ୍ରଧାନ ଖାଦ୍ୟ।

**ସାଟାନିକ ଲିଫ୍ ଟେଲ୍‌ଡ ଜେକୋ:** ମାଡାଗାସ୍କାର ଆଇସ୍‌ଲାଣ୍ଡରେ ଥିବା ଜଙ୍ଗଲରେ ଏମାନଙ୍କୁ ଦେଖିବାକୁ ମିଳିଥାଏ। ଏହାର ମୁଣ୍ଡ ଶିଙ୍ଗଯୁକ୍ତ ହୋଇଥିବା ବେଳେ ଆଖିର ରଙ୍ଗ ଲାଲ୍ ଏବଂ ଲାଞ୍ଜ ଶୁଖିଲା ପତ୍ର ଭଳି ଦେଖାଯାଇଥାଏ। ଏହା ଲାଲ୍, ଧୂସର, ଟ୍ୟାନ୍ ଏବଂ ବାଇଗଣି ଭଳି ବିଭିନ୍ନ ରଙ୍ଗର ହୋଇଥା'ନ୍ତି। ଏମାନଙ୍କ ଓଜନ ମାତ୍ର ୪–୬ ଗ୍ରାମ ହୋଇଥିବା ବେଳେ ଲମ୍ବ ପ୍ରାୟ ୯୦ ମିଲିମିଟର ହୋଇଥାଏ। ଏମାନେ ଛୋଟ ଛୋଟ ପୋକ ଖାଇଥା'ନ୍ତି।





# ବିବାହକୁ ନା !

ବର୍ତ୍ତମାନ ଅନେକ ଯୁବତୀଯୁବକ ବୈବାହିକ ଜୀବନ ବିତାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ନେତା, ମନ୍ତ୍ରୀ, ସେଲିବ୍ରିଟୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଅନେକ ଅବିବାହିତ ରହୁଥିବା ଦେଖିବାକୁ ମିଳୁଛି। ଏକ ଗବେଷଣା ରିପୋର୍ଟ ମୁତାବକ, ସମଗ୍ର ପୃଥିବୀରେ ବିବାହକୁ ମନା କରୁଥିବା ଯୁବପିଢ଼ି ବିଶେଷକରି ଯୁବତୀଙ୍କ ସଂଖ୍ୟା ଜାପାନରେ ସର୍ବାଧିକ। ୨୦୨୨ରେ ଜାପାନ ସରକାରଙ୍କ ଦ୍ୱାରା ପ୍ରକାଶିତ ଜେଣ୍ଡର ରିପୋର୍ଟ ମୁତାବକ ୨୦ରୁ ୩୦ ବର୍ଷ ମଧ୍ୟରେ ୧୪% ଏବଂ ୩୦ରୁ ଊର୍ଦ୍ଧ୍ୱ ପ୍ରାୟ ୨୫.୪% ଯୁବତୀ ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି।

**କୁହାଯାଏ ନାରୀ ହେଉ ବା ପୁରୁଷ, ବିବାହ ମଣିଷ ଜୀବନରେ ପୂର୍ଣ୍ଣତା ଆଣିଦିଏ। ସେଇଠୁ ସୃଷ୍ଟି ହୁଏ ଏକ ନୂଆ ଜୀବନ ଏବଂ ଆଗକୁ ବଢ଼େ ପରିବାର। ପରସ୍ପର ପ୍ରତି ଭଲପାଇବା, ଠିକ୍ ବୁଝାମଣା, ପରିବାର ପ୍ରତି କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ଏହି ସମ୍ପର୍କକୁ କରିଥାଏ ଆହୁରି ମଜଭୁତ। ହେଲେ ବର୍ତ୍ତମାନ ଅନେକ ଯୁବପିଢ଼ି ବିଭିନ୍ନ କାରଣରୁ ଏହି ସମ୍ପର୍କ ଏବଂ ଦାୟିତ୍ୱରୁ ନିଜକୁ ମୁକ୍ତ ରଖିବାକୁ ଚାହୁଁଛନ୍ତି, ଯେଉଁଥିପାଇଁ ଦିନକୁଦିନ ଅବିବାହିତଙ୍କ ସଂଖ୍ୟା ବଢୁଥିବାର ଦେଖିବାକୁ ମିଳୁଛି...**







ସେହିପରି ଭାରତରେ ଜୁଲାଇ ୨୦୨୨ରେ ମିନିଷ୍ଟ୍ରି ଅଫ୍ ଷ୍ଟାଟିଷ୍ଟିକ୍ ଆଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ୍ ଦ୍ୱାରା ହୋଇଥିବା ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ମଧ୍ୟ ବିବାହ କରୁ ନ ଥିବା ଯୁବପିଢ଼ିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି ଲିଷ୍ଟରେ ଜମ୍ମୁ–କଶ୍ମୀର ସବୁଠୁ ଆଗରେ ରହିଛି। ଏଠାରେ ୨୦୧୯ରେ ୨୦.୮% ଅବିବାହିତ ରହିଥିବା ବେଳେ ୨୦୨୧ରେ ବୃଦ୍ଧି ପାଇ ୨୬.୧%ରେ ପହଞ୍ଚିଥିଲା। ସେହିପରି ଉତ୍ତର ପ୍ରଦେଶରେ ୨୬.୭%, ଦିଲ୍ଲୀରେ ୨୬.୫%, ପଞ୍ଜାବ ୨୫%, ହିମାଚଳ ପ୍ରଦେଶ ୨୦.୮% ରହିଛି। ଓଡ଼ିଶାରେ ମଧ୍ୟ ବର୍ତ୍ତମାନ ଅନେକ ଯୁବତୀଯୁବକ ବିବାହରୁ ବିମୁଖ ହେଉଥିବା ଘଟଣା ବୃଦ୍ଧି ପାଉଛି।

**ତେବେ ଏହା ପଛରେ କ'ଣ ରହିଛି କାରଣ: କ୍ୟାରିୟରକୁ ପ୍ରାଥମିକତା:** ଆଜିର ଯୁବପିଢ଼ି ଅଧିକ କ୍ୟାରିୟର ଓରିଏଣ୍ଟେଡ୍। ସଫଳ କ୍ୟାରିୟର ଗଢ଼ିବାକୁ ନେଇ ଏତେ ତତ୍ପର ଯେ, ବିବାହକୁ ଏକ ଜଞ୍ଜାଳ ଭାବିବାକୁ ବି ସେମାନେ ପଛାଉନାହାନ୍ତି। କେତେକଙ୍କ ମତରେ ବିବାହ କରିବା ଦ୍ୱାରା ପାରିବାରିକ ଚାପରେ ଆଗକୁ ବଢ଼ିବା କଷ୍ଟକର ହୋଇଥାଏ। ତେଣୁ କ୍ୟାରିୟରକୁ ପ୍ରାଥମିକତା ଦେବା ଆଳରେ ଅନେକେ ବୈବାହିକ ଜଞ୍ଜାଳରୁ ମୁକ୍ତ ରହିବାକୁ ଅଧିକ ପସନ୍ଦ କରୁଛନ୍ତି।

**ଆଜାଦି ହରାଇବାର ଭୟ:** ପୂର୍ବରୁ ସାଧାରଣତଃ ପୁଅମାନେ ଚାକିରି କରୁଥିଲେ ଏବଂ ଝିଅମାନେ ବିବାହ ପରେ ପରିବାର ସଦସ୍ୟଙ୍କ ଦାୟିତ୍ୱ ନେବା ସହ ଘରର ସମସ୍ତ କାର୍ଯ୍ୟ ତୁଲାଉଥିଲେ। ହେଲେ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଜବ୍ କରୁଛନ୍ତି ଏବଂ ଫାଇନାନ୍‌ସିଆଲ ଇଣ୍ଡିପେଣ୍ଡେଣ୍ଟ ରହୁଛନ୍ତି। ବିବାହ ପରେ ନିଜ ରୋଜଗାର ଟଙ୍କା ପାର୍ଟନରଙ୍କ ସହ ଶେୟାର କରିବା, ଟଙ୍କାକୁ ନେଇ କେବେକେବେ ମତାନ୍ତର, ମନାନ୍ତର ହେବା, ଝିଅମାନଙ୍କ କ୍ଷେତ୍ରରେ ପରିବାର ପାଇଁ କେବେକେବେ ଜବ୍ ଛାଡ଼ିବାକୁ ପଡ଼ିଥାଏ ଏବଂ ପ୍ରତ୍ୟେକ କାର୍ଯ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତା'ଛଡ଼ା ପ୍ରତ୍ୟେକ କାର୍ଯ୍ୟରେ ପରସ୍ପରକୁ ପଚାରିବା, ସମସ୍ତ କାର୍ଯ୍ୟ ଏକାଠି କରିବା ଦ୍ୱାରା ଆଜାଦି ନଷ୍ଟ ହୋଇଥାଏ ବୋଲି ଅନେକେ ଭାବନ୍ତି। ଏଭଳି ଘଟଣାକୁ ଏଡ଼ାଇବା ଲାଗି ଅନେକେ ବିବାହ କରିବାକୁ ଚାହୁଁ ନ ଥିବା ଦେଖିବାକୁ ମିଳୁଛି।

**ଆର୍ଥିକ ଚାପ:** ବିବାହ ପରେ ପରିବାର ସହ ପିଲା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅଧିକ ଅର୍ଥ ଆବଶ୍ୟକ ହୋଇଥାଏ। ଏକାଠି ବୁଲାବୁଲି କରିବା, ମାର୍କେଟିଂ କରିବା ଦ୍ୱାରା ମଧ୍ୟ ଖର୍ଚ୍ଚ ବୃଦ୍ଧି ପାଇଥାଏ। ଏସବୁ ଖର୍ଚ୍ଚର ଆର୍ଥିକ ଚାପ ସମ୍ଭାଳି ନ ପାରିଲେ ଦମ୍ପତିଙ୍କ ମଧ୍ୟରେ ଅଯଥା କଳହ ଏମିତିକି କେତେକ କ୍ଷେତ୍ରରେ ବିବାହ ବିଚ୍ଛେଦ ଭଳି ଘଟଣା ବି ଦେଖିବାକୁ ମିଳେ।



ଏହା ବ୍ୟତୀତ ବର୍ତ୍ତମାନ ସମୟରେ ଆର୍ଥିକ ପରିସ୍ଥିତିକୁ ଆଖିଆଗରେ ରଖି ଉଭୟ ରୋଜଗାର କରିବା ଆବଶ୍ୟକ ହେଉଛି। ହେଲେ ପିଲାଙ୍କ ପାଇଁ କିମ୍ବା ଅନ୍ୟ କୌଣସି ପରିସ୍ଥିତିରେ ସ୍ତ୍ରୀଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଲେ ଜଣଙ୍କ ଉପରେ ଆର୍ଥିକ ଚାପ ପଡୁଛି। ତେବେ ସମାଜରେ ଅନେକ ଏଭଳି ଘଟଣା ଦେଖି ମଧ୍ୟ ଅନେକ ପୁଅ ବିବାହ କରିବାକୁ ଚାହୁଁ ନାହାନ୍ତି।

**ଡେଟିଂ, ଲିଭ୍ ଇନ୍ ରିଲେଶନ୍‌ଶିପ୍:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ଅନେକ ଡେଟିଂ ଆପ୍ ରହିଛି, ଯାହାର ଭରପୂର ଫାଇଦା ଅନେକ ଯୁବପିଢ଼ି ନେଉଛନ୍ତି। ଏହାଦ୍ୱାରା ସେମାନେ ନିଜର ପାର୍ଟନର ଖୋଜିବା ସହ ଡେଟ୍ ମଧ୍ୟ କରୁଛନ୍ତି। ଏକାଠି ବୁଲିବା, ପରସ୍ପର ସହ ଅଧିକ ସମୟ ବିତାଉଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, କେହି କେହି ବିବାହ ପୂର୍ବରୁ ଏକାଠି ରହିବା ବା ଲିଭ୍ ଇନ୍ ରିଲେଶନଶିପ୍‌ରେ ରହିବା ଭଳି ଘଟଣା ବି ଏବେ ବଢ଼ିବାରେ ଲାଗିଛି। ଏହାଦ୍ୱାରା କେବେ କେବେ ସମ୍ପର୍କ ମଜଭୁତ ହେଉଛି ଏବଂ ଜୀବନସାଥୀ ବାଛିବା ମଧ୍ୟ ସହଜ ହେଉଛି। ହେଲେ ଅପରପକ୍ଷେ, ଏହାଦ୍ୱାରା ଅନେକେ କିଛି ସମୟ ଖୁସିକୁ ପ୍ରାଥମିକତା ଦେଉଛନ୍ତି ଏବଂ ଜଣଙ୍କ ସହ ବିବାହ ଭଳି ସାରା ଜୀବନର ଦାୟିତ୍ୱପୂର୍ଣ୍ଣ ସମ୍ପର୍କ ଯୋଡ଼ିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି।

## ଯୁଥ୍ ଆଲର୍ଟ

# ସ୍ୱାସ୍ଥ୍ୟ ପାଇଁ ହାନିକାରକ ପ୍ୟାକେଜ୍‌ଡ ଫୁଡ୍

**ବର୍ତ୍ତମାନ ବିଭିନ୍ନ ପ୍ୟାକେଜ୍‌ଡ ଫୁଡ୍ ଯେମିତି ଅଧିକାଂଶଙ୍କ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ ହୋଇଗଲାଣି। ବିଶେଷକରି ପିଲାମାନେ ଏବଂ ଯୁବପିଢ଼ି ଏଭଳି ଖାଦ୍ୟ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଏହି ଖାଦ୍ୟଗୁଡ଼ିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ...**



❖ଖାଦ୍ୟଗୁଡ଼ିକୁ ପ୍ୟାକେଟ୍‌ରେ ଦୀର୍ଘ ଦିନ ପର୍ଯ୍ୟନ୍ତ ନଷ୍ଟ ନ ହେବା ପାଇଁ ଅଧିକ ଲୁଣ, ତେଲ, ରଙ୍ଗ ଏବଂ ପ୍ରିଜର୍ଭେଟିଭ୍ ବ୍ୟବହାର କରାଯାଇଥାଏ, ଯାହାକି ସ୍ୱାସ୍ଥ୍ୟ ପ୍ରତି ଆଦୌ ହିତକର ନୁହେଁ। ବିଶେଷକରି ଏଭଳି ଖାଦ୍ୟର ପ୍ରାକୃତିକ ଫ୍ଲେଭର ବଜାୟ ରଖିବା ଲାଗି ବ୍ୟବହାର ହେଉଥିବା ମନୋସୋଡିଅମ ଗ୍ଲୁକାମେଟ୍ ଅନେକଙ୍କଠାରେ ମାଇଗ୍ରେନ୍ ସମସ୍ୟା ସୃଷ୍ଟି କରୁଛି।

❖ଏଭଳି ଖାଦ୍ୟ ଅଧିକ ଖାଇବା ଦ୍ୱାରା ଶରୀରରେ ଅଧିକ ଚର୍ବି ଜମା ହୋଇଥାଏ। ଫଳରେ ଅଳ୍ପ ବୟସରୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ଧୀରେ ଧୀରେ ଧମନୀ ଭିତରେ ଚର୍ବି ଜମାହେବାରୁ ତାହା ସଙ୍କୁଚିତ ହୋଇ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି କରେ। ଏମିତିକି ଏହା ଯୋଗୁ ହୃଦ୍‌ଘାତର ଆଶଙ୍କା ବୃଦ୍ଧି ପାଇଥାଏ।

❖କେବଳ ଏତିକି ନୁହେଁ ; ଏସବୁ ଖାଦ୍ୟରେ ମିଶାଯାଉଥିବା ଆର୍ଟିଫିସିଆଲ୍ ସୁଗାର, ସୋଡିଅମ୍ ନାଇଟ୍ରେଟ୍, ମନୋସୋଡିଅମ ଗ୍ଲୁକାମେଟ୍ ବର୍ତ୍ତମାନ ଅନେକଙ୍କଠାରେ ସ୍କିନ୍ ଆଲର୍ଜି, କେଶ ଝଡ଼ିବା ବା ଚନ୍ଦାପଣ, ଡାଇବେଟିସ୍, ବ୍ଲଡ୍‌ପ୍ରେସର, ଲିଭର ସମସ୍ୟା, ପେଟ ସମସ୍ୟା, ମାନସିକ ଅନଗ୍ରସରତା ଏବଂ ସର୍ବୋପରି ହୃଦ୍‌ରୋଗ ସମସ୍ୟା ଉପୁଜାଉଥିବା ଦେଖିବାକୁ ମିଳୁଛି।

❖ଏଭଳି ଅନେକ ପ୍ୟାକେଜ୍‌ଡ ଫୁଡ୍‌ରେ ସ୍ୱାଦ ବୃଦ୍ଧି ପାଇଁ ମିନେରାଲ୍ସ, ଫାଇବର ଏବଂ ଭିଟାମିନ୍ସର ପରିମାଣ କମ୍ ହୋଇ ସ୍ୟାଚୁରେଟେଡ ଫ୍ୟାଟ୍, କ୍ୟାଲୋରି, ସୋଡିଅମ୍ ଆଦି ମିଶାଯାଉଛି ; ଯାହାକି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ।

❖ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭଳି କେତେକ ଖାଦ୍ୟରେ ଗ୍ଲୁକୋଜ୍ ବଦଳରେ ଫ୍ରୁକ୍ଟୋଜ୍ ବ୍ୟବହାର କରାଯାଉଛି। ଏହାକୁ ଖାଇବା ଦ୍ୱାରା ଶରୀରରେ ଆର୍ଟିଫିସିଆଲ୍ ସୁଗାର ଯାଇ ମଧ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଯେଉଁ ଖାଦ୍ୟ ପ୍ୟାକେଟ୍‌ରେ ଇନ୍‌ଗ୍ରେଡିଏନ୍ସ ଲିଷ୍ଟରେ କର୍ନ ସିରପ୍, କର୍ନ ସିରପ୍ ସଲିଡ୍ସ, ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ୍ ଆଦି ମଧ୍ୟରୁ କିଛି ଲେଖାଥାଏ, ତେବେ ତାହା ନ ଖାଇବା ଭଲ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୩/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Sunday, April 23/2023 Page 16 | ପୃଷ୍ଠା-୧




**ମହେଶ ମୂର୍ତ୍ତିଙ୍କ ନାଁରେ ୧୦୦ ନିୟୁତ ଡଲାର ମାନହାନି ମକଦ୍ଦମା**

ସିଙ୍ଗାପୁରର ଫ୍ୟାଶନ୍ ଟେକ୍ନୋଲୋଜି କମ୍ପାନୀ ଜିଲିଙ୍ଗୋର ସହପ୍ରତିଷ୍ଠାତା ଅଙ୍କିତି ବୋଷ ସିଡ୍‌ଫଣ୍ଡର ସହପ୍ରତିଷ୍ଠାତା ମହେଶ ମୂର୍ତ୍ତିଙ୍କ ନାଁରେ ୧୦୦ ନିୟୁତ ଡଲାରର ମାନହାନି ମକଦ୍ଦମା କରିଛନ୍ତି।

୦୩

୦୬

**ଜ୍ୟୋତି ଜିତିଲେ ସ୍ୱର୍ଣ୍ଣ ପଦକ**

ଭାରତର ଜ୍ୟୋତି ସୁରେଖା ଭେନମ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୩ ମହିଳା କମ୍ପାଉଣ୍ଡ ବିଭାଗ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



# କ୍ରିକେଟ ଖେଳକୁ ନେଇ ୩ ଛାତ୍ରଙ୍କୁ ଆକ୍ରମଣ

## ବିଜେବି କଲେଜରେ ପୁଣି ଅଣଛାତ୍ରଙ୍କ ଗୁଣ୍ଡାଗିରି

*ବିଜେବି କଲେଜ ପରିସରରେ ବାରମ୍ବାର ଅଣଛାତ୍ରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଗତ ସପ୍ତାହରେ କେତେଜଣ ଅଣଛାତ୍ରଙ୍କ ଆକ୍ରମଣରେ ଜଣେ ଇଣ୍ଟିଗ୍ରେଟେଡ ଏମ୍‌ବିଏ ଛାତ୍ର ଆହତ ହୋଇଥିବାବେଳେ ଶନିବାର କଲେଜ ପଡ଼ିଆରେ କ୍ରିକେଟ ଖେଳକୁ ନେଇ ପୁଣି ହିଂସା ଦେଖାଦେଇଛି। କେତେଜଣ ଅଣଛାତ୍ରଙ୍କ ଆକ୍ରମଣରେ ୩ଜଣ ଛାତ୍ର ଆକ୍ରମଣର ଶିକାର ହୋଇଛନ୍ତି। ବାରମ୍ବାର କଲେଜ ପରିସରରେ ଏଭଳି ଅଣଛାତ୍ରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ଛାତ୍ର ମହଲରେ ଅସନ୍ତୋଷ ଦେଖାଦେଇଛି।*



- ପଡ଼ିଆରେ ବ୍ୟାଟ୍, ବାଡ଼ି, ଫାର୍ସା ଧରି ଗୋଡ଼ାଇଲେ
- ଅଭିଯୋଗ ପରେ ୩ଜଣଙ୍କୁ ଗିରଫ କଲା ପୋଲିସ

**ଭୁବନେଶ୍ୱର,୨୨।୪ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରର ବିଜେବି କଲେଜରେ ପୁଣି ଥରେ ଅଣଛାତ୍ରଙ୍କ ଗୁଣ୍ଡାଗିରି ଦେଖିବାକୁ ମିଳିଛି। କ୍ରିକେଟ ଖେଳକୁ ନେଇ କଲେଜର ଖେଳ ପଡ଼ିଆରେ ଶନିବାର କେତେଜଣ ଅଣଛାତ୍ର ହାତରେ ବ୍ୟାଟ୍, ଖଣ୍ଡା, ଫାର୍ସା, ବାଡ଼ି ଧରି ଛାତ୍ରଙ୍କୁ ଗୋଡ଼ାଇ ଆକ୍ରମଣ କରିଛନ୍ତି। ଏଥିରେ ୩ଜଣ ଛାତ୍ର ଆହତ ହୋଇଛନ୍ତି। ଆହତମାନେ ହେଲେ ସୌମ୍ୟରଞ୍ଜନ ପ୍ରଧାନ, ଉମାଶଙ୍କର ବେହେରା ଏବଂ ଅଜୟ ନାୟକ। ଆହତ ଛାତ୍ରଙ୍କ ଅଭିଯୋଗ କ୍ରମେ ବଡ଼ଗଡ଼ ଥାନା ପୋଲିସ ଏକ ମାମଲା(ନଂ. ୨୦୧/୨୦୨୩) ରୁଜୁକରି ୩ଜଣ ଅଣଛାତ୍ରଙ୍କୁ ଗିରଫ କରିଛି। ସେମାନେ ହେଲେ ବିକି ନାୟକ, ଲିଟୁ ପ୍ରଧାନ ଓ ଦିପୁ ପ୍ରଧାନ। ବିକି ଓ ଦିପୁଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି। ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବା ସହ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି।

ଅଭିଯୋଗ ଅନୁସାରେ, ଶନିବାର ସକାଳେ କଲେଜ ଖେଳ ପଡ଼ିଆରେ ଅଣଛାତ୍ରମାନେ କ୍ରିକେଟ ଖେଳୁଥିଲେ। ଏହି ସମୟରେ କେତେଜଣ ଛାତ୍ର ସେଠାକୁ ଆସି କ୍ରିକେଟ ଖେଳିବାକୁ କହିବା ସହ ଆଉ କେତେ ସମୟ ଲାଗିବ ବୋଲି ଅଣଛାତ୍ରଙ୍କୁ ପଚାରିଥିଲେ। ଏହାପରେ ଅଣଛାତ୍ରମାନେ କିଛି ଓଭର ଅଛି, ସରିଲା ପରେ ଖେଳିବାକୁ ଛାତ୍ରଙ୍କୁ କହିଥିଲେ। ହେଲେ ଖେଳ ସରିବା ପରେ ଅଣଛାତ୍ର ଫିଲ୍ଡ ଛାଡ଼ିବା ବଦଳରେ ପୁଣି ଥରେ ଖେଳିବାକୁ ଚେଷ୍ଟା କରିଥିଲେ, ଯାହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଅଣଛାତ୍ରମାନେ ପଡ଼ିଆ ଛାଡ଼ି ପଳାଇଥିଲେ। ହେଲେ କିଛି ସମୟ ପରେ ପ୍ରାୟ ୧୫ରୁ ଅଧିକ ଅଣଛାତ୍ର ପଡ଼ିଆ ଭିତରକୁ ବ୍ୟାଟ୍, ଖଣ୍ଡା, ଫାର୍ସା ଭଳି ମାରଣାସ୍ତ୍ର ଧରି ଧସେଇ ପଶିବା ସହ ହଷ୍ଟେଲ ଛାତ୍ରଙ୍କୁ ☞ପୃଷ୍ଠା-୩

# ଆଜି ନୂଆ ବିଜେଡି ଅଫିସ ଉଦ୍‌ଘାଟନ



ଓଡ଼ିଶା କଳାସ୍ଥାପତ୍ୟ ଝଲକରେ ଝଲସୁଛି 'ଶଙ୍ଖ ଭବନ'

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଦୀର୍ଘ ୨ ବର୍ଷ ପରେ ୟୁନିଟ-୬ କ୍ୟାପିଟାଲ ହସ୍ପିଟାଲ ନିକଟରେ ଥିବା ବିଜୁ ଜନତା ଦଳର ନବନିର୍ମିତ ଶଙ୍ଖ ଭବନ କାର୍ଯ୍ୟାଳୟ ଉଦ୍‌ଘାଟନ ହେବ। ରବିବାର ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଏହି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିବେ। ପର୍ବାହ୍ନ ୯ଟା ସୁଦ୍ଧା ଦଳୀୟ ନେତା ଓ କର୍ମୀମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ କୁହାଯାଇଛି।

୨୦୨୧ ଜୁଲାଇ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଦଳୀୟ କାର୍ଯ୍ୟାଳୟର ଶୁଭ ଦେଇଥିଲେ। ପ୍ରାୟ ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟାଳୟ ☞ପୃଷ୍ଠା-୩

# ଡାକଘରକୁ ଟଙ୍କାଏ ପାଇଁ ୧,୦୦୦ ଜରିମାନା

**ବ୍ରହ୍ମପୁର ଅଫିସ,୨୨।୪**

ଜଣେ ଗ୍ରାହକଙ୍କଠାରୁ ଆଦାୟ କରିଥିବା ୧ ଟଙ୍କା ସେବାକର ନ ଫେରାଇବା ଡାକ ବିଭାଗ ପାଇଁ ଏବେ ମହଙ୍ଗା ପଡିଛି। ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲା ଖାଉଟି ଅଦାଲତ ମାମଲାର ବିଚାର କରି ଡାକ ବିଭାଗକୁ ୧୦୦୦ ଟଙ୍କା ଜରିମନା ଦେବାକୁ ନିର୍ଦ୍ଦେଶ ଦେଇଛି। ପ୍ରକାଶ ଯେ, ଶେରଗଡର ଶିବପ୍ରସାଦ ଷଡ଼ଙ୍ଗୀ ଜଣେ ଆଇନ ଛାତ୍ର । ସେ ଆରଟିଆଇ ଆବେଦନ ଦରଖାସ୍ତର ଉତ୍ତର ପାଇବା ପାଇଁ ୨୦୨୦ ଅଗଷ୍ଟ ୧୯ରେ ଭୁବନେଶ୍ୱରର ଏକ କାର୍ଯ୍ୟାଳୟକୁ ଶେରଗଡ ଡାକଘରେ ୧୦ ଟଙ୍କାର ମନି ଅର୍ଡର କରିଥିଲେ। ଡାକଘର ପକ୍ଷରୁ ସେବାକର ବାବଦକୁ ତାଙ୍କଠାରୁ ଅତିରିକ୍ତ ୧ ଟଙ୍କା ନିଆଯାଇଥିଲା। ସେହିକ୍ରମରେ ଶିବପ୍ରସାଦ ଡାକଘରେ ମୋଟ ୧୧ ଟଙ୍କା ଦେଇଥିଲେ। ହେଲେ ଶେରଗଡ ଡାକଘର କର୍ମଚାରୀ ମନ ଅର୍ଡରଟି ବୁକ୍ କରିବା ସମୟରେ ପିନ୍ କୋଡ ଭୁଲ ଲେଖିଥିବାରୁ ସେହି ମନି ଅର୍ଡର ଠିକଣା ସମୟରେ ଠିକ୍ ସ୍ଥାନରେ ☞ପୃଷ୍ଠା-୩


DADLS-12



ଓଡ଼ିଶା ସରକାର

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

କୃଷକ ଦିବସ ଓ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆମ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଚାଷୀଭାଇମାନଙ୍କର ପରିଶ୍ରମ ଓ ନିଷ୍ଠା ଯୋଗୁ ଆଜି ଓଡ଼ିଶା କୃଷି ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ଚାଷୀ ପରିବାରର ବିକାଶ ଓ କଲ୍ୟାଣ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେଗୁଡ଼ିକର ସଫଳତା ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0031/2324

DADLS-12



ଓଡ଼ିଶା ସରକାର

**ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାର୍ତ୍ତା**

ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ କୃଷକ ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

କୃଷକ ଭାଇମାନଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ ଓ ମାଟି ମାଆଙ୍କୁ ପୂଜାର୍ଚ୍ଚନା ଆମ ସମୃଦ୍ଧ ପରମ୍ପରାକୁ ବଳିଷ୍ଠ କରିଛି । ଆମ ରାଜ୍ୟ ଶସ୍ୟଶ୍ୟାମଳାରେ ଭରି ଉଠୁ, କୃଷକ ପରିବାରଙ୍କ କଲ୍ୟାଣ ଓ ସମୃଦ୍ଧି ଘଟୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0031/2324

**ରିହାତିରେ ସ୍ୱଚ୍ଛତା ଓ ସର୍ବନିମ୍ନ ଗଢ଼ାମୂଲ୍ୟ ପାଇଁ ଚର୍ଚ୍ଚାରେ ଲାଲ୍‌ଚାନ୍ଦ୍**

**ଭ୍ରମାତ୍ମକ ଅଫର ଓ ମିଛ ରିହାତିରୁ ବର୍ତ୍ତିବା ପାଇଁ ଗ୍ରାହକଙ୍କ ଉଦ୍ଦେଶ୍ୟରେ ସଚେତନତାର ବାର୍ତ୍ତା**

ଭୁବନେଶ୍ୱର : ଚଳିତ ଅକ୍ଷୟ ତୃତୀୟା ଅବସରରେ ଅନେକ ଅଳଙ୍କାର ପ୍ରତିଷ୍ଠାନ ଗ୍ରାହକଙ୍କୁ ପ୍ରଲୋଭିତ କରିବା ପାଇଁ ଆଣିଛନ୍ତି ଭଳିକି ଭଳି ଅଫର। ସେଥିରେ ରହିଛି ଅନେକ ସତ ଓ ଅନେକ ମିଛ। ଏହି ଅବସରରେ ଗ୍ରାହକବନ୍ଧୁ ମାନଙ୍କୁ ସଚେତନ କରିବା ଲକ୍ଷରେ ଅଣ୍ଟାଭିଡ଼ିଛନ୍ତି ଓଡ଼ିଶାର ଲୋକପ୍ରିୟ ତଥା ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍।

ଗ୍ରାହକମାନଙ୍କୁ ପ୍ରଲୋଭିତ କରି କିଭଳି ଭୂଆଁ ବୁଲାଯାଉଛି ତାହାର ଅନେକ ଉଦାହରଣ ରହିଛି। ଯେପରିକି, ଚଳିତ ଅକ୍ଷୟ ତୃତୀୟା ଅବସରରେ କେତେକ ଅଳଙ୍କାର ପ୍ରତିଷ୍ଠାନ ୧୦ ଗ୍ରାମ୍ ସୁନା ଉପରେ ୨୭୦୦ ଟଙ୍କା ଏବଂ ୩୦୦୦ ଟଙ୍କା ରିହାତି ଦେଉଛନ୍ତି। ଆଉ କେତେକ ସ୍ଥାନରେ ଗଢ଼ା ମଜୁରୀ ୪.୯ ପ୍ରତିଶତରୁ ଆରମ୍ଭ ହେଉଥିବା ପ୍ରଚାର ହେଉଛି। ଏପରିକି କେତେକ ସଂସ୍ଥା ୦% ମେକିଂ ଚାର୍ଜରେ ଅଳଙ୍କାର ବିକ୍ରୟ କରୁଥିବା ଦାବୀ କରୁଛନ୍ତି। ତେବେ ଏସବୁ ଦାବୀରେ କେତେଦୂର ସତ୍ୟତା ରହିଛି ତାହା ଉପରେ ବିଚାର କରାଯାଉ।

ପ୍ରଥମ ରିହାତି ଅଫର ଅନୁସାରେ ୨୭୦୦ ଟଙ୍କା ବା ୩୦୦୦ ଟଙ୍କା ରିହାତିରେ ଗ୍ରାହକଙ୍କୁ ଗ୍ରାମ୍ ପ୍ରତି ୨୭୦ ଟଙ୍କା ବା ୩୦୦ ଟଙ୍କା ରିହାତି ମିଳୁଛି। କିନ୍ତୁ, ସଂପୃକ୍ତ ପ୍ରତିଷ୍ଠାନ ପ୍ରକୃତରେ କେତେ ମେକିଂ ଚାର୍ଜ ରଖିଛନ୍ତି, ତାହା ଗୋପନ ରହିଛି। ଗ୍ରାହକମାନେ ଅଳଙ୍କାର କିଣିବା ପରେ ତାଙ୍କଠାରୁ ସ୍ଥଳବିଶେଷରେ ଗ୍ରାମ୍ ପ୍ରତି ୧୮୦୦ ଟଙ୍କା ପର୍ଯ୍ୟନ୍ତ ମେକିଂ ଚାର୍ଜ ଦାବୀ କରାଯାଉଛି। ତା' ଉପରେ ଯଦି ୨୭୦ ଟଙ୍କା ବା ୩୦୦ ଟଙ୍କାର ରିହାତି ଦିଆଯାଏ, ତେବେ ଗ୍ରାହକଙ୍କୁ ଅସଲରେ ସ୍ୱର୍ଣ୍ଣ ଅଳଙ୍କାର ଗ୍ରାମ୍ ପ୍ରତି ୧୫୦୦ ଟଙ୍କା ବା ୧୫୩୦ ଟଙ୍କା ମେକିଂ ଚାର୍ଜ ବାବଦରେ ଦେବାକୁ ପଡୁଛି।

ଏବେ ଦ୍ୱିତୀୟ ଉଦାହରଣର ବିଶ୍ଳେଷଣ କରାଯାଉ। ଏଠାରେ ଗଢ଼ା ମଜୁରୀ ଆରମ୍ଭ ହେଉଛି ୪.୯ ପ୍ରତିଶତରୁ। ଧରାଯାଉ ୧୦ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାରର ଦାମ୍ ରହିଛି ୫୫,୭୦୦ ଟଙ୍କା। ଏହାର ୪.୯ ପ୍ରତିଶତ ହେଉଛି ୨୭୨୯ ଟଙ୍କା ଅଥବା ଗ୍ରାମ୍ ପ୍ରତି ୨୭୩ଟଙ୍କା। ତା'ର ଅର୍ଥ ହେଲା ଏଠାରେ ୧ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାରର ମେକିଂ ଚାର୍ଜ ୨୭୩ ଟଙ୍କାରୁ ଆରମ୍ଭ ହୁଏ। କିନ୍ତୁ ପ୍ରକୃତରେ କେତେ ଟଙ୍କା ପର୍ଯ୍ୟନ୍ତ ମେକିଂ ଚାର୍ଜ ନିଆଯାଏ, ସେ ସଂପର୍କରେ ଗ୍ରାହକଙ୍କୁ ଅନ୍ଧାରରେ ରଖାଯାଇଛି। ଯେତେବେଳେ ଗ୍ରାହକମାନେ ସଂପୃକ୍ତ ଅଳଙ୍କାର ପ୍ରତିଷ୍ଠାନକୁ ଯାଉଛନ୍ତି ଏବଂ ୪.୯% ମେକିଂର ଅଳଙ୍କାର କିଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି, ସେତେବେଳେ ସେମାନଙ୍କୁ ନୈରାଶ୍ୟର ସମ୍ମୁଖୀନ ହେବାକୁ ପଡୁଛି। ୪.୯% ମେକିଂର ଯେଉଁ ଅଳଙ୍କାର ଅଛି, ତାହା ପସନ୍ଦ ହେଉ ନାହିଁ। ଯାହା ପସନ୍ଦ ହେଉଛି ସେଥିରେ ୨୨%ରୁ ୨୫% ମେକିଂ ଚାର୍ଜ ଦାବି କରାଯାଉଛି। ଅର୍ଥାତ୍ ଗ୍ରାମ୍ ପ୍ରତି ଗ୍ରାହକଙ୍କୁ ୧୨୨୫ରୁ ୧୩୯୩ ଟଙ୍କା ପର୍ଯ୍ୟନ୍ତ ମେକିଂ ଚାର୍ଜ ଦେବାକୁ ହେଉଛି।

ସେହିପରି ଅନ୍ୟ ଏକ ଅଳଙ୍କାର ପ୍ରତିଷ୍ଠାନ ୦% ମେକିଂ ଚାର୍ଜ ଦେଉଥିବା ଦାବୀ କରିଛନ୍ତି। କିନ୍ତୁ ସର୍ତ୍ତ ଅଛି- ୦% ମେକିଂ ଲାଗୁ ହେବ କ୍ରୟର ଅଧା ମୂଲ୍ୟ ଉପରେ ତା' ପୁଣି ୧ଲକ୍ଷ ଟଙ୍କାରୁ ଅଧିକ କିଣିଲେ। ତା' ମାନେ ଲକ୍ଷେ ଟଙ୍କା କିଣିଲା ପରେ ୫୦ ହଜାର ଟଙ୍କାର ଅଳଙ୍କାର ଉପରେ ୧୦୦% ମେକିଂ ଲାଗିବ ଏବଂ ଅନ୍ୟ ୫୦ ହଜାର ଟଙ୍କା ଉପରେ ୦% ମେକିଂ ଲାଗିବ। ସିଧା ସିଧା ଦେଖିଲେ ଏଠାରେ ୫୦% ମେକିଂକୁ ୦% ମେକିଂ କୁହାଯାଉଛି। ଏହା ଗ୍ରାହକମାନଙ୍କୁ ଭ୍ରମରେ ପକାଉ ନାହିଁ କି ?

ଆହୁରି ଗଭୀର ଭାବେ ଦେଖିଲେ - ଯେଉଁମାନେ ଏକ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଅଳଙ୍କାର କିଣିବେ ସେମାନେ ପୁରା ମେକିଂ ଚାର୍ଜ ଦେବେ। ତା'ମାନେ ସେମାନେ ୧୭% ରୁ ୩୮% ପର୍ଯ୍ୟନ୍ତ (ଅର୍ଥାତ୍ ୯୪୭ ଟଙ୍କାରୁ ୨୧୧୭ ଟଙ୍କା ପ୍ରତିଗ୍ରାମ୍ ମେକିଂ ଦେବେ, ସୁନାର ଦର ୫୫,୭୦୦ଟଙ୍କାରେ ହିସାବ କଲେ)। ଅଳ୍ପ ସଂଖ୍ୟକ ଗ୍ରାହକ ଯେଉଁମାନେ ୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଅଳଙ୍କାର କିଣିବେ ସେମାନେ ୫୦% ମେକିଂ ରିହାତି ପାଇପାରିବେ (ତା' ମାନେ ୪୭୪ ଟଙ୍କାରୁ ୧୦୫୯ ଟଙ୍କା ଗ୍ରାମ୍ ପ୍ରତି ମେକିଂ ଦେବାକୁ ହେବ)। ଏବେ ୦% ମେକିଂ କେଉଁଠି ରହିଲା ତାହା ଓଡ଼ିଶାର ବୁଦ୍ଧିଜୀବୀ ଜନତାଙ୍କୁ ଖୁବ୍ ଭଲ ଭାବେ ମାଲୁମ ଅଛି। ଏହିସବୁ ରିହାତି ଅଫରକୁ ଦେଖିବା ପରେ ଜଣାପଡେ ଯେ, କେବଳ ଲାଲ୍‌ଚାନ୍ଦ୍‌ରୁ ଅଳଙ୍କାର କ୍ରୟ କରିବା ଗ୍ରାହକଙ୍କ ପାଇଁ ସବୁଠୁ ଲାଭଦାୟକ ସାବ୍ୟସ୍ତ ହେବ। ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ଗ୍ରାହକମାନଙ୍କୁ ସମସ୍ତ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଉପରେ ମିଳିବ ଗୋଟିଏ ମେକିଂ ଚାର୍ଜ। ତାହା ପୁଣି ମାତ୍ର ୬୯୯ ଟଙ୍କା ଗ୍ରାମ୍ ପ୍ରତି। କୌଣସି ପ୍ରକାର ଲୁଚାଛପା ବା ବୁଲେଇବଙ୍କେଇ କହିବା ଠାରୁ ଲାଲ୍‌ଚାନ୍ଦ୍ ସବୁବେଳେ ଦୂରରେ। ଲାଲ୍‌ଚାନ୍ଦ୍‌ରେ ହୀରା ଅଳଙ୍କାର କ୍ରୟ ଉପରେ ୨୪ କ୍ୟାରେଟ୍ ସ୍ୱର୍ଣ୍ଣ ମୁଦ୍ରା ମାଗଣା, ରୁପା ଗଢ଼ା ମଜୁରୀରେ ସିଧା ୫୦% ରିହାତି, ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ୨୦% ପର୍ଯ୍ୟନ୍ତ ଓ ବ୍ରାଣ୍ଡେଡ୍ ଗିଫ୍ଟ ଆଇଟମ ଉପରେ ୧୫% ପର୍ଯ୍ୟନ୍ତ ରିହାତି ରହିଛି। ସେହିପରି ଲାଲ୍‌ଚାନ୍ଦ୍ ବ୍ରହ୍ମପୁରର ପ୍ରଥମ ବାର୍ଷିକୀ ଅବସରରେ ବ୍ରହ୍ମପୁର ସୋରୁମ୍‌ର ଗ୍ରାହକମାନେ ୩ଟି ଇଲେକ୍ଟ୍ରିକ୍ ସ୍କୁଟି ଜିତିବାର ସୁଯୋଗ ପାଇବା ସହିତ ଝିଅର ମାଟ୍ରିକ ଆଡ୍‌ମିଟ୍ କାର୍ଡ ଦେଖାଇ ଗୁଡ୍‌ଲକ୍ କଏନ୍ ମାଗଣା ପାଇପାରିବେ ଏବଂ ପ୍ରତ୍ୟେକ କ୍ରୟ ଉପରେ ଏକ ନିଶ୍ଚିତ ଉପହାର ପାଇପାରିବେ। କେବଳ ସେତିକି ନୁହେଁ, ଲାଲ୍‌ଚାନ୍ଦ୍‌ରେ ସ୍ୱର୍ଣ୍ଣର ମୂଲ୍ୟ ମଧ୍ୟ ସାରା ଓଡ଼ିଶାରେ ସବୁଠୁ ଶସ୍ତା ରହିଥାଏ, ଯାହାକି ଗ୍ରାହକମାନେ ଲାଲ୍‌ଚାନ୍ଦ୍ ଆସିଲେ ଉପଲବ୍ଧ କରିପାରିବେ।

ଏଠାରେ ସୂଚନାଯୋଗ୍ୟ ଯେ, ଲାଲ୍‌ଚାନ୍ଦ୍ ଅଳଙ୍କାରର ଶୁଦ୍ଧତା ଓ ଗୁଣବତ୍ତା ସହ କେବେ ହେଲେ ବୁଝାମଣା କରନ୍ତି ନାହିଁ । ପ୍ରଥମେ ଲାଲ୍‌ଚାନ୍ଦ୍ କେବଳ କେଡିଏମ୍ ସ୍ୱର୍ଣ୍ଣ ଅଳଙ୍କାର ବିକ୍ରୟ କରୁଥିଲେ । କାରଣ, ହଲ୍‌ମାର୍କ ପୂର୍ବରୁ କେଡିଏମ୍ ଅଳଙ୍କାରକୁ ସବୁଠାରୁ ଶୁଦ୍ଧ ବିବେଚନା କରାଯାଉଥିଲା । ହଲ୍‌ମାର୍କର ପ୍ରବେଶ ହେବା ପରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ହିଁ ସର୍ବପ୍ରଥମେ ଓଡ଼ିଶାରେ ହଲ୍‌ମାର୍କଯୁକ୍ତ ଅଳଙ୍କାରର ବିକ୍ରୟ ଆରମ୍ଭ କରିଥିଲେ ଏବଂ ଏଥିପାଇଁ ସଚେତନତା ସୃଷ୍ଟି କରିଥିଲେ । ସେହିପରି ଏଚ୍‌ୟୁଆଇଡି (ହଲ୍‌ମାର୍କ ୟୁନିକ୍ ଆଇଡେଣ୍ଟିଫିକେସନ୍) ଟ୍ୟାଗ୍ ଲାଗୁ ହେବା ପରେ ଲାଲ୍‌ଚାନ୍ଦ୍ ତୁରନ୍ତ ଏହାକୁ ଆପଣାଇଛନ୍ତି। ଏବେ ଲାଲ୍‌ଚାନ୍ଦ୍‌ର ଶତ ପ୍ରତିଶତ ଅଳଙ୍କାର ଏଚ୍‌ୟୁଆଇଡି ଯୁକ୍ତ। ଗ୍ରାହକମାନେ ଲାଲ୍‌ଚାନ୍ଦ୍‌ରେ ଦେଶର ସବୁଠୁ ବିଶାଳ ଅଳଙ୍କାରର ରେଞ୍ଜ୍ ଦେଖିବାକୁ ପାଇବେ। ଓଡ଼ିଶାର ପ୍ରଥମ ଅଳଙ୍କାର ପ୍ରତିଷ୍ଠାନ ଭାବେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଦିଲ୍ଲୀର ଲାଜପତ୍ ନଗର ଠାରେ ନିଜର ଶାଖା ଖୋଲିଛନ୍ତି। ଲାଲ୍‌ଚାନ୍ଦ୍‌ର ମାଷ୍ଟରକ୍ୟାଣ୍ଟିନ୍ ଷ୍ଟୋର୍‌ରେ ଗ୍ରାହକମାନଙ୍କ ସୁବିଧା ପାଇଁ ଭାଲେ ପାର୍କିଂର ବ୍ୟବସ୍ଥା କରାଯାଇଛି।

ଅକ୍ଷୟ ତୃତୀୟାର ଶୁଭ ଅବସରରେ ଲାଲ୍‌ଚାନ୍ଦ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ ଓଡ଼ିଶାର ସମସ୍ତ ଗ୍ରାହକବନ୍ଧୁମାନଙ୍କୁ ପବିତ୍ର ଅକ୍ଷୟ ତୃତୀୟାର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**କ'ଣ ଚାହାନ୍ତି ଗ୍ରାହକ?**

୧. ବିଶ୍ୱସ୍ତରୀୟ ଅଳଙ୍କାର କାରିଗରୀ
୨. ସର୍ବୋଚ୍ଚ ଶୁଦ୍ଧତା ତଥା ଏଚ୍‌ୟୁଆଇଡି ହଲ୍‌ମାର୍କର ପ୍ରତିଶ୍ରୁତି
୩. ସର୍ବନିମ୍ନ ସୁନା ଦର
୪. ସର୍ବନିମ୍ନ ଗଢ଼ା ମୂଲ୍ୟ

ଏ ସବୁକିଛି ମିଳେ କେବଳ ଲାଲ୍‌ଚାନ୍ଦ୍‌ରେ।




BHUBANESWAR | CUTTACK | BRAHMAPUR | NEW DELHI





ଶହୀଦ ଦେବାଶିଷ ବିଶ୍ୱାଳଙ୍କ ପାର୍ଥିବ ଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶେଷ ଦର୍ଶନ କରୁଛନ୍ତି। ଜନ୍ମସ୍ଥାନ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ଖଣ୍ଡାୟତ ସାହିରେ ଶୋଭାଯାତ୍ରାରେ ନିଆଯାଉଛି।

# ପଞ୍ଚଭୂତରେ ଲୀନ ହେଲେ ଶହୀଦ ଦେବାଶିଷ

**ସାକ୍ଷୀଗୋପାଳ,୨୨।୪ (ଡି.ଏନ୍.ଏ/ସ୍ୱ.ପ୍ର.)**

ଜମ୍ମୁ କଶ୍ମୀରରେ ଆତଙ୍କୀ ଆକ୍ରମଣରେ ଦେଶ ପାଇଁ ବଳିଦାନ ଦେଇଥିବା ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ପାର୍ଥିବ ଶରୀର ଦୁଇଦିନ ପରେ ଶନିବାର ଭୁବନେଶ୍ୱର ପହଞ୍ଚିଥିଲା। ସେଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରଦ୍ଧାଞ୍ଜଳି ଦେବା ପରେ ଏକ ବିରାଟ ଶୋଭାଯାତ୍ରାରେ ଜନ୍ମସ୍ଥାନ ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତର ଖଣ୍ଡାୟତ ସାହି ଅଭିମୁଖେ ନିଆଯାଇଥିଲା। ଗାଁରେ ପୂର୍ବରୁ ଅପେକ୍ଷା କରି ରହିଥିବା ହଜାର ହଜାର ସଂଖ୍ୟାରେ ବିଭିନ୍ନ ବର୍ଗର ଲୋକ ଦେବାଶିଷଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶହୀଦ ଦେବାଶିଷ ଅମର ରହେ ସ୍ଲୋଗାନରେ ଗାଁ ପ୍ରକମ୍ପିତ ହୋଇଥିଲା। ଶେଷରେ ଗାଁ ଶ୍ମଶାନରେ ଶହୀଦ ଦେବାଶିଷଙ୍କୁ ସୈନ୍ୟବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ସକାଳୁ ଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନରେ ଦେବାଶିଷଙ୍କ ପାର୍ଥିବ ଶରୀରକୁ ନେଇ ସୈନ୍ୟବାହିନୀ ପକ୍ଷରୁ ସକାଳୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ସୈନ୍ୟ ବାହିନୀ ପକ୍ଷରୁ ଶହୀଦ ଦେବାଶିଷଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ସମୟରେ ରାଜ୍ୟପାଳ ପ୍ରଫେସର ଲାଲ ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂଙ୍କ ସମେତ ୧୨୦ ବାଟାଲିୟନ ବରିଷ୍ଠ ସେନା ଅଧିକାରୀ, ଅନ୍ୟ ସେନାଧିକାରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିଭଳି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଶହୀଦ ଦେବାଶିଷଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ଶୋଭାଯାତ୍ରା ଗାଁ ସତ୍ୟବାଦୀ ଅଭିମୁଖେ ନିଆଯାଇଥିଲା।



ଶହୀଦ ଦେବାଶିଷଙ୍କ ପରିବାରକୁ ଜାତୀୟ ପତାକା ପ୍ରଦାନ କରାଯାଉଛି।



■ଗାଁ ମାଟିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

■ଭୁବନେଶ୍ୱରରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଜ୍ୟପାଳ

ସାକ୍ଷୀଗୋପାଳ ପର୍ଯ୍ୟନ୍ତ ବାଟସାରା ବିଭିନ୍ନ ଅଞ୍ଚଳରେ ଶହୀଦ ଦେବାଶିଷ ଅମର ରହେ ସ୍ଲୋଗାନ ଦେବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରେ ପହଞ୍ଚିବା ବେଳକୁ ସେଠାରେ ଜନସମୁଦ୍ର ଭଳି ଲୋକ ଅପେକ୍ଷା କରି ରହିଥିଲେ। ବସଷ୍ଟାଣ୍ଡଠାରୁ ଶହୀଦ ଦେବାଶିଷଙ୍କ ଜନ୍ମସ୍ଥାନ ଖଣ୍ଡାୟତ ସାହି ପର୍ଯ୍ୟନ୍ତ ଦେବାଶିଷ ଅମର ରହେ, ଜୟ ଯବାନ, ଜୟ କିଷାନ ଓ ବନ୍ଦେ ମାତରଂ ସ୍ଲୋଗାନ ଦେଇ ଶହୀଦଙ୍କୁ ଫୁଲ ତୋଡ଼ା ଓ ପୁଷ୍ପ ମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ। ଶହୀଦଙ୍କ ଶିକ୍ଷାନୁଷ୍ଠାନ ଗୁରୁକୁଳ ଆଥଲେଟିକ୍ସର ଶିକ୍ଷାନବିସଙ୍କ ସମେତ ହଜାର ହଜାର ଜନସାଧାରଣ ଏକ ଶୋଭାଯାତ୍ରାରେ ଶହୀଦଙ୍କ ଗାଡିକୁ ପାଛୋଟି ନେଇଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଭାଜପା ନେତା ଓମ ପ୍ରକାଶ ମିଶ୍ର, କୃଷ୍ଣଚନ୍ଦ୍ର ଜଗଦେବ, କାମାକ୍ଷା ପ୍ରଧାନଙ୍କ ସହିତ ଦଳମତ ନିର୍ବିଶେଷରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ବିଡିଓ ଲୋଚନ ଦାସ, ଏସଡିପିଓ ଦେବଦତ୍ତ ବରାଳ, ଆଇଆଇସି ବିଜୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାକ୍ଷୀଗୋପାଳ ରାସ୍ତାରେ ସୁଦୃଶ୍ୟ ତୋରଣ ନିର୍ମାଣ ଓ ପାଇକ ଆଖଡ଼ା କ୍ରୀଡା ପ୍ରଦର୍ଶନ ହୋଇଥିଲା। ସଂକୀର୍ତ୍ତନ ପରିବେଷଣ ଓ ମହମବତି ଶୋଭାଯାତ୍ରା ହୋଇଥିଲା। ଘରେ ପହଞ୍ଚିବା ପରେ ସ୍ତ୍ରୀ, ମାଆବାପାଙ୍କ ସମେତ ପରିବାର ଲୋକ ଶହୀଦ ଦେବାଶିଷଙ୍କ ପାର୍ଥିବ ଶରୀରକୁ ଧରି ମ୍ରିୟମାଣ ହୋଇପଡ଼ିଥିଲେ। ସମସ୍ତେ ଶୋକାକୁଳ ପରିବେଶରେ ଶହୀଦ ଦେବାଶିଷଙ୍କୁ ଗାଁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ୧୨୦ ବାଟାଲିୟନ ଭୁବନେଶ୍ୱରର କଲୋନେଲ ସୁଶୀଲ ମିନାହାସ ଓ ସୁବେଦାର ମେଜର କେ.ଏମ୍. ପାତ୍ରଙ୍କ ନେତୃତ୍ୱରେ ଶହୀଦ ଯବାନଙ୍କୁ ଶେଷ ସମ୍ମାନ ଜଣାଇ ତୋପ ସଲାମି ଦିଆଯାଇଥିଲା। ଏହାପରେ ସାନଭାଇ ଦେବୀ ପ୍ରସାଦ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ଏହାପରେ ସୈନ୍ୟବାହିନୀ ପକ୍ଷରୁ ଶହୀଦ ଦେବାଶିଷଙ୍କ ପରିବାରକୁ ଜାତୀୟ ପତାକା ପ୍ରଦାନ କରାଯାଇଥିଲା। ସେହିପରି ଅଳଗୁମ ଗ୍ରାମରେ ଗତିଶ୍ୱରଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ କରି ୫ଜଣ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିବା ବେଳେ ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସେବାୟତ ସଂଘ ପକ୍ଷରୁ ଦୀପଦାନ କରାଯାଇଛି।

## ଚନ୍ଦନ ଯାତ୍ରା: ଜଗନ୍ନାଥବଲ୍ଲଭ ନିକଟରେ ରହିବ ବିମାନ

**ପୁରୀ ଅଫିସ ୨୨।୪:** ଚଳିତବର୍ଷ ଚନ୍ଦନଯାତ୍ରାରେ ଚନ୍ଦନ ଚକଡ଼ାରେ ମହାପ୍ରଭୁଙ୍କ ଦୋଳ ରହିବନି। ଦୋଳ ରଖିବା ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ନିକଟରେ ଅସ୍ଥାୟୀ ଟେଣ୍ଟ କରାଯାଇଛି। ଯେଉଁଠାରେ ପଞ୍ଚ ମହାଦେବଙ୍କ ବିମାନ ରହିବ ସେଥିଲାଗି ବ୍ୟବସ୍ଥା କରାଯାଇଛି। ତେବେ ପୂର୍ବରୁ ପଞ୍ଚ ମହାଦେବଙ୍କ ବିମାନଗୁଡିକ ଚନ୍ଦନ ଚକଡ଼ାରେ ରହୁଥିଲା। ତେବେ ଚଳିତ ବର୍ଷ ଚକଡାରେ ଦୋଳ ନ ରଖି ଜଗନ୍ନାଥ ବଲ୍ଲଭ ନିକଟରେ ରଖିବା ପାଇଁ ସ୍ଥିର କରାଯାଇଛି। ତେବେ ପୂର୍ବରୁ ଜଗନ୍ନାଥ ବଲ୍ଲଭ ପାର୍କିଂ ଭିତରେ ବିମାନଗୁଡିକୁ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଉକ୍ତ ସ୍ଥାନ ଅସ୍ୱାସ୍ଥ୍ୟକର ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ପୂର୍ବଭଳି ଚକଡ଼ାରେ ବିମାନଗୁଡିକୁ ରଖିବା ପାଇଁ ଦାବି ହୋଇଥିଲା। ଫଳରେ ଉକ୍ତ ସ୍ଥାନରେ ନ ରଖାଯାଇ ଜଗନ୍ନାଥ ବଲ୍ଲଭର ବାହାର ତଥା ଚକଡାର ସମ୍ମୁଖରେ ପ୍ରଶାସନ ପକ୍ଷରୁ ବିମାନଗୁଡିକୁ ରଖିବା ପାଇଁ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି।

## ଅଷ୍ଟ୍ରେଲିଆରେ ରିଲିଜ୍ ହେବ ଓଡ଼ିଆ ଚଳଚ୍ଚିତ୍ର 'ଫାଲ୍‌ଗୁନ ଚୈତ୍ର'

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଆସନ୍ତା ମାସ ୧୨ ତାରିଖରେ ରିଲିଜ୍ ହେବ ଓଡ଼ିଆ ଚଳଚ୍ଚିତ୍ର 'ଫାଲ୍‌ଗୁନ ଚୈତ୍ର'। ଚଳଚ୍ଚିତ୍ର ନାମରୁ ଯେଭଳି ଓଡ଼ିଆ ପଣିଆର ଆଭାସ ମିଳୁଛି, ସେହିଭଳି ଶୁଭମୁକ୍ତି ପୂର୍ବରୁ ଓଡ଼ିଶାର ଲୋକମାନେ ଏହାକୁ ଅନାଇ ବସିଛନ୍ତି। ସବୁଠୁ ଖୁସିର କଥା ଏହା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ମେ' ୧୩ରେ ଅଷ୍ଟ୍ରେଲିଆର ୩ଟି ପ୍ରେକ୍ଷାଳୟରେ ଶୁଭମୁକ୍ତି କରିବ। ମେଲବର୍ନର ହଏଟ୍ସ ଡକ୍‌ଲ୍ୟାଣ୍ଡ୍ସ, ସିଡ୍‌ନୀର ହଏଟ୍ସ ବ୍ଲାକ୍‌ଟାଉନ, ବ୍ରିସ୍‌ବେନର ଫାଇଭ୍ ଷ୍ଟାର୍ ନିୟୁ ଫାର୍ମଠାରେ ଶୁଭମୁକ୍ତି ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବାହାରେ ଥିବା ଓଡ଼ିଆ ଦର୍ଶକ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିପାରିବେ। ଚଳଚ୍ଚିତ୍ରର ଟିଜର, ଟ୍ରେଲର ଓ ୩ଟି ଗୀତକୁ ଦର୍ଶକ ଖୁବ୍ ଭଲପାଇବା ଦେଇଥିବାରୁ ଏହାକୁ ନେଇ ସିନେପ୍ରେମୀ ଆଶାବାଦୀ ଅଛନ୍ତି। ମୁଖ୍ୟ ଭୂମିକାରେ ଚୌଧୁରୀ ଜୟ ପ୍ରକାଶ ଦାସ, ଭାସ୍ୱତୀ ବସୁ, ପାର୍ଥ ସାରଥି ରାୟ, ଅନନ୍ୟା ମିଶ୍ର, ବି ଏମ୍ ବୈଶାଳୀ, ସୁକାନ୍ତ ରଥ ପ୍ରମୁଖ ରହିଛନ୍ତି।




ପିନାକୀ ସିଂ ଓ ଶିଶିର କୁମାର ସାହୁ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ଶକ୍ତି ଜଗଦେବ ଏହାର ପ୍ରଯୋଜକ ରହିଛନ୍ତି। ଏହାର କୋ ପ୍ରଡ୍ୟୁସର ବାବୁସାନ ମହାନ୍ତି ଅଛନ୍ତି। କାହାଣୀଟିକୁ ଡ. ସୁଲଗ୍ନା ମହାନ୍ତି ଲେଖିଥିବାବେଳେ ସଙ୍ଗୀତ ସଂରଚନା କରିଛନ୍ତି ଡେ ପି ୱାର୍ଡସ୍ମିଥ୍, ସ୍ମିତ ପଟ୍ଟନାୟକ ଓ ସୁମିତ ପଣ୍ଡା। ପ୍ରଣବ ପ୍ରସନ୍ନ ରଥ ଏହାର ସ୍କ୍ରିନ ପ୍ଲେ ଓ ଡାଇଲଗ୍ ଲେଖିଛନ୍ତି। ବୈଶାଖ ମାସରେ ଫାଲ୍‌ଗୁନ ଚୈତ୍ର ସିନେପ୍ରେମୀଙ୍କ ମନରେ ଏକ ନୂତନ ଶିଥିଳତା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ରାତିକରେ ୧.୪୩ ଲକ୍ଷ ଜରିମାନା

### ସିଲ୍ ହେଲା ୧୩ ଦୋକାନ

**ଭୁବନେଶ୍ୱର, ୨୨।୪ (ବ୍ୟୁରୋ)**

ପରିମଳ ନିୟମ ଉଲ୍ଲଂଘନ ଅଭିଯୋଗରେ ଶୁକ୍ରବାର ସନ୍ଧ୍ୟାରୁ ରାତି ୧୨ଟା ୩୦ ସୁଦ୍ଧା ଉଲ୍ଲଂଘନକାରୀଙ୍କଠାରୁ ମୋଟ୍ ୧ଲକ୍ଷ ୪୩ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ମହାନଗର ନିଗମର ୩ଟି ଜୋନ୍ ଅନ୍ତର୍ଗତ ୧୬ଟି ୱାର୍ଡରେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରିଥିଲେ। ଦକ୍ଷିଣ ପୂର୍ବ ଜୋନ୍‌ରେ ୧୫୫ଟି ଦୋକାନରେ ଚଢାଉ କରିବା ସହ ୩ଟିକୁ ସିଲ୍ କରାଯାଇଛି। ଏଥିସହ ମୋଟ୍ ୪୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୧୬୫ଟି ଦୋକାନରେ ଚଢାଉ କରି ୨ଟିକୁ ସିଲ୍ କରିବା ସହ ୬୨ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନୁରୂପ ଭାବେ ଉତ୍ତର ଜୋନ୍‌ର ୧୫୧ଟି ଦୋକାନରେ ଚଢାଉ କରି ୮ଟିକୁ ସିଲ୍ କରାଯାଇଛି ଓ ୩୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କାହ୍ନା



@ ପିଙ୍କି



@ ବିଟୁ



@ ଦୀପ୍ତେଶ



@ ସୁଧୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ତହସିଲ୍‌ଦାରଙ୍କ କ୍ୱାର୍ଟର୍ସ ପରିସର ମାଟିତଳୁ ବାହାରିଲା ୫୦୦ଟଙ୍କିଆ ନୋଟ





**ବାଙ୍କୀ,୨୨।୪(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ତହସିଲଦାରଙ୍କ ସରକାରୀ ବାସଭବନ ପରିସର ମାଟିତଳୁ ବାହାରିଛି ୫୦୦ଟଙ୍କିଆ ନୋଟ। ସେଥିରୁ କିଛି ଟଙ୍କା ଚିରି ଯାଇଛି। ଏନେଇ ଠିକାଦାରଙ୍କୁ ଜଣାଇଛୁ ବୋଲି କାମ କରୁଥିବା ଶ୍ରମିକ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ମାଟି ତଳେ ଟଙ୍କା କେଉଁଠୁ ଏବଂ କିପରି ରହିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଶନିବାର ଛୁଟି ଥିବାରୁ ତହସିଲ୍‌ଦାରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ମିଳିଥିବା ସୂଚନା ଅନୁସାରେ ବାଙ୍କୀ ତହସିଲ୍‌ଦାରଙ୍କ ସରକାରୀ ବାସଭବନ ପରିସର ଏବଂ ପଛପାର୍ଶ୍ୱ ସଫା ହେବା ସହ ରଙ୍ଗ କାମ ଚାଲିଛି। ଶନିବାର କିଛି ଶ୍ରମିକ ସେଠାରେ କାମ କରୁଥିଲେ। ଜଣେ ଶ୍ରମିକ ବାସଭବନ ପଛପାର୍ଶ୍ୱରେ ଥିବା ଏକ କଦଳୀଗଛ କାଟି ମାଟି ଖୋଳୁଥିବାବେଳେ ୫୦୦ଟଙ୍କିଆ ନୋଟ ମାଟି ତଳେ ଥିବା ଦେଖିବାକୁ ପାଇଥିଲେ। ପରେ ଅଧିକ ଖୋଳିବାରୁ କେତେକ ଖଣ୍ଡିଆ ଏବଂ ଭଲ ୫୦୦ଟଙ୍କିଆ ନୋଟ ଦେଖିବାକୁ ପାଇ ଠିକାଦାରଙ୍କୁ ଖବର ଦେଇଥିଲେ। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## 'ସଉରା ଭାଷା ସମ୍ମିଳନୀ' ଆଦିବାସୀମାନେ ସର୍ବବ୍ୟାପୀ ମାନବବାଦ ଶିଖାଇଥାନ୍ତି

**ଭୁବନେଶ୍ୱର,୨୨।୪(ବ୍ୟୁରୋ)**

ଭାଷା ଏକ ଜାତିର ପରିଚୟ। ଭାଷାର ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ ବୋଲି ଶନିବାର ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ୨ଦିନିଆ ଜାତୀୟସ୍ତରୀୟ 'ସଉରା ଭାଷା ସମ୍ମିଳନୀ'କୁ ଉଦ୍‌ଘାଟନ କରି ବିଶିଷ୍ଟ ଭାଷାବିଦ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରକାଶ କରିଛନ୍ତି। କେନ୍ଦ୍ର ସାହିତ୍ୟ ଅକାଦେମୀ ସଭାପତି ଡ. ମାଧବ କୌଶିକ ପୌରାହିତ୍ୟ କରି କହିଛନ୍ତି, ଜଣେ ମଣିଷ ବହୁଭାଷୀ ହେବା ଆବଶ୍ୟକ। ଆଦିବାସୀମାନେ ସର୍ବବ୍ୟାପୀ ମାନବବାଦ ଶିଖାଇଥାନ୍ତି। କେବଳ ଆଦିବାସୀ ଭାଷା ନୁହେଁ, ଆମ ସମ୍ବିଧାନଭୁକ୍ତ ଭାଷାଗୁଡିକ ମଧ୍ୟ ବିପନ୍ନତାର ଦିଗରେ ଧାବମାନ। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଦ୍ୱାରା କିଭଳି ସବୁ ଭାରତୀୟ ଭାଷା ପ୍ରଚାର ପ୍ରସାର ହୋଇପାରିବ ସେ ନେଇ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଛନ୍ତି, ସଉରା ଜାତିଙ୍କଠାରୁ କିଛି ଶିଖିପାରିଲେ ଆମେ ସଭ୍ୟତାକୁ ଆଗକୁ ନେଇପାରିବା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ଭାଷା ହେଉଛି ମଣିଷର ଶକ୍ତି। ଭାଷା ଲେଖାପଢ଼ା ଜାଣିଥିବା ବ୍ୟକ୍ତି ସହଜେ ଅନ୍ୟର ଶୋଷଣର ଶିକାର ହୁଏନାହିଁ। ତେଣୁ ସଉରା ଭାଷାଭାଷୀ ଲୋକଙ୍କୁ ଭାଷାଗତ ଭାବେ ସଶକ୍ତ କରି ଗଢ଼ିବା ଦିଗରେ ଆଜିର ସମ୍ମେଳନ ପନ୍ଥା ନିରୂପଣ କରିବ ବୋଲି ଆଶା। ସମ୍ମାନିତ ଅତିଥି ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ କହିଛନ୍ତି, ଭାରତରେ ୧୪ଦିନରେ ଗୋଟେ ଲେଖାଏ ଭାଷା ଲୋପ ପାଉଛି। ଏହାସହ ଜଡ଼ିତ ଥିବା ସଂସ୍କୃତି ଓ ଜ୍ଞାନର ମଧ୍ୟ ବିଲୋପ ଘଟୁଛି। ଏହାପଛରେ ଶିକ୍ଷିତ ଲୋକଙ୍କର ବେଶି ହାତ ରହିଛି। ବିଶିଷ୍ଟ ଲୋକସାହିତ୍ୟବିଦ୍ ଡ. ମହେନ୍ଦ୍ର କୁମାର ମିଶ୍ର କହିଛନ୍ତି, ସଉରା ଭାଷାର ଗଳ୍ପ ଓ କବିତା ଯେପରି ପ୍ରତୀକାତ୍ମକ, ତା'ର ସମାନ୍ତରାଳ ଅନ୍ୟ ଭାଷାରେ କ୍ୱଚିତ ମିଳିଥାଏ। ତେଣୁ ସଉରା ଭାଷା-ସାହିତ୍ୟର ପଞ୍ଜୀକରଣ ଓ ସୁରକ୍ଷା ଦିଗରେ ଉଭୟ ଏକାଡେମୀ ଚେଷ୍ଟା କରିବା ଉଚିତ। ଅନ୍ୟତମ ଅତିଥି ଭାବେ ଡ. ଗୌରହରି ଦାସ ଯୋଗଦେଇ ମତ ରଖିଥିଲେ। ଆଗାମୀ ଦିନରେ ସଉରା ଭାଷାକୁ ଭାଷା ସମ୍ମାନ ମିଳିବ ବୋଲି ଅକାଦେମୀ ସଚିବ କେ. ଶ୍ରୀନିବାସ ରାଓ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ଏକାଡେମୀ ପକ୍ଷରୁ ଦେଶୀଆ ଭାଷାର ଏକ ତ୍ରିଭାଷିକ ଅଭିଧାନ ପ୍ରକାଶ ପାଇବା ନେଇ ସଚିବ ପ୍ରବୋଧ କୁମାର ରାଉତ କହିଥିଲେ। ଅପରାହ୍ନରେ 'ସଉରା ଭାଷା, ସାହିତ୍ୟ ଓ ସଂସ୍କୃତିର ଇତିହାସ' ଶୀର୍ଷକ ଆଲୋଚନାଚକ୍ରରେ ସୋମ୍ପୁର ଶବର, ବାସନ୍ତୀ ମହାନ୍ତି, ରାଜେନ୍ଦ୍ର ପାଢ଼ୀ ଓ ଇନ୍ଦ୍ରନୀଲ ଆଚାର୍ଯ୍ୟ ସ୍ୱରଚିତ ପ୍ରବନ୍ଧପାଠ କରିଥିଲେ। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ସଭାପତିତ୍ୱ କରିଥିଲେ। ସଉରା ଗଳ୍ପପଠନ କାର୍ଯ୍ୟକ୍ରମରେ ସାଇବୁ ଶବର, ଲମ୍ବୋଧର ଶବର, ଜୈନା କାଜୀ ଓ ଦିନାସ୍ମୀ ଗମାଙ୍ଗୋ ଗଳ୍ପ ପାଠ କରିଥିଲେ। ସଭାପତିତ୍ୱ କରିଥିଲେ ରାମ ପ୍ରସାଦ ଗମାଙ୍ଗୋ। ସାହିତ୍ୟ ଅକାଦେମୀ ସଂସ୍କୃତ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ଓ ସାନ୍ତାଳୀଭାଷା ଉପଦେଷ୍ଟା ମଣ୍ଡଳିର ଆବାହକ ଚୈତନ୍ୟ ପ୍ରସାଦ ମାଝି, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଫେସର ବିଜୟ ଶତପଥୀ, ମହେନ୍ଦ୍ର ପ୍ରସାଦ, ଅରୁଣ ସାହୁ, ପୂର୍ବତନ ସଦସ୍ୟ ଡ. ବିଜୟାନନ୍ଦ ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, କାର୍ଯ୍ୟକାରୀ ପରିଷଦ ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କା ଏବଂ ବିଶିଷ୍ଟ ଅନୁବାଦକ ଡ. ଅଜୟ ପଟ୍ଟନାୟକ, ଗବେଷକ ଡକ୍ଟର ମଥୁରେନ୍ଦ୍ର ପୁଷ୍ଟି, ଡ. ଶକୁନ୍ତଳା ବଳିୟାରସିଂହ, ଡ. ପ୍ରେମାନନ୍ଦ ମହାପାତ୍ର, ଅନୁବାଦିକା ଡ. ବିଦ୍ୟୁତପ୍ରଭା ଗନ୍ତାୟତ ଯୋଗଦେଇଥିଲେ।



ସମ୍ମିଳନୀରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

# ୧୦,୦୦୦ କୋଟିର କାରବାର ଆକଳନ

## ଆଜି ଅକ୍ଷୟ ତୃତୀୟା

■ଗ୍ରାହକଙ୍କୁ ଆକୃଷ୍ଟ କରିବ ଆକର୍ଷଣୀୟ ଅଫର



ନୂଆଦିଲ୍ଲୀ,୨୨।୪

ଗତ ବର୍ଷର ଅକ୍ଷୟ ତୃତୀୟା କାରବାର ଅପେକ୍ଷା ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ପ୍ରାୟ ୧୫ରୁ ୨୦% ହ୍ରାସ ପାଇପାରେ ବୋଲି ଆଶଙ୍କା କରାଯାଉଛି। କାରଣ ଚଳିତ ବର୍ଷର ଦର ଗତ ବର୍ଷ ଅପେକ୍ଷା ପ୍ରାୟ ୫ ହଜାର ଟଙ୍କା ଅଧିକ ରହିଛି। ଏହା ସତ୍ତ୍ୱେ ମଧ୍ୟ ସାରା ଦେଶରେ ଅକ୍ଷୟ ତୃତୀୟା କାରବାର ପ୍ରାୟ ୧୦ ହଜାର କୋଟି ଟଙ୍କା ହେବ ବୋଲି ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ କୁହାଯାଇଛି। ବିଶେଷକରି ଅକ୍ଷୟ ତୃତୀୟା ଅବସରରେ ମୂଲ୍ୟବାନ୍ ଅଳଙ୍କାର କିଣିଲେ ଶୁଭଫଳ ପ୍ରାପ୍ତ ହୋଇଥାଏ ବୋଲି ପ୍ରତ୍ୟେକ ଭାରତୀୟଙ୍କର ବିଶ୍ୱାସ ରହିଛି। ଫଳରେ ଦର ଉଚ୍ଚା ରହିଥିଲେ ସୁଦ୍ଧା ଅକ୍ଷୟ ତୃତୀୟାରେ ଭାରତୀୟ ଗ୍ରାହକ ସୁନା, ରୁପା, ହୀରା ଓ ମୂଲ୍ୟବାନ୍ ଅଳଙ୍କାର ସାମଗ୍ରୀ ସମେତ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁ ଓ ଗହଣା ଆଦି କିଣିବାକୁ ଆଗ୍ରହୀ ଓ ଆଗ୍ରହୀ ରହିଥିବା ଗତ ସପ୍ତାହ ପୂର୍ବରୁ ବଜାରର ଭିଡ଼ ଓ କାରବାର ତାହା ଦର୍ଶାଉଛି ବୋଲି ଅଲ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲର୍ସ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଜୁଏଲର୍ସ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ଅଳଙ୍କାର ସମ୍ଭାର ଓ ନୂତନ କଲେକ୍ସନ ସହ ଆକର୍ଷଣୀୟ ଅଫର ଓ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀ ବଜାରରେ କ୍ରମାଗତ ୨ୟ ସପ୍ତାହ ଲାଗି ସୁନା ଦରରେ ସାମାନ୍ୟ ପରିବର୍ତ୍ତନ ଘଟିଛି। ହେଲେ ବର୍ତ୍ତମାନ ମଧ୍ୟ ୨୨ ଓ ୨୪ କ୍ୟାରେଟ ସୁନାର ମୂଲ୍ୟ ୫୫,୦୦୦ ଓ ୬୦,୦୦୦ ଟଙ୍କାରେ କାରବାର ହେଉଛି। ସେହିଭଳି ବର୍ତ୍ତମାନର ଦର ପୂର୍ବ ବର୍ଷଠାରୁ କିଛି ପରିମାଣରେ ଅଧିକ ଥିଲେ ସୁଦ୍ଧା ନୂଆଦିଲ୍ଲୀ ବଜାରରେ ପ୍ରାୟ ୧୫୦୦ରୁ ୨୦୦୦ କୋଟି ଟଙ୍କାର କାରବାର ହେବ ବୋଲି ଆସୋସିଏଶନ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଦେଶର ପ୍ରମୁଖ ରାଜ୍ୟ ଓ ସହରଗୁଡ଼ିକରେ ମଧ୍ୟ ଭଲ କାରବାର ହେବ ବୋଲି ଆଶା କରାଯାଉଛି। ବିଶେଷକରି ମୁମ୍ବାଇ ବଜାରରେ ୨୦୦୦ରୁ ୨୫୦୦ କୋଟିର କାରବାର ଆକଳନ କରାଯାଉଥିବା ବେଳେ କୋଲକାତା ବଜାରରେ ୧୫୦୦ରୁ ୨୦୦୦ କୋଟି, ଚେନ୍ନାଇ ବଜାରରେ ୧୨୦୦ରୁ ୧୫୦୦ କୋଟି ଟଙ୍କାର କାରବାର ନେଇ ଆକଳନ କରାଯାଇଛି। ସେହିପରି ବେଙ୍ଗାଲୁରୁ, ଅହମଦବାଦ, ହାଇଦ୍ରାବାଦ ଭଳି ଦେଶର ପ୍ରମୁଖ ସହରରେ ମଧ୍ୟ ୫୦୦ରୁ ୧୦୦୦ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ଆସୋସିଏଶନ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷରେ ଓଡ଼ିଶା ବଜାରରେ ମଧ୍ୟ ଅକ୍ଷୟ ତୃତୀୟା କାରବାର ପ୍ରାୟ ୨୦୦ରୁ ୨୫୦ କୋଟି ଟଙ୍କା ହେବ ବୋଲି ଉଭୟ ପ୍ରତିଷ୍ଠାନ ଓ ବ୍ୟବସାୟ ସଂଘ ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି ଓଡ଼ିଶା ବଜାରର ଭୁବନେଶ୍ୱରରେ ପ୍ରାୟ ୧୫୦ କୋଟି ଟଙ୍କାର କାରବାର ନେଇ ଆଶା କରାଯାଉଥିବା ବେଳେ ରାଜ୍ୟର ଅନ୍ୟ ପ୍ରମୁଖ ସହର ଯଥା କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର,ପୁରୀ ଏବଂ ଅନୁଗୋଳରେ ପ୍ରାୟ ୧୦୦ କୋଟି ଟଙ୍କାର କାରବାର ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଓଡ଼ିଶା ସୁନା ବଜାର ବିଶେଷକରି ଭୁବନେଶ୍ୱର ଭଳି ପ୍ରମୁଖ ସହରରେ ଜଣାଶୁଣା ତଥା ପ୍ରତିଷ୍ଠିତ ସୁନା ଅଳଙ୍କାରଗୁଡ଼ିକରେ ମଧ୍ୟ ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର ସାଙ୍ଗକୁ ଅନ୍ୟାନ୍ୟା ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାର ଜୁଏଲର୍ସ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ କଲେକ୍ସନ ଓ ନୂତନ ସମ୍ଭାର ଶୁଭାରମ୍ଭ କରାଯାଇଛି। ବିଶେଷକରି ଅକ୍ଷୟ ତୃତୀୟା ସାଙ୍ଗକୁ ଆଗାମୀ ବିବାହ ଋତୁ ପାଇଁ ଭଲ ବ୍ୟବସାୟ ଆଶାରେ ବ୍ୟବସାୟମାନେ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ସମୟରେ ଭୁବନେଶ୍ୱର ବଜାରରେ ୧୦ଗ୍ରାମ ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୫୬,୦୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ସୁନାର ମୂଲ୍ୟ ୬୧,୦୦୦ଟଙ୍କା ରହିଛି ବୋଲି ସହରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଡ. ସଞ୍ଜୀବ ଜୁନେଜାଙ୍କୁ ବିଜ୍‌ନେସ ଆଇକନ୍ ଆୱାର୍ଡ

ନୂଆଦିଲ୍ଲୀ,୨୨।୪: ଦେଶର ଜଣାଶୁଣା ଶିଳ୍ପପତି ତଥା ଏସ୍‌ବିଏସ୍ ବାଇଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜର ପ୍ରତିଷ୍ଠାତା ଡ. ସଞ୍ଜୀବ ଜୁନେଜାଙ୍କୁ ନିକଟରେ 'ବିଜ୍‌ନେସ ଆଇକନ୍ ଅଫ୍ ଇଣ୍ଡିଆ-୨୦୨୩' ଆୱାର୍ଡରେ ସମ୍ମାନିତ କରାଯାଇଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ମାର୍କସମ୍ୟାନ ଡେଲି ଟିମ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ଜୁନେଜାଙ୍କୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଥିଲା।




ସଂସ୍ଥାର ମିଶନ ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ଦେଶର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନରେ ଯୋଗଦାନ ରଖିଥିବା ବିଭିନ୍ନ ପ୍ରତିଷ୍ଠାନକୁ ସଂସ୍ଥା ପକ୍ଷରୁ ଚୟନ କରାଯାଇ ଏଭଳି ଏକ ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷ ଅବଦାନ ଓ ଗ୍ରାହକଙ୍କ ଚାହିଦା ପୂରଣ କରୁଥିବା ଗ୍ରୁପ୍‌ର ଡା. ଅର୍ଥୋ,ପେଟସଫା,ରୂପମନ୍ତ୍ରା ଏବଂ ସଚ୍ଚୀ ସହେଲୀ ଭଳି ଅନେକ ଲୋକପ୍ରିୟ ବ୍ରାଣ୍ଡର ବଜାର ଚାହିଦା ଆଜି ମଧ୍ୟ ବେଶ୍ ଉଚ୍ଚରେ ରହିଛି। ସେହିଭଳି ଜୁନେଜା ଜଣେ ସାମାଜିକ କର୍ମୀ, ଆଧ୍ୟାତ୍ମିକ ପ୍ରବକ୍ତା ଭାବେ ମଧ୍ୟ ବେଶ୍ ଜଣାଶୁଣା। ଏହା ପୂର୍ବରୁ ଡ. ଜୁନେଜା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଓ ପୁରସ୍କାର ମଧ୍ୟ ପାଇଛନ୍ତି।

## ସ୍ୱାଇଲ ଗୋଲ୍ଡର ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୨୨।୪

ସ୍ୱାଇଲ ଗୋଲ୍ଡ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସ୍ୱାଇଲ ଗୋଲ୍ଡ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଇଂ ବାବୁରାମ ସ୍ୱାଇଁ କହିଥିଲେ, ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ସୁନାଗହଣା କ୍ରୟ ଉପରେ ଶୂନ ଗଢ଼ା ମୂଲ୍ୟ (ଜିରୋ ମେକିଂ ଚାର୍ଜ)ର ସୁବିଧା ପ୍ରଦାନ କରାଯାଉଛି। ସେହିଭଳି ହୀରା ଗହଣା, ରୁପା ଏବଂ ଜେମ୍‌ଷ୍ଟୋନ ଓ ହାତଘଣ୍ଟା ଆଦି ଉପରେ ଆକର୍ଷଣୀୟ ଅଫର ଓ ରିହାତି ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ର ରିହାତି ଦିଆଯାଉଥିବା ବେଳେ ହୀରା ଗହଣା ଉପରେ ଫ୍ଲାଟ୍ ୨୫%ର ରିହାତି ପ୍ରଦାନ କରାଯାଉଛି। ସେହିଭଳି ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ




ଫ୍ଲାଟ୍ ୨୫%ର ରିହାତି ମିଳୁଥିବା ବେଳେ ବିଭିନ୍ନ ସାମଗ୍ରୀର ଫ୍ରେମ୍ ଆଇଟମ ଉପରେ ଫ୍ଲାଟ୍ ୨୫% ର ରିହାତି ଗ୍ରାହକମାନଙ୍କୁ ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ସର୍ବନିମ୍ନ ୨୦,୦୦୦ ଟଙ୍କାର କ୍ରୟ ଉପରେ ଏକ ଆକର୍ଷଣୀୟ ପୁରସ୍କାରର କୁପନ ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି। ଉକ୍ତ କୁପନଧାରୀମାନେ ଲକି ଡ୍ର ଜରିଆରେ ଆକର୍ଷଣୀୟ ସ୍ୱର୍ଣ୍ଣ ମୁଦ୍ରା, ଡାଇମଣ୍ଡ ପେଣ୍ଡାଣ୍ଟ, ହୀରା ମୁଦି, ଫାଷ୍ଟଟ୍ରାକ୍ ୱାଚ୍ସ ଓ ମିକ୍ସର ଗ୍ରାଇଣ୍ଡର ଭଳି ଅନେକ ଉପହାର ଜିତିବାର ସୁବର୍ଣ୍ଣ ସୁଯୋଗ ପାଇପାରିବେ ବୋଲି ସ୍ୱାଇଲ ଗୋଲ୍ଡ ଜୁଏଲର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଏହି ଅଫର ଏପ୍ରିଲ ୩୦ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଇଂ ବାବୁରାମ ସ୍ୱାଇଁ ମତ ପ୍ରକାଶ କରିଛନ୍ତି।

## ମାରୁତି ସୁଜୁକିର ନ୍ୟୁ ସୁପର କ୍ୟାରି

ନୂଆଦିଲ୍ଲୀ,୨୨।୪

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍‌ଏସ୍‌ଆଇଏଲ୍)ର ଅପ୍‌ଗ୍ରେଡେଡ୍ ହାଲୁକା କମର୍ସିଆଲ ଭେଇକିଲ ନ୍ୟୁ ସୁପର କ୍ୟାରିର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏଥିରେ ମାରୁତି ସୁଜୁକିର ଆଧୁନିକ ୧.୨ ଏଲ୍, କେ-ସିରିଜ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ ଆଦି ସାମିଲ ରହିଛି। ଏପରିକି ମାରୁତି ସୁଜୁକିର ସୁପର କ୍ୟାରି ମିନି ଟ୍ରକ୍‌ରେ ଏକ ୪-ସିଲିଣ୍ଡର ଇଞ୍ଜିନ ରହିଛି, ଯାହା ଏହାର ପେଟ୍ରୋଲ ମଡେଲରେ ୬୦୦୦ ଆର୍‌ପିଏମ୍‌ରେ ୫୯.୪ କେଡବ୍ଲ୍ୟୁ (୮୦.୭ପିଏସ୍)ର ସର୍ବାଧିକ ଶକ୍ତି ଏବଂ ୨୯୦୦ ଆର୍‌ପିଏମ୍‌ରେ ୧୦୪.୪ଏନ୍‌ଏମ୍‌ର ସର୍ବାଧିକ ଟର୍କ ପ୍ରଦାନ କରୁଛି। ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ



ଏବଂ ସେଲ୍ସ ବିଭାଗର ସିନିୟର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ମାରୁତି ସୁଜୁକି ସର୍ବଦା ଏଭଳି ଏକ ଉତ୍ପାଦ ପ୍ରଦାନକରେ ଯାହା ଗ୍ରାହକଙ୍କ ଆଶାଠାରୁ ଅଧିକ। ସୁପର କ୍ୟାରିକୁ ଭାରତୀୟ ମିନି ଟ୍ରକ୍ ଗ୍ରାହକଙ୍କର ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

ଅପରପକ୍ଷରେ ସୁପର କ୍ୟାରିର ଶୁଭାରମ୍ଭ ସହ ମାରୁତି ସୁଜୁକି ମଧ୍ୟ ନୂଆ ସିଏନ୍‌ଜି କ୍ୟାବ୍ ଚେସିସ୍ ଭାରିଆଣ୍ଟର ଶୁଭାରମ୍ଭ କରିଛି, ଯାହାର ଏକ୍ସ-ଶୋ ରୁମ୍ ମୂଲ୍ୟ ୬,୧୫,୫୦୦ଟଙ୍କା ରହିଛି। ଉକ୍ତ ମିନିଟ୍ରକ୍ ମଧ୍ୟ ସିଏନ୍‌ଜି ଡେକ୍, ଗ୍ୟାସୋଲିନ ଡେକ୍ ଓ ଗ୍ୟାସୋଲିନ କ୍ୟାବ୍ ଚେସିସ୍ ଭାରିଆଣ୍ଟରେ ଉପଲବ୍ଧ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-160

**କାର୍ଯ୍ୟର ନାମ :** ''ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସମ୍ବଲପୁର ସିଟି ଷ୍ଟେସନରେ କୋଚ୍ ୱାଟରିଙ୍ଗ ସୁବିଧାର ଉନ୍ନୟନ'' ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 23,64,803.49, EMD : ₹ 47,300/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.05.2023ରିଖ 1630 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps. gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-79/O/23-24

**ଅନ୍ୟାନ୍ୟ ଖବର**

## ମହେଶ ମୂର୍ତ୍ତିଙ୍କ ନାଁରେ ୧୦୦ ନିୟୁତ ଡଲାରର ମାନହାନି ମକଦ୍ଦମା

ସିଙ୍ଗାପୁର,୨୨।୪

ଏକ ଆର୍ଟିକିଲ୍ ପାଇଁ ନିବେଶକ ତଥା ସିଡ୍‌ଫଣ୍ଡ ସହପ୍ରତିଷ୍ଠାତା ମହେଶ ମୂର୍ତ୍ତି ଅଡୁଆରେ ପଡ଼ିଛନ୍ତି। ସିଙ୍ଗାପୁରର ଫ୍ୟାଶନ୍ ଟେକ୍ନୋଲୋଜି କମ୍ପାନୀ ଜିଲିଙ୍ଗୋର ସହପ୍ରତିଷ୍ଠାତା ଅଙ୍କିତି ବୋଷ ତାଙ୍କ ନାଁରେ ୧୦୦ ନିୟୁତ ଡଲାରର ମାନହାନି ମକଦ୍ଦମା କରିଛନ୍ତି। ମାର୍ଚ୍ଚ ୧ରେ ଆଉଟ୍‌ଲୁକ୍ ବିଜ୍‌ନେସ୍ ମାଗାଜିନ୍‌ରେ ମହେଶଙ୍କ ଏକ ନିବନ୍ଧ ସ୍ଥାନ ପାଇଥିଲା। ଅଙ୍କିତି ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକଠାରୁ ବେଆଇନ ଭାବେ ଟଙ୍କା ନେଉଥିବା ମେହଶ ଏଥିରେ ଉଲ୍ଲେଖ କରିଥିଲେ। ସେ ନିବନ୍ଧର କୌଣସିଠାରେ ଅଙ୍କିତିଙ୍କ ନାଁ ଲେଖି ନ ଥିଲେ ହେଁ ଏଥିରେ ତାଙ୍କୁ ଇଙ୍ଗିତ କରାଯାଇଥିଲା। ଅନେକ ପ୍ରତିଷ୍ଠାତା ଷ୍ଟାର୍ଟଅପ୍ କମ୍ପାନୀରୁ ବେଆଇନ ଭାବେ ଟଙ୍କା ନେଉଛନ୍ତି। ପପୁଲାର ଫ୍ୟାଶନ ପୋର୍ଟାଲ ଚଳାଉଥିବା 'ଜଣେ ଲେଡି' ଏଭଳି ଟଙ୍କା ନେଉଛନ୍ତି। ମହିଳା ଜଣକ ଓକିଲଙ୍କୁ ଫିସ୍ ବାବଦକୁ ୭୦ କୋଟି ଟଙ୍କା ଦେଉଥିବାବେଳେ ଏହି



ମହେଶ ମୂର୍ତ୍ତି



ଅଙ୍କିତି ବୋଷ

ଟଙ୍କା ସିଧାସଳଖ ତାଙ୍କ ପାଖକୁ ଫେରିଯାଉଥିବା ମହେଶ ଏଥିରେ ବର୍ଣ୍ଣନା କରିଛନ୍ତି। କେତେକ ଗଣମାଧ୍ୟମରେ ପ୍ରସାରିତ ମିଛ ଖବର ଏହା ଉପରେ ପର୍ଯ୍ୟବସିତ। ଏ ନେଇ ଅଙ୍କିତିଙ୍କ ବିରୋଧରେ କୌଣସି ପ୍ରମାଣ କିମ୍ବା ରେକର୍ଡ ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଅନ୍ୟ ସହକର୍ମୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଅଙ୍କିତିଙ୍କ ବିରୋଧରେ ଅଭିଯୋଗ ଆସିଥିଲା, ଯେଉଁଥିପାଇଁ ଗତବର୍ଷ ଏପ୍ରିଲରେ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ମାନବାଧିକାର କମିଶନରେ ମାମଲା

### ଚଢେଇ ଧରିବାବେଳେ ୨ ଶିଶୁ ମୃତ ଘଟଣା

ମାଲକାନଗିରି, ୨୨।୪(ଡି.ଏନ.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ରୋଡଗୁଡା ଗ୍ରାମରେ ତୃତୀୟ ଶ୍ରେଣୀ ଛାତ୍ର ଚନ୍ଦନ ପଡିଆମୀ(୮) ଓ ସପ୍ତମ ଶ୍ରେଣୀରେ ପଢୁଥିବା ମାନା ମାଢି (୧୨) ଶୁକ୍ରବାର ଜଙ୍ଗଲକୁ ଚଢେଇ ଛୁଆ ଧରିବାକୁ ଯାଇଥିଲେ। ତଳେ ସାଙ୍ଗମାନେ ଥିବା ବେଳେ ଚନ୍ଦନ ଓ ମାନା ଗଛ ଉପରେ ଚଢି ଚଢେଇ ବସାରୁ ଚଢେଇ ଛୁଆ ଧରି ଆଣିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଗଛ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉଭୟେ ତଳେ ପଡି ଯାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ସେମାନଙ୍କୁ କାଲିମେଳା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ କଳାହାଣ୍ଡି ଜିଲା ଭବାନୀପାଟଣାର ମାନବଧିକାର କର୍ମୀ ଦିଲୀପ ଦାସ ଓଡିଶା ମାନବଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ଦାୟର କରିଛନ୍ତି। ସେଥିରେ ସେ ଉଭୟ ମୃତ ନାବାଳକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଟିପିଏସଓଡିଏଲ୍ ଓ ଶକ୍ତି ବିଭାଗର ଅଧିକାରୀଙ୍କ ଅବହେଳା ପାଇଁ ଏପରି ଅଘଟଣ ଘଟିଥିବା ଦାସ ଦର୍ଶାଇଛନ୍ତି। ଆବଶ୍ୟକ ସ୍ଥଳେ ଶକ୍ତି ବିଭାଗ ଏବଂ ଟିପିଏସଓଡିଏଲ ଅଧିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ କମିଶନଙ୍କୁ ନିବେଦନ କରିଛନ୍ତି। ଦାସଙ୍କ ଆବେଦନକୁ କମିଶନ ୧୨୬/ଆଇଏନ୍/୨୦୨୩ରେ ପଞ୍ଜୀକୃତ କରିଥିବା ଜଣାପଡ଼ିଛି।

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ**

Utkalika

ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର- ୭୫୧୦୧୦ (ଓଡ଼ିଶା)

E-mail- oschcutkalika@gmail.com / Website- www.utkalikaodisha.in

CAD-247

**ବିଜ୍ଞାପନ**

ଏତଦ୍ୱାରା ରାଜ୍ୟର ସମସ୍ତ ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗର/ ସମବାୟ ସମିତିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ ଦ୍ୱାରା ମାର୍କେଟିଂ ଓ ସୋରସିଙ୍ଗ ହବ୍, ରସୁଲଗଡ଼, ଭୁବନେଶ୍ୱରଠାରେ ତା୧୧।୦୫।୨୦୨୩ରିଖଠାରୁ ତା୨୪।୦୬।୨୦୨୩ରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା ବ୍ୟକ୍ତି/ସଂସ୍ଥା ନିଜର କରିଗର ପ୍ରମାଣପତ୍ର (Artisans I-Card), ବ୍ୟାଙ୍କ ଜମା ଖାତା ନଂ., ଆଇ.ଏଫ୍.ଏସ୍. କୋଡ୍ ନଂ. ଏବଂ ମୋବାଇଲ ନଂ. ଇତ୍ୟାଦି ସହ ନିର୍ଦ୍ଧାରିତ ଫର୍ମ (ଏଥି ସହ ସଂଲଗ୍ନ ଅଛି) ଉପରୋକ୍ତ ଠିକଣାରେ ତା୨୮।୦୪।୨୦୨୩ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ।

ସ୍ୱା./- ପରିଚାଳନା ନିର୍ଦ୍ଦେଶକ

OIPR-31041/11/0002/2324

**ପ୍ରଥମ ପୃଷ୍ଠାରୁ...**

## କ୍ରିକେଟ ଖେଳକୁ...

ଗୋଡ଼ାଇଥିଲେ। ଫଳରେ ଛାତ୍ରମାନେ ଭୟରେ ହଷ୍ଟେଲକୁ ଆଡ଼କୁ ଦୌଡ଼ିବା ଆରମ୍ଭ କରିଥିଲେ। ଏହି ସମୟରେ ୩ ଛାତ୍ରଙ୍କୁ ଧରି ଅଣଛାତ୍ରମାନେ ବ୍ୟାଟ ଓ ଖଣ୍ଡାରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିବା ପରେ ପାଚେରି ଡେଇଁ ପଳାଇଥିଲେ। ପଡ଼ିଆରେ ଆହତ ଅବସ୍ଥାରେ ପଡ଼ିଥିବା ୩ ଛାତ୍ରଙ୍କୁ ଉଦ୍ଧାର କରି ଅନ୍ୟ ଛାତ୍ରମାନେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ସାରିବା ପରେ ଥାନାରେ ଅଭିଯୋଗ କରିଥିଲେ। ଆକ୍ରମଣ କରିଥିବା ଅଣଛାତ୍ରମାନେ ସ୍ଥାନୀୟ କେଦାରପଲ୍ଲୀ ବସ୍ତି ଓ ତେଲୁଗୁ ବସ୍ତିର ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ଶନିବାର ବିଜେବି କଲେଜ ପଛପଟେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଛାତ୍ର ଶାଶ୍ୱତ ପଣ୍ଡାଙ୍କୁ କେତେଜଣ ଅଣଛାତ୍ର କାଚ ବୋତଲରେ ଆକ୍ରମଣ କରିଥିଲେ। ଗୁରୁତର ଶାଶ୍ୱତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ସଂପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଜାନୁୟାରୀ ପ୍ରଥମ ସପ୍ତାହରେ ବିଜେବି କଲେଜ ରାଗିଂ ଘଟଣାରେ ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ଅପରପକ୍ଷେ କଲେଜ କର୍ତ୍ତୃପକ୍ଷ ମଧ୍ୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ୪ ଛାତ୍ରଙ୍କୁ କଲେଜରୁ ନିଲମ୍ବନ କରିଦେଇଥିଲା। ତେବେ ବିଜେବି କଲେଜ ପରିସରରେ ଏଭଳି ବାରମ୍ବାର ଘଟଣାକୁ ନେଇ କଲେଜରେ ଅଶାନ୍ତି ସୃଷ୍ଟି ହେବା ସହ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବିଜେବି ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଗୁଲାମ୍ ମଇଉଦ୍ଦିନ ଖାନ୍‌ଙ୍କୁ ପଚାରିବାରେ କଲେଜ ପଡ଼ିଆରେ କ୍ରିକେଟ ଖେଳକୁ କେନ୍ଦ୍ରକରି କେତେଜଣ ଅଣଛାତ୍ର ଆମ୍ବେଡକର ଛାତ୍ରାବାସର ୩ଜଣ ଛାତ୍ର ଆକ୍ରମଣର ଶିକାର ହୋଇଛନ୍ତି। ଖେଳ ପଡ଼ିଆର ଗୋଟିଏ ଗେଟ କଲେଜ ଭିତରେ ଥିବାବେଳେ ଅନ୍ୟ ସବୁ ବାହାରେ ରହିଥିବାରୁ ବାହାର ପିଲାଙ୍କ ପ୍ରବେଶ ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି।

## ଆଜି ନୂଆ ବିଜେଡି...

ଉଦ୍‌ଘାଟନ ହେବାକୁ ଯାଉଛି। ଏଥିରେ ଓଡ଼ିଶାର କଳାସ୍ଥାପତ୍ୟକୁ ଗୁରୁତ୍ୱ ଦିଆଯାଇଛି। ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ଭବନରେ ୪ ମହଲା ରହିଛି। ତଳ ମହଲା ପାର୍କିଂ ପାଇଁ ରଖାଯାଇଥିବା ବେଳେ ପ୍ରଥମ ମହଲାରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସିବା ଭଳି କନ୍‌ଭେନଶନ ହଲ୍, ୨୫୦ ସିଟ୍ ବିଶିଷ୍ଟ ଅଡିଟୋରିୟମ କରାଯାଇଛି। ଏଥିସହିତ ଗଣମାଧ୍ୟମ ପ୍ରତିନିଧିଙ୍କ ଲାଗି ମଧ୍ୟ କନ୍‌ଫରେନ୍ସ ହଲ୍ ରହିଛି। ଦ୍ୱିତୀୟ ମହଲାରେ ୩୦ଟି ରୁମ୍ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ କରାଯାଇଥିବା ବେଳେ ଦଳୀୟ କର୍ମକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର ଚାମ୍ବର କରାଯାଇଛି। ଏଠାରେ ଆଇଟି ସେଲ୍ ପାଇଁ ମଧ୍ୟ ଏକ କାର୍ଯ୍ୟାଳୟ ରହିଛି। ଏଥିରେ କ୍ୟାଣ୍ଟିନ ସହ ଅତ୍ୟାଧୁନିକ ସୁବିଧା ରହିଛି।

## ଡାକଘରକୁ ଟଙ୍କାଏ...

ପହଞ୍ଚି ନ ଥିଲା। ଯେଉଁଥି ପାଇଁ ତାଙ୍କୁ ସୂଚନା ଆବେଦନର ଉତ୍ତର ପାଇବାରେ ଅସୁବିଧା ହୋଇଥିଲା। ଏ ନେଇ ଶିବପ୍ରସାଦ ଅଭିଯୋଗ କରିବା ପରେ ଡାକବିଭାଗ ପକ୍ଷରୁ ତାଙ୍କୁ ମନି ଅର୍ଡର ବାବଦ ୧୦ ଟଙ୍କା ଫେରସ୍ତ କରାଯାଇଥିଲା। ହେଲେ ସେବାକର ବାବଦକୁ ଡାକ ଘର ପକ୍ଷରୁ ଯେଉଁ ୧ ଟଙ୍କା ନିଆଯାଇଥିଲା ତାହା ଫେରସ୍ତ କରାଯାଇନଥିଲା। ଏ ନେଇ ଶିବପ୍ରସାଦ ୨୦୨୦ ଅକ୍ଟୋବରରେ ଗଞ୍ଜାମ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତ ଏହି ମାମଲାର ଶୁଣାଣି ବେଳେ ଡାକ ଘର କର୍ତ୍ତୃପକ୍ଷଙ୍କଠାରୁ ଉତ୍ତର ଲୋଡିଥିଲେ। ଉଭୟ ପକ୍ଷଙ୍କ ଜବାବ ସୁଆଲ ଶୁଣିବା ପରେ ଖାଉଟି ଅଦାଲତ ନିଜ ରାୟରେ ଡାକ ବିଭାଗକୁ ୫୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ମାମଲା ପରିଚାଳନା ବାବଦ ଆଉ ୫୦୦ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

**DISTRICT OFFICE, ANGUL**

**(Department of Mission Shakti)**

No. 960/SW Date: 21.04.2023

**(TENDER CALL NOTICE FOR HIRING OF VEHICLE FOR MISSION SHAKTI, OFFICE OF THE DSWO, ANGUL)**

No. g-10: Sealed tenders are invited from the intending Travel Agencies/Individuals for providing one Diesel driven vehicle having sitting capacity not more than 5 including Driver which shall confirm to the terms and conditions.

The tender notice and terms and condition can be obtained from the Office of the DSWO, Angul on payment of Rs.1,000/- Rupees (One thousand) only (non-refundable) during the office hours on any working day till 1.00 P.M. of 08.05.2023.

The tender papers containing detailed terms and conditions for hiring of vehicle can also be downloaded from the District website **www.angul.nic.in** and while submitting such tender paper a DD of Rs.2,000/- Rupees (Two thousand) only in favour of DSWO, Angul payable at Angul is to be submitted failing which the tender paper will be rejected. The tender cost of Rs.1,000/- Rupees (One thousand) only fixed is non-refundable. Tender paper complete in all respect (Technical & Financial) in separate cover along with all required documents and both cover to be kept in a separate big cover super scribed **"for Hiring of Vehicle for Mission Shakti, Office of the DSWO, Angul"** to be submitted to the DSWO Angul on or before **08.05.2023, 1.00 P.M.** by Registered/Speed Post only. The tender shall be opened on **09.05.2023 at 11.30 A.M.** in presence of the members of tender committee and tenderers or their authorized representatives. The tender received beyond the scheduled date and time shall not be taken into consideration.

Future corrigendum or other communication regarding this tender will be available only on the district website: **www.angul.nic.in** and will not be published in print media.

The tender received beyond the scheduled date and time shall not be taken into consideration. The authority reserves the right to reject/cancel any or all tenders without assigning any reason thereof and shall bear no liability what so ever consequent upon such decision.

**DSWO, ANGUL**

OIPR-19356/11/0001/2324

Azadi Ka Amrit Mahotsav

G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)

(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)

OLATPUR, P.O.-BAIROI, DIST-CUTTACK-754010, ODISHA

Ref. No.: AD 6B 19/04/2023 Date: 22.04.2023

**RECRUITMENT NOTICE BY CONTRACT**

Applications are invited from the eligible candidates for the following posts:

| Sl. No. | Name of the post | No. of posts |
|---|---|---|
| 1 | Director (Consultant) | 04 |
| 2 | Assistant Professor (PMR) (Consultant) | 03 |
| 3 | Assistant Professor (Speech) (Consultant) | 03 |
| 4 | Assistant Professor (Clinical Psychology) (Consultant) | 03 |
| 5 | Assistant Professor (Special Education) (Consultant) | 04 |
| 6 | Lecturer Physiotherapy (Consultant) | 04 |
| 7 | Lecturer Occupational Therapy (Consultant) | 04 |
| 8 | Administrative Officer (Consultant) | 04 |
| 9 | Rehabilitation Officer (Consultant) | 04 |
| 10 | Prosthetist & Orthotist (Consultant) | 15 |
| 11 | Assistant (Consultant) | 04 |
| 12 | Clinical Assistant (Speech Therapist) (Consultant) | 03 |
| 13 | Clinical Assistant (Developmental Therapist) (Consultant) | 03 |
| 14 | Accountant (Consultant) | 03 |
| 15 | Special Educators / O&M Instructor (Consultant) | 07 |
| 16 | Vocational Instructor (Consultant) | 03 |
| 17 | Workshop Supervisor (Consultant) | 04 |
| 18 | Clerk / Typist (Consultant) | 03 |

The aspiring applicants fulfilling the eligibility criteria in all respect can submit their application through on line mode. The online registration of application will be made available on SVNIRTAR, Cuttack official Website i.e. **http://www.recruitment.svnirtar.nic.in.** The link of submission of online application in respect of above said posts along with other relevant information will be activated on **24th April, 2023**. For all other details, terms and conditions, please log on to **website www.svnirtar.nic.in.**

**Director (Offg.)**

## ଚିଲିକାରେ ଜଳିଗଲା ନଳଘାସ



ଖୋର୍ଦ୍ଧା ଅଫିସ/ଟାଙ୍ଗୀ,(ଡି.ଏନ୍.ଏ.): ଚିଲିକା କାଲୁପଡ଼ାଘାଟ ଜେଟି ନିକଟ ନଳଘାସରେ ଶନିବାର ନିଆଁ ଲାଗିଯାଇଥିଲା। ଏହି ସମୟରେ ପବନ ହେଉଥିବାରୁ ଉଗ୍ରରୂପ ଧାରଣକରି ନିଆଁ ଆଖପାଖ ନଳଘାସକୁ ବ୍ୟାପିଯାଇଥିଲା। ଏହା ଦେଖି ଚିଲିକାକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀ କୂଳକୁ ପଳାଇ ଆସିଥିଲେ। ଅନ୍ୟପଟେ ଉକ୍ତ ନଳଘାସରେ ରହୁଥିବା ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ମାଫିଆ ମାଛ ମାରିବାକୁ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାଇନାଥଙ୍କ ଦ୍ୱାଦଶତମ ପ୍ରତିଷ୍ଠା ଦିବସ, କଳିଙ୍ଗ ଷ୍ଟାଡ଼ିୟମ ଛକ, ସକାଳ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତକବି ଶ୍ରୀ ଜୟଦେବଙ୍କ ଜୟନ୍ତୀ, ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୭ଟା ୩୦।
- ଜି-୨୦ ଅଧୀନ ତୃତୀୟ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ, ସିଏସ୍ଆଇଆର୍- ଆଇଆଇଏମ୍ଟି ପରିସର, ଆଚାର୍ଯ୍ୟବିହାର, ସକାଳ ୯ଟା ୧୫।
- ଶଙ୍ଖ ଭବନର ଉଦ୍‌ଘାଟନ, ୟୁନିଟ୍-୬, ସକାଳ ୯ଟା ୩୦।
- ଓଡ଼ିଆ ଗୀତିକବି ସମାଜ ପକ୍ଷରୁ ଗୀତିକବିତା ଆସର, ବୁଦ୍ଧମନ୍ଦିର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଏକ୍ସପ୍ରେସ୍‌ର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ପ୍ରସିକ୍ୟୁଶନ ସର୍ଭିସ୍ ଆସୋସିଏଶନର ବାର୍ଷିକ ଉତ୍ସବ, ଆଇସିଏମ୍ଆର୍-ଆଇଏମ୍ଆର୍‌ସି ଅଡିଟୋରିୟମ୍, କଳିଙ୍ଗ ହସ୍ପିଟାଲ ଛକ ନିକଟ, ପୂର୍ବାହ୍ନ ୧୦ଟା ୩୦।
- ସଉରା ଭାଷା ସମ୍ମିଳନୀ, ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଶ୍ୱେତ ସଂକେତର ୩୫ତମ ସାରସ୍ୱତ ସମାବର୍ତ୍ତନ ସମାରୋହ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ଅପରାହ୍ନ ୫ଟା ୩୦।
- ଅକ୍ଷୟ ତୃତୀୟା ଓ ଶ୍ରୀ ଜୟଦେବ ଜୟନ୍ତୀରେ ଚିତ୍ରାଙ୍କନ ପ୍ରତିଯୋଗିତା, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଅକ୍ଷୟତୃତୀୟ ମହୋତ୍ସବ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।
- ଡ. ବୃନ୍ଦାବନ ତ୍ରିପାଠୀଙ୍କ ପୁସ୍ତକ ଲୋକାର୍ପଣ, ବୋକା କାଫେ, ମାଷ୍ଟରକ୍ୟାଣ୍ଟିନ, ସନ୍ଧ୍ୟା ୬ଟା ୧୫।
- 'ଅନୁସରଣ' ନୃତ୍ୟ ସମାରୋହ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବ୍ଲକସ୍ତରୀୟ କୃଷକ ଦିବସ ପାଳନ, ଭିଙ୍ଗାରପୁର ଶ୍ରୀ ବେକ୍ରଶ୍ୱର ମନ୍ଦିର ନିକଟ ପଡ଼ିଆ, ସକାଳ ୭ଟା ୩୦।
- ଶ୍ରୀ ଜୟଦେବ ଜୟନ୍ତୀ ପାଳନ, କେନ୍ଦୁଲିସ୍ଥିତ ଜୟଦେବ ପୀଠ, ସନ୍ଧ୍ୟା ୬ଟା।
- ଭାଗବତ ଗୋସେଇଁ ମେଳଣ ଉପଲକ୍ଷେ ମାଗଣାରେ ଅପେରା ପରିବେଷଣ, ପାହାଲ ବଜାର ମେଡିକାଲ ପଡ଼ିଆ, ରାତି ୧୧ଟା।

# ପ୍ରତି ୪ଜଣରେ ଜଣେ ଝିଅ ଶିକ୍ଷାରୁ ବଞ୍ଚିତ

## କିଟ୍‌ରେ ସି-୨୦ ସମ୍ମିଳନୀ ଉଦ୍‌ଘାଟିତ

■ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗଙ୍କ ଅଧିକାର ନେଇ ଆଲୋଚନା

■ଝିଅଙ୍କ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ



ସି-୨୦ ସମ୍ମିଳନୀ ଉଦ୍‌ଘାଟନୀ ଅବସରରେ ସ୍ୱାମୀ ଅମ୍ରିତାସ୍ୱରୂପାନନ୍ଦ, କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

ଭୁବନେଶ୍ୱର,୨୨।୪(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟରେ ଶନିବାର 'ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗଙ୍କ ଅଧିକାର'କୁ ନେଇ ଜି-୨୦ ଢାଞ୍ଚାରେ ଦୁଇଦିନିଆ ସିଭିଲ୨୦ ବା ସି-୨୦ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ସି-୨୦ର ଅଧ୍ୟକ୍ଷା ମାତା ଅମୃତା ନନ୍ଦମୟୀ ଭର୍ଚୁଆଲରେ ଯୋଗଦେଇ କହିଲେ, ସମଗ୍ର ବିଶ୍ୱ ପଞ୍ଚଭୂତରେ ଗଠିତ। ପଞ୍ଚଭୂତ ପ୍ରକୃତିରୁ ଆସିଛି। ତେଣୁ ସମଗ୍ର ବିଶ୍ୱ ଏକ। ଉପନିଷଦରେ ବସୁଧୈବ କୁଟୁମ୍ବକମ୍ ଲେଖାଯିବାର ଯଥାର୍ଥତା ଥିବା ସେ କହିଥିଲେ। ସେହିପରି ବିଶ୍ୱରେ ୧୫ରୁ ୧୯ ବର୍ଷୀୟା ବାଳିକାଙ୍କ ମଧ୍ୟରେ ପ୍ରତି ୪ଜଣରେ ଜଣେ ଝିଅ ଶିକ୍ଷାରୁ ବଞ୍ଚିତ ହେଉଥିବାବେଳେ ପୁଅଙ୍କ କ୍ଷେତ୍ରରେ ପ୍ରତି ୧୦ ଜଣରେ ଜଣେ ଶିକ୍ଷାରୁ ବଞ୍ଚିତ ହୁଅନ୍ତି। ତେଣୁ ଝିଅଙ୍କ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱଦେବା ଉଚିତ ବୋଲି ସେ କହିଥିଲେ।

ସ୍ୱାମୀ ଅମ୍ରିତାସ୍ୱରୂପାନନ୍ଦ କହିଲେ, ମହିଳା ଓ ପୁରୁଷମାନେ ଗୋଟିଏ ପକ୍ଷୀର ଦୁଇଟି ଡେଣା। ତେଣୁ ଉଭୟଙ୍କୁ ସମାନ ସୁଯୋଗ ଦେବା ଉଚିତ। ପୂର୍ବତନ ରାଷ୍ଟ୍ରଦୂତ ବିଜୟ କୁମାର ନାମ୍ବିଆର୍ କହିଲେ, ମହିଳାମାନେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସେହିପରି ଅନ୍ୟମାନଙ୍କ ପରି ସମ୍ମାନ ସହ ବଞ୍ଚିବା ପାଇଁ ଦିବ୍ୟାଙ୍ଗ ମହିଳାଙ୍କର ଯେଉଁ ଆଶା ରହିଛି, ତାହାକୁ ପୂରଣ ପାଇଁ ବିଶ୍ୱ ନେତୃତ୍ୱ ସୁଯୋଗ ସୃଷ୍ଟି କରିବା ଦିଗରେ ତତ୍ପରତା ପ୍ରକାଶ କରିବା ଉଚିତ ବୋଲି ମରିସସ୍‌ର ଲିଙ୍ଗଗତ ସମାନତା ଓ ପରିବାର କଲ୍ୟାଣ ମନ୍ତ୍ରୀ କଳ୍ପନା ଦେବୀ କୁଞ୍ଜୁ-ଶାହ କହିଥିଲେ। କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମହିଳାଙ୍କୁ ଯେତେ ପରିମାଣର ସଶକ୍ତ ଓ ସମ୍ମାନିତ କରିବା ଆମ ଦେଶ ସେତେ



ସମ୍ମିଳନୀରେ ଯୋଗଦେଇଥିବା ନିମନ୍ତ୍ରିତ ଅତିଥି।

ପ୍ରଗତି କରିବ ବୋଲି କହିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନେ ସାଧାରଣ ଲୋକଙ୍କ ଭଳି ଉତ୍କର୍ଷ ପ୍ରଦର୍ଶନ କରିଥିଲେ। ମରିସସର ଲିଙ୍ଗଗତ ସମାନତା ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଫୁଲରାଣୀ ରାମପଦାରଥ ଏବଂ ସି୨୦ ଆନ୍ତର୍ଜାତିକ ପରାମର୍ଶଦାତା କମିଟି ସଦସ୍ୟ ରାମୁ ଦାମୋଦରନ୍ ଓ ନୈଲା ଚୌଧୁରୀ ପ୍ରମୁଖ ଯୋଗଦେଇ ମହିଳା ତଥା ଦିବ୍ୟାଙ୍ଗ ପାଇଁ ସମାନ ସୁଯୋଗ ଦେବା କ୍ଷେତ୍ରରେ ମତ ରଖିଥିଲେ। ଏହି ସମ୍ମିଳନୀରେ ଦେଶ ଓ ବିଦେଶରୁ ୩୦୦ରୁ ଊର୍ଦ୍ଧ୍ୱ ନାଗରିକ ସମାଜ ସଂଗଠନ ପ୍ରତିନିଧି, ସରକାରଙ୍କ ପ୍ରତିନିଧି, ଅନ୍ତର୍ଜାତୀୟ ପ୍ରତିନିଧି, ଜି-୨୦ର ଅନ୍ୟ ଏନ୍‌ଗେଜମେଣ୍ଟ ଗ୍ରୁପ୍ ଓ କାର୍ଯ୍ୟକାରୀ ଗୋଷ୍ଠୀର ସଦସ୍ୟ, ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗ କାର୍ଯ୍ୟକାରୀ ଗୋଷ୍ଠୀର ସଦସ୍ୟ ଅତିରିକ୍ତ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ପରିଚୟ ଜାଣିବାକୁ ସବୁ ଷ୍ଟେଶନରେ ଲାଗିବ ପୋଷ୍ଟର

## ଟ୍ରେନ୍ ଟଏଲେଟ୍‌ରେ ମହିଳାଙ୍କୁ ହତ୍ୟା ଘଟଣା

■ଜବତ ମୋବାଇଲ୍ ଫୋନ୍‌ର ଠିକଣା ମିଳିଲା

■ଚୋରି ହୋଇଥିବା କହିଲେ ମାଲିକ

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକିଥିବା ଧାନବାଦ୍ ଏକ୍ସପ୍ରେସ୍ ଟଏଲେଟରୁ ଅଚିହ୍ନା ମହିଳାଙ୍କ ମୃତଦେହ ମିଳିବା ଘଟଣାର କାରଣ ଖୋଜୁଛି ସରକାରୀ ରେଲ୍‌ୱେ ଥାନା ପୋଲିସ (ଜିଆର୍‌ପି)। ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହୁଥିବାବେଳେ ଘଟଣାର ୨ଦିନ ପରେ ବି ତାଙ୍କ ପରିଚୟ ପାଇପାରିନି। ଫଳରେ ତଦନ୍ତ ଆଗେଇ ପାରୁ ନ ଥିବାରୁ ପରିଚୟ ଜାଣିବା ପାଇଁ ଭୁବନେଶ୍ୱର ଷ୍ଟେଶନ ସମେତ ରାଜ୍ୟ ବାହାର ଷ୍ଟେଶନରେ ପୋଷ୍ଟର ଲଗାଯିବ ବୋଲି ଜିଆର୍‌ପି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି। ଏଥିପାଇଁ ଆର୍‌ପିଏଫ୍‌ର ସହାୟତା ଲୋଡାଯିବା ସହ ପୋଷ୍ଟର ମାରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଧାନବାଦ ଏକ୍ସପ୍ରେସ ଯେଉଁ ଯେଉଁ ଷ୍ଟେଶନରେ ଅଟକିଥିଲା ସେସବୁ ଷ୍ଟେଶନର ସିସିଟିଭି ଫୁଟେଜ ଯାଞ୍ଚ ପାଇଁ ଷ୍ଟେଶନ ଇନଚାର୍ଜଙ୍କୁ ଚିଠି ଲେଖାଯାଇଛି। ଏହାସହିତ ଯାତ୍ରୀଙ୍କ ତାଲିକା ମଧ୍ୟ ମଗାଯାଇଛି। ଅନ୍ୟପକ୍ଷରେ ଟଏଲେଟ୍ ଡଷ୍ଟବିନ୍‌ରୁ ଜବତ ମୋବାଇଲ ଫୋନ୍‌କୁ ଏଫ୍ଏସ୍ଏଲ୍‌କୁ ପଠାଯିବ। ଇତିମଧ୍ୟରେ ଉକ୍ତ ମୋବାଇଲ ଫୋନ୍ ମାଲିକଙ୍କ ଠିକଣା ପାଇଛି ଜିଆର୍‌ପି। ତାଙ୍କ ଘର ତାଳଚେରରେ ହୋଇଥିବାବେଳେ ମୋବାଇଲ୍‌ଟି ଚୋରି ହୋଇଥିବା ନେଇ ସେ ପୋଲିସକୁ କହିଛନ୍ତି। ତେବେ ସେ ସତ କହୁଛନ୍ତି କି ନାହିଁ, ଏହି ଘଟଣାରେ ତାଙ୍କର ସଂପୃକ୍ତି ଅଛି କି? ତାହାର ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି ।

# ବଜ୍ରପାତରେ ଜଳିଗଲା ୬ ବାଇକ୍

ବାରଙ୍ଗ,୨୨।୪(ଡି.ଏନ୍.ଏ.)



ରାଜଧାନୀ ଉପକଣ୍ଠ ଅନ୍ଧାରୁଆ ତଳସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ବଜ୍ରପାତ ଯୋଗୁ ଏହି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୬ଟି ବାଇକ୍ ଜଳି ପାଉଁଶ ହୋଇଯାଇଛି। ଏହାସହ ଝିଅ ବାହାଘର ପାଇଁ ରଖାଯାଇଥିବା କିଛି କାଠ ଆସବାବପତ୍ର ଓ ଗୋଟିଏ ଖଟ ମଧ୍ୟ ପୋଡ଼ିଯାଇଛି। ଏତେବଡ଼ ଅଘଟଣ ଘଟିଥିବା ବେଳେ ସୌଭାଗ୍ୟବଶତଃ ପରିବାର ସଦସ୍ୟମାନେ ମୃତ୍ୟୁମୁଖରୁ ବଞ୍ଚିଯାଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ତଳସାହିରେ ବଜ୍ରପାତ ହୋଇଥିଲା। ଏହି ଗାଁର ସୁକାନ୍ତ ବଡ଼ଜେନାଙ୍କ ପରିବାର ଶୋଇଥିବାବେଳେ ତାଙ୍କ ବାଡିରେ ଥିବା ଗୁଆଗଛ ଉପରକୁ ବଜ୍ରପାତ ହୋଇଥିଲା। ଫଳରେ ବାଡିପାର୍ଶ୍ୱରେ ଥିବା ଘର ବାରଣ୍ଡା ଓ ଘରଭିତରକୁ ନିଆଁ ଲାଗିଯାଇଥିଲା। ଘରବାରଣ୍ଡାରେ ଥିବା ୪ଟି ବାଇକ୍, ଗୋଟିଏ ସ୍କୁଟି ଓ ଗୋଟିଏ ଇ-ବାଇକ୍‌ରେ ନିଆଁ ଲାଗି ଜଳିଯାଇଥିଲା। ଏପରିକି ନିଆଁ ବ୍ୟାପୀ ଯାଇ ନିକଟରେ ରଖାଯାଇଥିବା କିଛିକାଠ ଫର୍ନିଚର ଓ ଗୋଟିଏ ଖଟରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ନେଇ ପରିବାର ଲୋକ ଜାଣି ଉଠି ପାଟି କରିଥିଲେ। ପାଟିଶୁଣି ସାହି ପଡିଶାମାନେ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ୬ଟି ଗାଡି ସମେତ କିଛି କାଠ ଫର୍ନିଚର ଓ ଏକ ଖଟ ପୋଡିଯାଇଥିଲା ।



ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ଶନିବାର ଝାରପଡ଼ାସ୍ଥିତ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ।

## ଇଞ୍ଚୀଣାରେ ଭାଗବତ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ବାରଙ୍ଗ,୨୨।୪(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଇଞ୍ଚଣା ଗ୍ରାମରେ ଗ୍ରାମ ମଙ୍ଗଳ କମିଟି ପକ୍ଷରୁ ଆୟୋଜିତ ଭାଗବତ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମର ସଭାପତି ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ଗ୍ରାମ ମଙ୍ଗଳ କମିଟି ପକ୍ଷରୁ ଗାଁ ମୁଣ୍ଡରେ ବିଧାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ବିଧାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଇଞ୍ଚଣା ଗ୍ରାମବାସୀ ଯେଉଁ ପ୍ରୟାସ ଜାରି ରଖିଛନ୍ତି ସେଥିପାଇଁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି। ଏଭଳି ଭାଇଚାରା ବଜାୟ ରଖିଲେ ଗ୍ରାମର ଉନ୍ନତି ହେବ ବୋଲି ବିଧାୟକ କହିଥିଲେ। ଏଥିରେ ଲୋକ ପ୍ରତିନିଧିମାନଙ୍କ ସହ ମୁରବିମାନେ ଯୋଗଦେଇଥିଲେ। ଏହାପରେ ଗ୍ରାମବାସୀ ଏକତ୍ରିତ ହୋଇ ଭାଗବତ ଗୋସେଇଁଙ୍କ ପୂଜାର୍ଚ୍ଚନା କରି ପଞ୍ଚଭୋଗ ଅର୍ପଣ କରିଥିଲେ। ଉକ୍ତ ପ୍ରସାଦକୁ ଗ୍ରାମର ଘରେ ଘରେ ବଣ୍ଟନ କରାଯାଇଥିଲା। ସୁସଜ୍ଜିତ ବିମାନରେ ବସାଇ ଗୋସେଇଁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାର ବାଦ୍ୟ, ଘୋଡାନାଚ, ଷଣ୍ଢନାଚ, ରାଧାକୃଷ୍ଣ ନାଚ ଇତ୍ୟାଦି ପରିବେଷଣ କରାଯାଇଥିଲା। ନିଆଁ ହୁଳାର ଆତସବାଜି ବେଶ୍ ଚିତ୍ତାକର୍ଷକ ଥିଲା। ଏହାପରେ ୩ଦିନ ଧରି ଏକ ଅପେରା ପରିବେଷଣ କରାଯାଇଥିଲା। ଗ୍ରାମ ମଙ୍ଗଳ କମିଟିର କର୍ମକର୍ତ୍ତା ଓ ଗାଁର ମୁରବିମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ସମ୍ପାଦକ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଡ.ରଜନୀ ଦାଶ ପିଏସ୍ ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି

ବାଲକାଟୀ,୨୨।୪(ଡି.ଏନ୍.ଏ.) -ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜର ପରିଚାଳନା କମିଟି ସଭାପତି ଭାବେ ଚର୍ଚ୍ଚିତ ସିନେ ବ୍ୟକ୍ତିତ୍ୱ ତଥା ବିଶିଷ୍ଟ ଶିକ୍ଷାବିତ୍ ତଥା କଲେଜର ପୂର୍ବତନ



ପ୍ରତିଷ୍ଠାତା ଅଧକ୍ଷ ଡ.ରଜନୀ ରଞ୍ଜନ ଦାଶଙ୍କୁ ଓଡ଼ିଶା ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ. ପିଟି ୧- ଏଚ୍‌ଇ-ଏନ୍‌ସିଏନଇ-ଏମ୍ଆଇଏସି ୦୦୨୫-୨୦୨୧/୧୬୪୯୬/ ଏଚ୍‌ଇ ତା୨୧।୪।୨୩ ରିଖରେ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିପାଇଁ ଛାତ୍ରୀଛାତ୍ର, ଅଭିଭାବକ ଓ କର୍ମଚାରୀ ମହଲରେ ରଜନୀ ରଞ୍ଜନ ଦାଶଙ୍କୁ ସାଧୁବାଦ ଜଣାଇଛନ୍ତି। ଡ. ଦାଶ ମଧ ଏଥିପାଇଁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମୁତୟନ ହେବେ ୨୦ ପ୍ଲାଟୁନ ପୋଲିସ ଫୋର୍ସ

## ଜି-୨୦ ସମ୍ମିଳନୀ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର,୨୨।୪ (ବ୍ୟୁରୋ)

ଭୁବନେଶ୍ୱରରେ ରବିବାରଠାରୁ ଆରମ୍ଭ ହେବ ଜି-୨୦ ସମ୍ମିଳନୀ। ଏଥିପାଇଁ ୨୮ ତାରିଖ ପର୍ଯ୍ୟନ୍ତ ରାଜଧାନୀର ବିଭିନ୍ନ ସ୍ଥାନରେ ସେମିନାର ଓ ବୈଠକ ହେବ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସହ କମିଶନରେଟ ପୋଲିସ ଯୋଗାଯୋଗରେ ରହିଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ଏହାସହ ବିଭିନ୍ନ ଦେଶର ପ୍ରତିନିଧିଙ୍କ ପାହ୍ୟା ଅନୁସାରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟ, ହୋଟେଲ, ମିଟିଂ ସ୍ଥାନ ଓ ଗମନାଗମନ ଆଦି ୪ଟି ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅସ୍ଥାୟୀ କଣ୍ଟ୍ରୋଲ ରୁମ୍‌ରୁ ସିସିଟିଭି ସହାୟତାରେ ପୂରା ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ। ସମସ୍ତ ଦେଶର ଅତିଥିଙ୍କୁ ପାଇଲଟ ପ୍ରୋଟେକ୍ସନ ଗାଡିରେ ନିଆଯିବ। ସେହିପରି ବୈଠକ ସ୍ଥାନରେ ଦୁଇ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନୁମତି ନ ଥିବା ଲୋକଙ୍କୁ ବୈଠକ ସ୍ଥଳକୁ ଯିବା ମନା। ୬ଟି ଜାଗାରେ ନାକା ଚେକିଂ କରାଯିବ। ଏନେଇ କେନ୍ଦ୍ରୀୟ ଜି୨୦ ଟିମ୍ ସହ ସୁରକ୍ଷା ବ୍ୟବସ୍ଥା ନେଇ ବୈଠକ ହୋଇଛି। ଟିମ୍‌ର ପରାମର୍ଶକୁ ଗ୍ରହଣ କରାଯାଇଛି। ଭିଭିଆଇପିମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସ୍ୱତନ୍ତ୍ର ସିକ୍ୟୁରିଟି ଅଫିସର ନିୟୋଜିତ ରହିବେ। ସୁରକ୍ଷା ଦାୟିତ୍ୱରେ ୨ଜଣ ଡିସିପି ର୍ୟାଙ୍କ୍‌ର ଅଫିସର, ୫ଜଣ ଅତିରିକ୍ତ ଡିସିପି ର୍ୟାଙ୍କ୍‌ର ଅଫିସର, ୧୧ ଏସିପି, ୨୫ ଇନ୍ସପେକ୍ଟର, ୧୨୫ ଏସ୍ଆଇ ସହ ୨୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ଅନ୍ୟପଟେ ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଟିମ୍ ମଧ୍ୟ ଜରୁରିକାଳୀନ ପରିସ୍ଥିତି ପାଇଁ ମୁତୟନ ସହ ୨ ୟୁନିଟ ସ୍ପେଶାଲ ଟାକ୍ଟିକାଲ ଟିମ୍ ପ୍ରସ୍ତୁତ ରହିବେ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ସିଂ ସୂଚନା ଦେଇଛନ୍ତି।

# ଲୟୋଲା ସ୍କୁଲରେ ଯୋଗ ଅଲିମ୍ପିଆଡ୍



ଭୁବନେଶ୍ୱର,୨୨।୪(ବ୍ୟୁରୋ)

ଲୟୋଲା ସ୍କୁଲ ପରିସରରେ ଶନିବାର ସିଆଇଏସ୍‌ସିଇ ରିଜିଓନାଲ ଯୋଗ ଅଲିମ୍ପିଆଡ୍-୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଲୟୋଲା ସ୍କୁଲ ଅଧ୍ୟକ୍ଷ ଫାଦର ଭିକ୍ଟର ମିସକୁଇଥ୍, ରିଜିଓନାଲ ସ୍ପୋର୍ଟସ୍ କୋଅର୍ଡିନେଟର ସିଷ୍ଟର ପି ସେଲଭି, ଲିନା ଖୁରାନା, ବି.କେ. ତ୍ରିପାଠୀ, ଫାଦର ଅଗଷ୍ଟିନ୍ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଫାଦର ମିସକୁଇଥ୍ ସ୍ୱାଗତଭାଷଣ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୯ଟି ଆଇସିଏସ୍‌ଇ ବିଦ୍ୟାଳୟର ୫୬ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୭ବର୍ଷରୁ କମ୍ ଛାତ୍ରୀଙ୍କ ବର୍ଗରେ ବେଆନୀ କନ୍‌ଭେଣ୍ଟ ସ୍କୁଲ ସମ୍ବଲପୁର ରନର୍ସଅପ୍ ଓ ଡି. ପଲ୍ ସ୍କୁଲ ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ ବ୍ରହ୍ମପୁର ପ୍ରଥମ, ବ୍ଲେସଡ୍ ସାକ୍ରାମେଣ୍ଟ ହାଇସ୍କୁଲ ରନର୍ସ ଅପ୍ ଓ ସମ୍ବଲପୁରର ସେଣ୍ଟଜନ୍ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ଟ୍ରାଡିଶନାଲ ହ୍ୟାଣ୍ଡଲୁମ୍ ଏକ୍ସପୋରେ ୧୮ ରାଜ୍ୟର ସାମଗ୍ରୀ

ଭୁବନେଶ୍ୱର,୨୨।୪(ବ୍ୟୁରୋ)



ଭଲ ଜିନିଷ, ପୁଣି ପକେଟକୁ ସୁହାଇବା ଭଳି ଦାମ୍। ପାରମ୍ପରିକତାଠାରୁ ଆରମ୍ଭ କରି ପାଶ୍ଚାତ୍ୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାମଗ୍ରୀକୁ ନେଇ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଛି 'ଟ୍ରାଡିଶନାଲ ହ୍ୟାଣ୍ଡଲୁମ୍ ଏକ୍ସପୋ'। ମହାରାଷ୍ଟ୍ର, ଜମ୍ମୁ-କଶ୍ମୀର, ରାଜସ୍ଥାନ, ଛତିଶଗଡ଼, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଆସାମ, କର୍ନାଟକ, ବିହାର, ହରିୟାଣା ଆଦି ୧୮ରାଜ୍ୟର ବ୍ୟବସାୟୀଙ୍କ ହସ୍ତତନ୍ତ ସାମଗ୍ରୀ ସହରବାସୀଙ୍କ ମନ ଜିଣୁଛି। ପ୍ରଦର୍ଶନୀର ପ୍ରବେଶ ପଥରେ ରହିଛି ଖରାଦିନିଆ ଦୈନନ୍ଦିନ ବ୍ୟବହାର କଲାଭଳି ଡ୍ରେସ୍। ସ୍କର୍ଟ, ପ୍ୟାଣ୍ଟ, ସିଫନ ଡ୍ରେସ୍, ଛୋଟ ପିଲାଙ୍କ ଡ୍ରେସ୍, ଦୁପଟା ଆଦି ବିକ୍ରି ହେଉଛି। ଏହାର ମୂଲ୍ୟ ୨୦୦ରୁ ଆରମ୍ଭ ହୋଇଛି। ଏହାର ବ୍ୟବସାୟୀ ଅମନ କାଶ୍ୟପ ପାନିପଥରୁ ଆସି ଗତ ୬ବର୍ଷ ହେବ ଓଡ଼ିଶାରେ ବ୍ୟବସାୟ କରୁଛନ୍ତି। କିନ୍ତୁ ଚଳିତବର୍ଷ ଖରା ପାଇଁ ଲୋକମାନେ କମ୍ ଆସୁଥିବା ସେ ପ୍ରକାଶ କରିଛନ୍ତି। ଏହା ପରେ ଚିକନ କରି କୁର୍ତ୍ତା, ବେଡ୍‌ଶିଟ୍, କୁଶନ କଭର, ଖଦିରେ ପୁଅଙ୍କ ଡ୍ରେସ୍, ରାଜସ୍ଥାନୀ ଜୋତା, ପୁଡୁଚେରୀର ହ୍ୟାଣ୍ଡଲୁମ୍ ବେଡ୍‌ସିଟ୍, ହସ୍ତତନ୍ତ ଶାଢ଼ିଠୁ ନେଇ ବିଭିନ୍ନ ପ୍ରକାର ଶାଢି, ସମ୍ବଲପୁରୀ ଡ୍ରେସ ଆଦି ଭଳିକି ଭଳି ଜିନିଷ ବିକ୍ରି ହେଉଛି। ଖରାପାଇଁ ଦିନରେ ଲୋକମାନେ ଯାଇ ପାରୁ ନ ଥିବାରୁ ସନ୍ଧ୍ୟା ୬ଟା ପରେ ପ୍ରଦର୍ଶନୀ ମୁହାଁ ହେଉଛନ୍ତି ରାଜଧାନୀବାସୀ। ସେହିପରି ଘର ପାଇଁ କପ୍ ସେଟ୍, କୁଣ୍ଡ, ଘର ସଜାଇବା ପାଇଁ ଆସବାପତ୍ର ମଧ୍ୟ ବିକ୍ରି ହେଉଛି। ଅନ୍ୟପକ୍ଷେ ରାଜସ୍ଥାନର ଆଚାର ଓ ପାପଡ଼ ଷ୍ଟଲ୍‌ରେ ଗ୍ରାହକଙ୍କ ଗହଳି ରହୁଥିବା ଦେଖିବାକୁ ମିଳୁଛି। ସେହିପରି ପ୍ରଦର୍ଶନୀ ମଝିରେ ଥିବା ଖାଦ୍ୟ ଷ୍ଟଲ୍‌ରେ ଭିଡ଼ ରହିଛି। ଗ୍ରାହକଙ୍କ ପାଇଁ ଚଳିତବର୍ଷ ୨୦ ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଛି। ଏହା ମେ ୧୪ ପର୍ଯ୍ୟନ୍ତ ଚାଲିବ।

# ବିକାଶ ନାମରେ ପ୍ରାକୃତିକ ସମ୍ପଦ କ୍ଷୟ ହେଉଛି

## ବିଶ୍ୱ ଧରିତ୍ରୀ ଦିବସ

ଭୁବନେଶ୍ୱର,୨୨।୪(ବ୍ୟୁରୋ)




ଲୋହିଆ ଏକାଡେମୀଠାରେ ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ଅତିଥିବୃନ୍ଦ।

ସରକାର ବିଚାରଶୂନ୍ୟ ହୋଇ ରାଜ୍ୟର ଲୁହାପଥର, ବକ୍ସାଇଟ୍ ପରି ମୂଲ୍ୟବାନ ଖଣିକୁ କମ୍ପାନୀ ହାତରେ ଟେକି ଦେଉଛନ୍ତି। ଏହା ରାଜ୍ୟକୁ ସମ୍ବଳହୀନ କରୁଛି। ରାଜ୍ୟରେ ହଜାର ହଜାର ଆଦିବାସୀ-ଜଙ୍ଗଲବାସୀଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡୁଛି। ଗତ ୩ବର୍ଷରେ ଗ୍ରାମସଭାର ସହମତି ବିନା ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନ କରି କର୍ଲାପାଟ, ଗନ୍ଧଲପଦା, କୁଟୁରମାଳି, ସିଜିମାଳ, ବଳଦା, କେଟାମୋଟା, ଉସ୍କାଲଭାଗ, ମାଳିପର୍ବତ, ସୁନ୍ଦରଗଡ଼ ଜିଲାର କୁତ୍ରା ବ୍ଲକର ଚାଷଜମି ସମେତ ୫ଟି କୁଆଁରୀ ଜଙ୍ଗଲରେ ଖଣି ଖନନ ପାଇଁ ଲିଜ୍ ଦିଆଯାଇଛି। କେନ୍ଦ୍ର ସରକାର ଦ୍ୱାରା ୯ଟି କୋଇଲା ଖଣି ନିଲାମ କରାଯାଇଛି। ଏହି ଜଙ୍ଗଲ ସହ ଝରଣା ନଦୀର ସମ୍ପର୍କ ରହିଛି। ଜୀବିକା ରହିଛି, ପରିବେଶ ସୁରକ୍ଷା ରହିଛି। ଏସବୁର କ୍ଷୟ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଭାବ ପକାଇବା ସହ ରାଜ୍ୟର ତାପମାତ୍ରା ବୃଦ୍ଧି କରିବ। ବିକାଶ ନାମରେ ପ୍ରାକୃତିକ ସମ୍ପଦ ନିଶ୍ଚିହ୍ନ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ରାଜ୍ୟ ଶାଖା ପକ୍ଷରୁ ସ୍ଥାନୀୟ ଲୋହିଆ ଏକାଡେମୀଠାରେ ବିଶ୍ୱ ଧରିତ୍ରୀ ଦିବସ ଉପଲକ୍ଷେ 'ବିକାଶ ନାମରେ ପ୍ରାକୃତିକ ସମ୍ପଦ ସାରିଦେବା କି?' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଏକ ଭିତ୍ତିପତ୍ର ଉପସ୍ଥାପନା କରିଥିଲେ। ଆଦିବାସୀଙ୍କ ଉନ୍ନତି ପାଇଁ ନିଲାମ ହୋଇଥିବା ଖଣି ଲିଜ୍‌ଗୁଡିକର ପ୍ରତ୍ୟାହାର ପାଇଁ ସମୂହ ଦାବି ହୋଇଥିଲା। ଦାସିନନ୍ଦୁବାଲି, ବିଜୟ ଖିଲ, କାର୍ତ୍ତିକ ମାଝି, କୁଟୁମାଲି, ଧାନଫୁଲ ମାଝି, ବିଜୟ ଉପାଧ୍ୟାୟ, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାଣି ଆଣିବାକୁ ଯିବାବେଳେ ଟ୍ରେନ୍ ଗାର୍ଡଙ୍କ ମୃତ୍ୟୁ

ଖୋର୍ଦ୍ଧାଅଫିସ,୨୨।୪(ଡି.ଏନ୍.ଏ.): ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଗଙ୍ଗାଧରପୁର ରେଳଷ୍ଟେଶନ ନିକଟରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଟ୍ରେନ୍‌ର ଜଣେ ଗାର୍ଡ ପାଣି ଆଣିବାକୁ ଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏସ୍.ଆର୍. କ୍ରିଷ୍ଣା(୫୦)। ସୂଚନା ମୁତାବକ, ତାଳଚେରରୁ ଏକ ଟ୍ରେନ୍ କୋଇଲା ବୋଝେଇ କରି ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଉକ୍ତ ଟ୍ରେନରେ ଗାର୍ଡ ଭାବେ କ୍ରିଷ୍ଣା ଥିଲେ। ଗଙ୍ଗାଧରପୁର ରେଳଷ୍ଟେଶନ ନିକଟରେ ଟ୍ରେନ ଅଟକିବାରୁ କ୍ରିଷ୍ଣା ଓହ୍ଲାଇ ପାଣି ଆଣିବାକୁ ଯାଉଥିଲେ। ତେବେ କୌଣସି କାରଣରୁ ସେ ଷ୍ଟେଶନରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଝାମ୍ପିନେଲେ ଭ୍ୟାନିଟି

ଯାଁଲା,୨୨।୪(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ଓଗାଳପଡ଼ା ଛକ ନିକଟରେ ଜଣେ ମହିଳାଙ୍କଠାରୁ ଦୁଇ ଦୁର୍ବୃତ୍ତ ଏକ ଭ୍ୟାନିଟି ବ୍ୟାଗ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଯାଁଲା ଅଞ୍ଚଳରେ ଭଡ଼ାରେ ରହୁଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ କୋଦୁଅବେରେଣୀ ଗ୍ରାମର ହଟନାଥ ସାହୁଙ୍କ ସ୍ତ୍ରୀ ଅନୁପମା। ସୂଚନା ଅନୁଯାୟୀ, ଅନୁପମା ବେଗୁନିଆ ଗ୍ରାମକୁ ଯିବା ପାଇଁ ଓଗାଳପଡ଼ା ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଭୁବନେଶ୍ୱରପଟୁ ଏକ ବାଇକ୍‌ରେ ଆସି ଅନୁପମାଙ୍କ ଭ୍ୟାନିଟି ଝାମ୍ପିନେଇ ପଳାଇ ଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ଏକ ୩୦ ଗ୍ରାମ୍‌ର ସୁନାଚେନ୍, ଏଟିଏମ୍ କାର୍ଡ, ୨ ହଜାର ଟଙ୍କା ଓ ଘରର ସମସ୍ତ ଚାବି ରହିଥିଲା। ତେବେ ବ୍ୟାଗ୍ ଝାମ୍ପିନେବା ବେଳେ ଦୁର୍ବୃତ୍ତଙ୍କ ଦୁଇଟି ମୋବାଇଲ ଓ ଏଟିଏମ୍ କାର୍ଡ ଖସିପଡ଼ିଥିଲା, ଯାହାକୁ ଛାଡ଼ି ସେମାନେ ପଳାଇଥିଲେ।

### ନବାହ୍ନ ପାରାୟଣ ମହାଯଜ୍ଞ ଉଦ୍‌ଯାପିତ

ନିରାକାରପୁର,୨୨।୪(ଡି.ଏନ୍.ଏ.): ଖୋର୍ଦ୍ଧା ଖୋର୍ଦ୍ଧା ଜିଲା ଜଙ୍କିଆ ଗୁବୁରୀ ପାହାଡ଼ସ୍ଥିତ ମହାବୀରଙ୍କ ପୀଠରେ ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୀତାମ୍ବର ଦାସ ମହାରାଜ ଓ ମହନ୍ତ ବିଶ୍ୱମ୍ଭର ଦାସଜୀ ମହାରାଜଙ୍କ ସମେତ ଜଙ୍କିଆ, ବାଲିଗାଡିଆ, ନୂଆଗାଁ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗତ ୧୩ ତାରିଖରେ ଜଳଯାତ୍ରା ଅନୁଷ୍ଠିତ ହେବା ସହିତ ୧୪ ତାରିଖରୁ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟ ପୂଜା, ମଙ୍ଗଳ ଆଳତି, ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଘଟ ବିସର୍ଜନ ଓ ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ‘ଅନ୍ତଃ ଚେତନାର ବିକାଶ କରନ୍ତି ପ୍ରକୃତ ଶିକ୍ଷକ’

ଗମ୍ଭାରୀମୁଣ୍ଡା/ଟାଙ୍ଗୀ(ଖୋର୍ଦ୍ଧା), ୨୨।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ତାରାପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶହେବର୍ଷ ପୂର୍ତ୍ତି ଅବସରରେ ସେଣ୍ଟେନାରୀ ଶତବାର୍ଷିକୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ, ଓଡ଼ିଶା ହେଉଛି ଦେବଭୂମି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସାରା ବିଶ୍ୱରେ ଓଡ଼ିଶା ପରିଚିତ। ଯିଏ ଅନ୍ତଃ ଚେତନାର ବିକାଶ କରାଇପାରିବ ସିଏ ପ୍ରକୃତ ଶିକ୍ଷକ। ନିଜକୁ ସବୁବେଳେ ଶିଶୁ ଭଳି ବଜାୟ ରଖ ବୋଲି କହିଥିଲେ। ସେହିପରି ବିଧାୟକ ପଟ୍ଟନାୟକ ୫ଟି ‘ନ’, ୫ଟି ‘ମ’ ଉପରେ ବାର୍ତ୍ତା ରଖିଥିଲେ। ନ’ରେ ନୀରୋଗ ରହିବ, ଯାହା କରିବ ନିଷ୍ଠାପର ଭାବେ କରିବ, ଅହଂକାର କରିବ ନାହିଁ, ଡରିବ ନାହିଁ, ନିଶାଠାରୁ ଦୂରରେ ରହିବ। ସେହିପରି ମ’ରେ ମା’ର ସମ୍ମାନ କରିବା, ମାଟିକୁ ଭୁଲିବା ନାହିଁ, ମାତୃଭାଷାକୁ ସମ୍ମାନ ଦେବା, ମୋବାଇଲ, ମଦଠାରୁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଅତିଥି ଖଟୁଆ ବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଭା ସଞ୍ଚାଳନ କରିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ତଥା କିଟ୍ କଲେଜର ପ୍ରଫେସର ଡ. ରବି ନାରାୟଣ ସୁବୁଦ୍ଧି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବ ଆରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ, ବେଦପାଠ କରାଯାଇଥିଲା। ଜାତୀୟ ସଙ୍ଗୀତ ଓ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବ ପାଳନ କମିଟି ପକ୍ଷରୁ ମୁଖ୍ୟ ଉପଦେଷ୍ଟା ଶଙ୍କର୍ଷଣ ମଙ୍ଗରାଜ, ଉପଦେଷ୍ଟା ବିଷ୍ଣୁ ମୋହନ ଛୋଟରାୟ, ସଭାପତି କେଳୁଚରଣ ସିଂହ, ଉପସଭାପତି ଉମାକାନ୍ତ ଶ୍ରୀଚନ୍ଦନ, ଚିଲିକା ତହସିଲଦାର ଦିଲୀପ ଷଡ଼ଙ୍ଗୀ, ବିଡିଓ ଜଗଦୀଶ ଷଡ଼ଙ୍ଗୀ, ଗୋଲଖ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତି ସ୍ମିତା ସାମନ୍ତସିଂହାର, ଜୟନ୍ତୀ ପାଇକରାୟଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ଥିଲେ।


ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅତିଥିଙ୍କ ଗହଣରେ ସମ୍ମାନିତ ଛାତ୍ରୀଛାତ୍ର।

## ଗୋଦାବରୀଶ ମହାବିଦ୍ୟାଳୟ: ମାଟ୍ରିକ୍ ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀଙ୍କ ପାଇଁ ହେବ ସ୍ୱତନ୍ତ୍ର କ୍ଲାସ୍

ବାଣପୁର,୨୨।୪(ଡି.ଏନ୍.ଏ.)

ଚଳିତ ଗ୍ରୀଷ୍ମଛୁଟି ସମୟରେ ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଜ୍ଞାନ, କଳା ଓ ବାଣିଜ୍ୟରେ ପଢ଼ିବା ପାଇଁ ବାଣପୁର ଅଞ୍ଚଳର ବିଭିନ୍ନ ହାଇସ୍କୁଲରୁ ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ପ୍ରତିଦିନ ସ୍ୱତନ୍ତ୍ର କ୍ଲାସ୍ କରାଯିବ। ଜଣେ ଛାତ୍ରୀ କିମ୍ବା ଛାତ୍ର ଗୋଟିଏ ବିଭାଗରେ କ୍ଲାସ୍ କରିପାରିବେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିନାୟକ ହୋତା, ସତ୍ୟାନନ୍ଦ ମହାରଣା, ରଘୁନାଥ ଓଝା, ସୁବ୍ରତ ତ୍ରିପାଠୀ, ଆଦିତ୍ୟ ସାରଥି ବେଦମତ୍ତା, ଅଜୟ କୁମାର ଦାସ, ସପିନ କୁମାର ପୃଷ୍ଟି, ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମା ପ୍ରମୁଖ ଅଧ୍ୟାପକମାନେ ଉକ୍ତ କ୍ଲାସ୍ ନେବେ। ତେଣୁ ଏଥିପାଇଁ ଇଚ୍ଛୁକ ଛାତ୍ରୀଛାତ୍ର ମେ’ ୧ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରାଇ ପାରିବେ। ପ୍ରଥମଥର ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ନିଆଯାଇଥିବା ଶିକ୍ଷା ସଂସ୍କାର ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।


ବୋଲଗଡ଼ ରଜପଡ଼ିଆରେ ଆୟୋଜିତ ଗ୍ରାମୀଣ କଳା ଉତ୍ସବର ତୃତୀୟ ଦିବସରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

**ଗ୍ରାମୀଣ କଳା ଉତ୍ସବର ତୃତୀୟ ସନ୍ଧ୍ୟା**

## ମନମୋହିଲା ଓଡ଼ିଶୀନୃତ୍ୟ

ବୋଲଗଡ଼, ୨୨।୪ (ଡି.ଏନ୍.ଏ.)

ବୋଲଗଡ଼ ରଜପଡ଼ିଆଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଗ୍ରାମୀଣ କଳା ଉତ୍ସବର ତୃତୀୟ ଦିବସରେ ଦର୍ଶକଙ୍କ ମନ ମୋହିଥିଲା ଭୁବନେଶ୍ୱର ନୃତ୍ୟାନୁଷ୍ଠାନ କଳାକାରଙ୍କ ଓଡ଼ିଶୀନୃତ୍ୟ। ପ୍ରତିଦିନ ଭଳି ଧୁଡୁକି, ପାଇକ ନୃତ୍ୟ, ମଡର୍ନ ଡ୍ୟାନ୍ସ, ଲଉଡ଼ି ଖେଳ, ସଂକୀର୍ତ୍ତନ ଆଦି ଗ୍ରାମୀଣ କଳା ପ୍ରଦର୍ଶିତ ହୋଇଥିଲା। ଆରାଧନା ପ୍ରିନ୍‌ସେସ୍ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଥାନା ନିରୀକ୍ଷକ ରଶ୍ମିରଞ୍ଜନ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୃଜନ ନୃତ୍ୟଗୁରୁ ସୁଜାତା ମହାପାତ୍ର, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ପ୍ରଧାନ ଶିକ୍ଷକ ଧ୍ରୁବାନନ୍ଦ ନାୟକ, ଫାସିଓଦା ସମିତିସଭ୍ୟ ପ୍ରଦୀପ ପ୍ରଧାନ, ବ୍ୟଙ୍ଗ କଥାକାର ବ୍ରଜବିହାରୀ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ ସ୍ୱାତିପ୍ରଜ୍ଞା ମହାରଣା, ସତ୍ୟନାରାୟଣ ମହାପାତ୍ର ଓ ପ୍ରଦୀପ କୁମାର ମହାପାତ୍ର, ନୃତ୍ୟ ଶିକ୍ଷକ ସାଧୁଚରଣ ଦାସ, ଧୁଡୁକି ଓ ଗାୟକରତ୍ନ ଗୋଲକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ରାଧାମୋହନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସତ୍ୟବାନ୍ ଦଳବେହେରା ଧନ୍ୟବାଦ ଦେଇଥିଲେ।


ବୋଲଗଡ଼ ରଜପଡ଼ିଆରେ ଆୟୋଜିତ ଗ୍ରାମୀଣ କଳା ଉତ୍ସବର ତୃତୀୟ ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

## ବଜ୍ରପାତରେ ଜଳିଗଲା ୬ ବାଇକ୍

ବାରଙ୍ଗ,୨୨।୪(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଅନ୍ଧାରୁଆ ତଳସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ବଜ୍ରପାତ ଯୋଗୁ ଏହି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୬ଟି ବାଇକ୍ ଜଳି ପାଉଁଶ ହୋଇଯାଇଛି। ଏହାସହ ଝିଅ ବାହାଘର ପାଇଁ ରଖାଯାଇଥିବା କିଛି କାଠ ଆସବାବପତ୍ର ଓ ଗୋଟିଏ ଖଟ ମଧ୍ୟ ପୋଡ଼ିଯାଇଛି। ଏତେବଡ଼ ଅଘଟଣ ଘଟିଥିବା ବେଳେ ସୌଭାଗ୍ୟବଶତଃ ପରିବାର ସଦସ୍ୟମାନେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ତଳସାହିରେ ବଜ୍ରପାତ ହୋଇଥିଲା। ଏହି ଗାଁର ସୁକାନ୍ତ ବଡ଼ଜେନାଙ୍କ ପରିବାର ଶୋଇଥିବାବେଳେ ତାଙ୍କ ବାଡିରେ ଥିବା ଗୁଆଗଛ ଉପରକୁ ବଜ୍ରପାତ ହୋଇଥିଲା। ଫଳରେ ବାଡିପାର୍ଶ୍ୱରେ ଥିବା ଘର ବାରଣ୍ଡା ଓ ଘରଭିତରକୁ ନିଆଁ ଲାଗିଯାଇଥିଲା। ଘରବାରଣ୍ଡାରେ ଥିବା ୪ଟି ବାଇକ୍, ଗୋଟିଏ ସ୍କୁଟି ଓ ଗୋଟିଏ ଇ-ବାଇକ୍‌ରେ ନିଆଁ ଲାଗି ଜଳିଯାଇଥିଲା। ଏପରିକି ନିଆଁ ବ୍ୟାପି ଯାଇ ନିକଟରେ ରଖାଯାଇଥିବା କିଛିକାଠ ଫର୍ନିଚର ଓ ଗୋଟିଏ ଖଟରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ନେଇ ପରିବାର ଲୋକ ଜାଣି ଉଠି ପାଟି କରିଥିଲେ। ପାଟିଶୁଣି ସାହି ପଡିଶାମାନେ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ୬ଟି ଗାଡି ସମେତ କିଛି କାଠ ଫର୍ନିଚର ଓ ଏକ ଖଟ ପୋଡି ଯାଇଥିଲା ।

## ଚିଲିକାରେ ଜଳିଗଲା ନଳଘାସ



ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୨।୪ (ଡି.ଏନ୍.ଏ.)

ଚିଲିକା କାଳୁପଡ଼ାଘାଟ ଜେଟି ନିକଟ ନଳଘାସରେ ଶନିବାର ନିଆଁ ଲାଗିଯାଇଥିଲା। ଏହି ସମୟରେ ପବନ ହେଉଥିବାରୁ ଉଗ୍ରରୂପ ଧାରଣକରି ନିଆଁ ଆଖପାଖ ନଳଘାସକୁ ବ୍ୟାପିଯାଇଥିଲା। ଏହା ଦେଖି ଚିଲିକାକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀ କୂଳକୁ ପଳାଇ ଆସିଥିଲେ। ଅନ୍ୟପଟେ ଉକ୍ତ ନଳଘାସରେ ରହୁଥିବା ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ମାଫିଆ ମାଛ ମାରିବାକୁ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

ଦୀର୍ଘବର୍ଷ ଧରି ଚିଲିକାରେ ନଳଘାସ ଏକର ଏକର ବ୍ୟାପୀ ମାଡ଼ିଗଲାଣି। ନଳଘାସ ଯୋଗୁ ଚିଲିକାର ସୌନ୍ଦର୍ଯ୍ୟକରଣ ମଧ୍ୟ ନଷ୍ଟ ହେଉଛି। ନଳବଣରେ ୩୦ରୁ ୪୦ ପ୍ରଜାତିର ଘରୋଇ ଏବଂ ବିଦେଶାଗତ ପକ୍ଷୀ ରହୁଛନ୍ତି। ନଳବଣ ସେମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇଥିବା ବେଳେ ନିଆଁ ଲାଗିବା ପକ୍ଷୀଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚିଲିକାର ସୁରକ୍ଷା ଦିଗରେ ସିଡିଏର ଅବହେଳାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗୋଟିଏପଟେ ପଟୁମାଟି ଏବଂ ଅନ୍ୟପଟେ ନଳଘାସ ବଢ଼ିବାରୁ ଚିଲିକା ସଙ୍କୁଚିତ ହେବାରେ ଲାଗିଛି। ଫଳରେ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବା ବେଳେ ପର୍ଯ୍ୟଟକମାନେ ମଧ୍ୟ ମୁହଁ ଫେରାଉଛନ୍ତି। ଚିଲିକାରୁ ପଟୁମାଟି ବାହାର କରିବା ସହ ଚିଲିକା ମଧ୍ୟଭାଗରେ ମାଡ଼ି ଚାଲିଥିବା ନଳଘାସ ସଫା ଲାଗି ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ମତ୍ସ୍ୟଜୀବୀମାନେ ମଧ୍ୟ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ହଂସପାଳ-ଅଭୟମୁଖୀ ରାସ୍ତା କାମ ତଦାରଖ କଲେ ବିଧାୟକ

ବାଲିପାଟଣା,୨୨।୪(ଡି.ଏନ୍.ଏ.)

ନାବାର୍ଡ ସହାୟତାରେ ଭୁବନେଶ୍ୱର ହଂସପାଳ ଛକଠାରୁ ବନମାଳିପୁର ଅଭୟମୁଖୀ ପର୍ଯ୍ୟନ୍ତ ଦୁଇଥାକିଆ ରାସ୍ତା ନିର୍ମାଣ ଘରୋଇ ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ଶେଷ ହୋଇପାରୁନି। ଏନେଇ ଦେଉଳିଧରପୁର ଗ୍ରାମବାସୀ ବିଧାୟକ ଡ. ଅରବିନ୍ଦ ଢାଲିଙ୍କୁ ଅଭିଯୋଗ କରିବା ପରେ ଶନିବାର ବିଧାୟକ ଉକ୍ତ ରାସ୍ତା ପରିଦର୍ଶନ କରିବା ସହ ତୁରନ୍ତ କାମ ଲାଗି ଘରୋଇ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲାପାଳଙ୍କୁ କହିଥିଲେ। ସୂଚନାଥାଉ କି, ଏହି ରାସ୍ତାର ଦେଉଳିଧରପୁର ନିକଟରେ ଘରୋଇ ଜାଗା ଥିବାରୁ ତଥା ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇ ନ ଥିବାରୁ କାମ ଅଟକି ରହିଛି। ବିଧାୟକଙ୍କ ଗସ୍ତ ସମୟରେ ବିମଳ ଦାସ, ପ୍ରମୋଦ ପ୍ରଧାନ, ବିଭୂତି ଭୂଷଣ ପାତ୍ର, ଅମିୟ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ରାଇଜିଂ ଇଗଲ ଫାଇଟର ବିଜୟୀ

ବୋଲଗଡ଼,୨୨।୪(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ରାଇଜିଂ ଇଗଲ ଫାଇଟର ଓ ଆର୍ମି ଇଲେଭେନ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଇଗଲ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୧୨୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଆର୍ମି ଇଲେଭେନ ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଅରୁଣ ସେନାପତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରଶ୍ମିରଞ୍ଜନ ମହାରଣା ଓ ଦେବରାଜ ଘଡ଼େଇ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କମିଟିର ଗୁଡ୍ଡୁ, ମଣ୍ଟୁ, ଶିବ, ଡବୁଲ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ବିଜୟୀ ଟିମ୍‌ର ଖେଳାଳିମାନେ।

# ଏକାଠି ନମାଜ ପଢ଼ିଲେ, ଶାନ୍ତିର ବାର୍ତ୍ତା ଦେଲେ


ଇଦ୍-ଉଲ୍-ଫିତର ଅବସରରେ ମୁସଲିମ୍ ଭାଇମାନେ ନମାଜ ପାଠ କରୁଛନ୍ତି।


ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଉଛନ୍ତି।

ଖୋର୍ଦ୍ଧା ଅଫିସ, ବୋଲଗଡ଼/ ଜଟଣୀ/ବେଗୁନିଆ/ ନିରାକାରପୁର, ୨୨।୪ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ମୁସ୍‌ଲିମ ସମ୍ପ୍ରଦାୟ ପକ୍ଷରୁ ଶନିବାର ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ମସଜିଦ୍ ଓ ଇଦ୍‌ଗାହରେ ନମାଜ ପାଠ ସହ ଭାଇଚାରା ଓ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରି ମୁସଲମାନ ଭାଇଭଉଣୀମାନେ ପରସ୍ପରକୁ ଇଦ୍ ମୁବାରକ ଜଣାଇଛନ୍ତି। ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଇଦ୍‌ଗା ପଡ଼ିଆ ଏବଂ ବିଭିନ୍ନ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରାଯାଇଥିଲା। ଖୋର୍ଦ୍ଧା ଉପକଣ୍ଠ ତୋଟାପଡ଼ା, କାଇପଦର, ଶରଧାପୁର, ତରତୁଆ, କେରଙ୍ଗ, କୁଶପଲ୍ଲା, ଗୟାବନ୍ଧ, ପଙ୍ଗାରସିଂହ, ଖଜୁରିଆ, ଟାଙ୍ଗୀ ସମେତ ବିଭିନ୍ନ ଅଞ୍ଚଳରେ ଇଦ୍ ପର୍ବ ଧୁମ୍‌ଧାମରେ ପାଳିତ ହୋଇଛି। କେତେଜଣ ମୁସ୍‌ଲିମ ଭାଇଭଉଣୀ ଗରିବ ଏବଂ ଅସହାୟଙ୍କୁ ବସ୍ତ୍ର ଓ ଖାଦ୍ୟ ପ୍ରଦାନ କରିଥିଲେ। ସେହିପରି ବୋଲଗଡ଼ ବ୍ଲକର ମାଣିକାଗୋଡ଼ା(ଦଳେଇସାହି), ଫାସିଓଦା (ଟାଙ୍ଗୀସାହି), ଅରଖପଲ୍ଲୀ, ଇଚ୍ଛାପୁର, ଚଡ଼ା, ହରିପୁର ପାଟଣା, କେନ୍ଦୁପଲ୍ଲୀ, କାଉଁରି ପାଟଣା, ଜାମୁସାହି, ଦକ୍ଷିଣ ପାରିଖିତା, କଡ଼ବ ଆଦି ଗ୍ରାମରେ ଥିବା ମସ୍‌ଜିଦ୍‌ଗୁଡିକୁ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଜେଡି ନେତା ବୁଟୁ କୈଳାସ ପାତ୍ର, ପ୍ରଦୀପ ସାହୁ, ପ୍ରଫୁଲ୍ଲ ପ୍ରଧାନ, ଏଏପି ନେତା କଳ୍ପତରୁ ପଣ୍ଡା, କଂଗ୍ରେସ ଯୁବନେତା ରାଜୀବ ପଟ୍ଟନାୟକ ପ୍ରମୁଖ ମୁସଲମାନ ଭାଇଭଉଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜଟଣୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ଏହି ପର୍ବ ପାଳିତ ହୋଇଯାଇଛି। ତରାବୋଇ, ରଥିପୁର ଓ ବେଣାପଞ୍ଜରୀ ଗ୍ରାମରେ ନମାଜ ପାଠ ଇଦ୍‌ଗାହ ପଡ଼ିଆରେ ଆୟୋଜନ ହୋଇଥିବା ବେଳେ ଜଟଣୀ ପୋଷ୍ଟଅଫିସ ଛକସ୍ଥିତ ବଡ଼ ମସ୍‌ଜିଦ, ବାଛରା ପାଟଣାସ୍ଥିତ ମସ୍‌ଜିଦ-ଏ-ନୁର, ରେଡଙ୍ଗ କଲୋନିସ୍ଥିତ ମସ୍‌ଜିଦ-ଏ-ହବିବି, ମଦିନା ମସ୍‌ଜିଦ ଓ ଅନ୍ୟ ମସ୍‌ଜିଦ୍‌ଗୁଡିକରେ ଏହି ପର୍ବ ପାଳିତ ହୋଇଥିଲା। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ସନ୍ତୋଷ ଜେନା ପ୍ରମୁଖ ମୁସଲମାନ ଭାଇମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ମସଜିଦରେ ଇଦ୍ ପର୍ବ ପାଳିତ ହୋଇଯାଇଛି। କୁଶପଲ୍ଲା, ରାଉତପଡା, ସିକୋ, ସର୍ଦ୍ଦାପୁର, ପଙ୍ଗାରସିଂହ ଆଦି ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ କରିବା ସହ ସଭାସମିତିର ଆୟୋଜନ ହୋଇଥିଲା। ସେହିପରି ଜନପ୍ରତିନିଧି, ନେତା ଓ ସଙ୍ଗଠନର ସଦସ୍ୟମାନେ ବିଭିନ୍ନ ମସ୍‌ଜିଦ ଯାଇ ମୁସ୍‌ଲିମ ଭାଇଭଉଣୀଙ୍କୁ ଭେଟି ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ନିରାକାରପୁର ଅଞ୍ଚଳରେ ମଧ୍ୟ ଇଦ୍ ପର୍ବ ପାଳିତ ହୋଇଯାଇଛି। ଖଜୁରିପଡ଼ା, ଛଣଗିରି, ଗୟାବନ୍ଧ, କୁସୁମୀ ରାଉତପଡ଼ା ଅଞ୍ଚଳରେ ଥିବା ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ଏଥିସହ ସମସ୍ତେ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ଆଲୋକମାଳାରେ ମସ୍‌ଜିଦ୍‌ଗୁଡ଼ିକୁ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଏପ୍ରିଲ, ୨୦୨୩

**ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ**

ପୁରୀ ଅଫିସ- ପୁରୀ ସଦର ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗରସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମମତା ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜଗତାନନ୍ଦ ମିଶ୍ର ଯୋଗଦେଇଥିଲେ। ଏହି ଉତ୍ସବରେ ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ବାର୍ଷିକ ବିବରଣୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ସ୍ୱାଇଁ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୪।୨୦୨୩

| | |
|---|---|
| ୫,୩୩,୯୨୮ ଟଙ୍କା | |
| ସୁନା | ୨୦ ଗ୍ରାମ୍ |
| ରୁପା | ୧୭.୮୦୦ ଗ୍ରାମ୍ |

# ଆଜିଠୁ ବାହାର ଚନ୍ଦନ ଯାତ୍ରା ଆରମ୍ଭ

■ ଚନ୍ଦନ ଅଧିବାସ ନୀତି ସମ୍ପନ୍ନ
■ ରଥକାର୍ଯ୍ୟ ଅନୁକୂଳ ହେବ

ପୁରୀ ଅଫିସ,୨୨।୪

ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ରବିବାର ଅବସରରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ମହାପ୍ରଭୁଙ୍କ ପ୍ରମୁଖ ଦ୍ୱାଦଶ ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ। ଚନ୍ଦନଯାତ୍ରାକୁ ମୁଖ୍ୟତଃ ବାହାର ଚନ୍ଦନଯାତ୍ରା ଏବଂ ଭିତର ଚନ୍ଦନଯାତ୍ରା ଭାବେ ବିବେଚନା କରାଯାଇଥାଏ। ବାହାର ଚନ୍ଦନଯାତ୍ରା ୨୧ଦିନ ବ୍ୟାପୀ ନରେନ୍ଦ୍ର ପୁଷ୍କରିଣୀରେ ହେବାକୁ ଥିବାବେଳେ ଏଥିପାଇଁ ବିଶେଷ ନୀତି ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ଚନ୍ଦନ ଅଧିବାସ କରାଯାଇଛି। ଚନ୍ଦନ କାଠ, କର୍ପୂର, କେଶର, ଜାଇଫଳ, ଚୁଆ ଆଦି ସୁଗନ୍ଧିତ ଦ୍ରବ୍ୟକୁ ମିଶାଇ ଘଚୁଆରୀ ସେବାୟତମାନେ ଲେପ ପ୍ରସ୍ତୁତ କରି ଚନ୍ଦନ ଘରେ ରଖିଥିଲେ। ପରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ସମ୍ପନ୍ନ ହେବା ପରେ ଭୋଗମଣ୍ଡପ ପରେ ଧୋ–ପଖାଳ କରାଯାଇ ଉକ୍ତ ଚନ୍ଦନ ଲେପକୁ ରଖାଯାଇଥିଲା। ପରେ ପୂଜାପଣ୍ଡା ସେବକଙ୍କ ଦ୍ୱାରା ଚନ୍ଦନ ଅଧିବାସ ହୋଇଥିଲା।

ବିଶେଷ ନୀତି ଅନୁସାରେ ଶ୍ରୀମନ୍ଦିର ଦ୍ୱାର ଖୋଲି ଭିତର ଶୋଧ କରାଯାଇଥିଲା। ପରେ ବିଭିନ୍ନ ନୀତି ବଢି ସକାଳଧୂପ ପରେ ପାଣି ପଡି ମହାପ୍ରଭୁଙ୍କ ମଇଲମ ହୋଇ ଯାତ୍ରାଙ୍ଗୀ ମହାସ୍ନାନ ହେବେ। ସେହିପରି ଶନିବାର ରାତିରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ଚନ୍ଦନ ପିଙ୍ଗଣଙ୍କୁ ମୁଦିରସ୍ତ, ପୂଜାପଣ୍ଡା, ପତିମହାପାତ୍ର ଏବଂ ତିନିଜଣ ପୁଷ୍ପାଳକ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଭିତର ବେଢା ପରେ ରତ୍ନସିଂହାସନରେ ସାଢେ ତିନିଘେରା ପରିକ୍ରମା କରାଇବେ। ଏହିପରି ସାତଘେରା ପରିକ୍ରମା କରିବା ପରେ ମହାପ୍ରଭୁଙ୍କ ନିକଟରେ ଖଇକୋରା ଭୋଗ କରାଯିବ। ପରେ ମୁଦିରସ୍ତ, ପୂଜାପଣ୍ଡା ଏବଂ ପତିମହାପାତ୍ର ଏବଂ ତିନିଜଣ ପାଳିଆ ପୁଷ୍ପାଳକ ସିଂହାସନ ଉପରକୁ ଉଠି ଶ୍ରୀବିଗ୍ରହଙ୍କ ସର୍ବାଙ୍ଗ ନୀତି ସମ୍ପନ୍ନ କରିବେ। ପରେ ମହାପ୍ରଭୁଙ୍କୁ ଅଳକା, ଚଉସରା ଲାଗି ହେବା ସହ ବେଶ ବଢିବ। ପରେ ମୁଦିରସ୍ତ ପ୍ରସାଦ ଲାଗି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ସମ୍ପନ୍ନ ହେଲା ପାଣି ପଡି ବନ୍ଦାପନା ହେବ। ପରେ ତିନିଜଣ ପୂଜାପଣ୍ଡା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ଶ୍ରୀରାମ କୃଷ୍ଣ, ଶ୍ରୀ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ପ୍ରଦାନ କରିବେ। ମହାଜନ ସେବକଙ୍କ ହସ୍ତରେ ଶ୍ରୀରାମକୃଷ୍ଣ ପାଲିଙ୍କିକୁ ବିଜେ କରିଥିବା ବେଳେ ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ମଣିବିମାନକୁ ବିଜେ କରିବେ। ପରେ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତମାନେ ଠାକୁରଙ୍କୁ ଚନ୍ଦନଯାତ୍ରା ନିମନ୍ତେ ବିଜେ କରିବେ।

ଅପରପକ୍ଷେ ତିନିଜଣ ପୂଜାପଣ୍ଡା ରଥକାର୍ଯ୍ୟ ଅନୁକୂଳ ପାଇଁ ଶ୍ରୀବିଗ୍ରହଙ୍କଠାରୁ ୩ଟି ଆଜ୍ଞାମାଳ ଆଣି ଠାକୁରଙ୍କ ଆଗରେ ଯାତ୍ରା କରିବେ। ଏହାପୂର୍ବରୁ ରଥ ନିର୍ମାଣ ନିମନ୍ତେ ଦୁଇଜଣ ଦେଉଳ ପୁରୋହିତ ଓ ୧୧ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯୋଗ ପଦ୍ଧତିରେ ରଥଖଳା ନିକଟରେ ହୋମ କରାଯିବ। ଶ୍ରୀ ନହର ସମ୍ମୁଖ ରଥଖଳା ସମ୍ମୁଖରେ ଥିବା ୩ଖଣ୍ଡ ଧଉରା କାଠ ରଖାଯାଇଥାଏ। ଶ୍ରୀରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ରାଜନହରସ୍ଥିତ ରଥଖଳାରେ ପହଞ୍ଚିବା ପରେ ୩ଟି ରଥକାଠରେ ଆଜ୍ଞାମାଳ ଦିଆଯିବ। ପରେ ଛତିଶାନିଯୋଗ ନାୟକ ମହାପ୍ରଭୁଙ୍କ ପାଟକନା ଦେଉଳକରଣଙ୍କୁ ଦେବେ। ଦେଉଳକରଣ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ସେବକମାନଙ୍କୁ ଶାଢି ବନ୍ଧାଯିବ। ପରେ ସୁବର୍ଣ୍ଣ କୁରାଢ଼ି ସ୍ପର୍ଶ ପରେ ବିଶ୍ୱକର୍ମା ମହାରଣାମାନେ ଲୁହା କୁରାଢିରେ ରଥ ନିର୍ମାଣ ଅନୁକୂଳ କରିବେ। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରି ପ୍ରସ୍ତୁତ ନନ୍ଦା ଓ ଭଦ୍ରା ଚାପରେ ବିଜେ କରି ଜଳକ୍ରୀଡ଼ା କରିବେ। ଅପରପକ୍ଷେ ଚାଷୀମାନେ ଏହି ଦିନରେ ଅକ୍ଷିମୁଠି ଅନୁକୂଳ କରିବେ। ସେହିପରି ଅକ୍ଷୟତୃତୀୟାରେ ଶ୍ରୀକ୍ଷେତ୍ରର ଘରେ ଘରେ ଘଡି ପଥୁଲି ପୂଜା ହେବ। ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା ନୀତି ପାଇଁ ସମସ୍ତ ପ୍ରକ୍ରିୟା ସରିଛି। ସେହିପରି ରଥକାଠ ଅନୁକୂଳ ପରମ୍ପରା ଅନୁଯାୟୀ, ଶ୍ରୀନଅରସ୍ଥ ସମ୍ମୁଖ ରଥଖଳାରେ ୩ଟି ୧୨ଫୁଟିଆ ଧଉରା କାଠକୁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ପରିସରରେ ରଖାଯାଇଛି। ରଥଖଳାର ରାସ୍ତାଗୁଡିକୁ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି। ଅନ୍ୟପଟେ ନରେନ୍ଦ୍ର ପୁଷ୍କରିଣୀର ନନ୍ଦା, ଭଦ୍ରା ଡଙ୍ଗାର ନିର୍ମାଣ କାର୍ଯ୍ୟ ସରିଛି।



ମହାପ୍ରଭୁଙ୍କ ରୁପା ସିଂହାସନକୁ ବୋଝିଆ ସେବକମାନେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦଭଦ୍ରା ଚାପରେ ଲଗାଇବା ପାଇଁ ନେଉଛନ୍ତି ।

## ଅକ୍ଷୟତୃତୀୟାର ନୀତି ନିର୍ଘଣ୍ଟ

ପୁରୀ ଅଫିସ,୨୨।୪ - ରବିବାର ଅକ୍ଷୟ ତୃତୀୟା ପଡୁଥିବାରୁ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ଆରମ୍ଭ ହେବ। ସେହିପରି ଶ୍ରୀନହରସ୍ଥିତ ରଥଖଳାରେ ରଥ ନିର୍ମାଣ ଅନୁକୂଳ କରାଯିବ। ତେବେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ସହ ରଥ ଅନୁକୂଳ କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଛତିଶା ନିଯୋଗରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ନୀତି ନିର୍ଘଣ୍ଟ ଅନୁଯାୟୀ ରବିବାର ଶ୍ରୀମନ୍ଦିର ଦ୍ୱାର ଫିଟା ଯିବ ପ୍ରାତଃ ୩ଟା ହୋଇ ଭିତର ଶୋଧ- ପ୍ରାତଃ ୩.୩୦, ମଙ୍ଗଳ ଆଳତି ପ୍ରାତଃ ୪.୦୦ଟା, ମଇଲମ ଓ ତଡ଼ପ ଲାଗି ପ୍ରାତଃ ୪.୩୦, ଅବକାଶ ପ୍ରାତଃ ୫.୩୦, ରୋଷହୋମ ସକାଳ ୬.୦୦ଟା, ସୂର୍ଯ୍ୟ ପୂଜା ସକାଳ ୬.୧୫, ଦ୍ୱାରପାଳ ପୂଜା ସକାଳ ୬.୩୦, ବେଶଶେଷ ସକାଳ ୬.୩୦, ଗୋପାଳ ବଲ୍ଲଭ ଶେଷ ସକାଳ ୭.୦୦ଟା, ସକାଳ ଧୂପ ସକାଳ ୭.୩୦ରୁ ୯.୦୦ଟା, ମଇଲମ ଓ ଯାତ୍ରାଙ୍ଗୀ ମହାସ୍ନାନ ସକାଳ ୧୦.୦୦ଟା, ଚନ୍ଦନ ବେଢ଼ା- ସକାଳ ୧୦.୪୦ଟା, ଖଇକୋରା ଭୋଗ ସକାଳ ୧୧.୩୦, ସର୍ବାଙ୍ଗ- ୧୨.୦୦ଟା, ବେଶ ଶେଷ- ୧.୦୦ ଟା, ଦକ୍ଷିଣୀଘର ଭୋଗ ଶେଷ ୧.୦୦ଟା, ଘଣ୍ଟ ଛତା ଯାତ ଭୋଗ ଓ ମଧ୍ୟାହ୍ନ ଧୂପ ୧.୦୦ରୁ ୨.୩୦ଟା, ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା ୩.୦୦ଟା, ଜୟବିଜୟ ଦ୍ୱାରେ ଭୋଗ ବନ୍ଦାପନା ୩.୧୫, ବିମାନକୁ ଦିଅଁ ବିଜେ ୩.୩୦, ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବା ୪.୦୦ଟା, ଭୋଗ ମଣ୍ଡପ ୪.୧୦ରୁ ୪.୩୦, ମଇଲମ ଓ ବେଶ ସନ୍ଧ୍ୟା ୫.୦୦ରୁ ସନ୍ଧ୍ୟା ୫.୪୫, ସନ୍ଧ୍ୟା ଆଳତି ସନ୍ଧ୍ୟା ୬.୦୦ଟା, ସନ୍ଧ୍ୟା ଧୂପ ସନ୍ଧ୍ୟା ୬.୩୦ରୁ ୮.୦୦ଟା, ମଇଲମ ସନ୍ଧ୍ୟା ୮.୩୦ ଆଲଟଲାଗି - ରାତ୍ର ୯.୧୫, ପଣା ଭୋଗ ରାତ୍ର ଘ.୧୦.୦୦ଟା, ଚନ୍ଦନ ଠାକୁର ବାହୁଡା ବିଜେ ରାତ୍ର ୧୦.୦୦ଟା, ମଇଲମ ଓ ଚନ୍ଦନ ଲାଗି ରାତ୍ର ୧୦.୩୦, ବଡସିଂହାର ବେଶ ରାତ୍ର ୧୧.୩୦, ବଡସିଂହାର ଭୋଗ ରାତ୍ର ୧୨.୦୦ଟା ଏବଂ ରାତ୍ର ପହୁଡ ରାତ୍ର ୧୨.୩୦ ରେ ସମ୍ପନ୍ନ ନିମନ୍ତେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଚନ୍ଦ୍ରଭାଗାରେ ଛଡ଼ାଗଲା ୩୯୦ ଅଲିଭ ରିଡ୍‌ଲେ ଛୁଆ



କୋଣାର୍କ,୨୨।୪(ଡି.ଏନ୍.ଏ.)

**ଚଳିତବର୍ଷ ମୋଟ ୧୧୯୮ ଅଣ୍ଡା ସଂଗ୍ରହ**

କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଚନ୍ଦ୍ରଭାଗା ଅସ୍ଥାୟୀ କଇଁଛ ସୁରକ୍ଷା ପ୍ରଜନନକେନ୍ଦ୍ରରୁ ଶନିବାର ୩୯୦ ଅଲିଭ ରିଡଲେ କଇଁଛ ଛୁଆଙ୍କୁ ସମୁଦ୍ରକୁ ଛଡ଼ାଯାଇଛି। ପ୍ରଜନନକେନ୍ଦ୍ରରେ ରଖାଯାଇଥିବା ଅଣ୍ଡାଗୁଡ଼ିକରୁ ଛୁଆ ଫୁଟିବା ମାତ୍ରେ ଦାୟିତ୍ୱରେ ଥିବା ବନରକ୍ଷୀ ଛୁଆଙ୍କୁ ନେଇ ସମୁଦ୍ରରେ ଛାଡିଥିଲେ। ନବଜାତ କଇଁଛ ଛୁଆ ବେଳାଭୂମିରୁ ଧୀରେ ଧୀରେ ସମୁଦ୍ରକୁ ଯିବାର ଦୃଶ୍ୟ ବେଶ ମନଲୋଭା ଥିଲା। ଏପ୍ରିଲ ୨୨ତାରିଖ ପର୍ଯ୍ୟନ୍ତ କୋଣାର୍କ ରେଞ୍ଜ ଅଧୀନ କଇଁଅରପୁର, ଚନ୍ଦ୍ରଭାଗା, ଦଶଧାଡ଼ିଆ ଓ ରାମଚଣ୍ଡୀ ଅସ୍ଥାୟୀ କଇଁଛ ସୁରକ୍ଷା ଓ ପ୍ରଜନନକେନ୍ଦ୍ରରେ ୧୦୩ ବସାରେ ୧୧୯୮ ଅଣ୍ଡା ସଂଗ୍ରହ କରି ସତର୍କତାର ସହିତ ବାଲିରେ ପୋତାଯାଇଥିଲା। ପ୍ରାୟ ୪୫ରୁ ୫୦ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ୩୬ ବସାରୁ ୪୧୮୭ ଅଣ୍ଡାରୁ ୩୨୪୭ ଛୁଆ ଫୁଟିଥିଲା। ଛୁଆଙ୍କୁ ପର୍ଯ୍ୟାୟକ୍ରମେ ଶନିବାର ବିଭିନ୍ନ ସ୍ଥାନରେ ଛଡ଼ାଯାଇଛି। ଅଲିଭ ରିଡଲେଙ୍କ ଅଣ୍ଡାକୁ ବିଲୁଆ କୁକୁରଠାରୁ ରକ୍ଷା କରିବା ପାଇଁ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଛୁଆ ଫୁଟିବା ମାତ୍ରେ ଦାୟିତ୍ୱରେ ଥିବା କର୍ମଚାରୀ ଛୁଆଙ୍କୁ ସମୁଦ୍ରରେ ଛାଡୁଛନ୍ତି। ଏହି ପ୍ରଜନନକେନ୍ଦ୍ରରୁ ପର୍ଯ୍ୟାୟକ୍ରମେ ଅଲିଭ ରିଡ଼ଲେ ଛୁଆଙ୍କୁ ସୁରକ୍ଷିତ ଭାବେ ସମୁଦ୍ରକୁ ଛଡ଼ାଯିବ ବୋଲି ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି।

## ଅଗ୍ନିକାଣ୍ଡରେ ୩ ବଖରା ପୋଡ଼ି ପାଉଁଶ

କୋଣାର୍କ,୨୨।୪(ଡି.ଏନ୍.ଏ.)



କୋଣାର୍କ ଥାନା କାଦୁଆ ନୂଆଗାଁ ପଞ୍ଚାୟତ ଉପୁଳା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ କୈଳାସ ପାତ୍ରଙ୍କ ୩ ବଖରା ଚାଳଘର ଜଳି ପାଉଁଶ ହୋଇଛି। ଏଥିସହ ଲକ୍ଷାଧିକ ଟଙ୍କା ଆସବାବପତ୍ର ନଷ୍ଟ ହେବା ସହ ୩୦ ବସ୍ତା ଧାନ ଓ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ପାତ୍ରଙ୍କ ଘରେ ଧାନ ଉଁସା ହେଉଥିବାବେଳେ ଚୁଲିରୁ ନିଆଁ ବ୍ୟାପି ଚାଳରେ ଲାଗିଥିଲା। ଚମ୍ପାହର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାକଟପୁର ବିଧାୟକ ତଥା ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଶନିବାର ପୂର୍ବାହ୍ନରେ ସେଠାରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କାକଟପୁର ତହସିଲ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସ୍ଥାନ ନିରୀକ୍ଷଣ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ କ୍ଷତିପୂରଣ ସହ ଆବାସ ଗୃହ ଯୋଗାଇ ଦେବାକୁ ସାମାଜିକ କର୍ମୀ କୈଳାଶ ଲେଙ୍କା ଦାବି କରିଛନ୍ତି।

## ଜମିବାଡ଼ିକୁ କେନ୍ଦ୍ର କରି ଦିବ୍ୟାଙ୍ଗ ଦାଦାଙ୍କୁ ହତ୍ୟା

**ପୁତୁରା, ପୁତୁରାବୋହୂ ଅଟକ**

ଡେଲାଙ୍ଗ,୨୨।୪(ଡି.ଏନ୍.ଏ.)

ଜମିବାଡ଼ିକୁ କେନ୍ଦ୍ର କରି ଜଣେ ଦିବ୍ୟାଙ୍ଗ ଦାଦାଙ୍କୁ ବଡ ଭାଇ, ପୁତୁରା ଓ ପୁତୁରା ବୋହୂ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଥିବା ନେଇ ଡେଲାଙ୍ଗ ଥାନାରେ ଶନିବାର ଅଭିଯୋଗ ହୋଇଛି। ମୃତ ହେଲେ ଉକ୍ତ ଥାନା ଅନ୍ତର୍ଗତ ହୁମର ଗ୍ରାମର ତଳସାହିର ପ୍ରହଲ୍ଲାଦ ପରିଡା(୬୨)। ତେବେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୧୮/୨୩) ରୁଜୁ କରି ମୃତକଙ୍କ ପୁତୁରା, ପୁତୁରା ବୋହୂଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ବଡ଼ ଭାଇ ଫେରାର ହୋଇଯାଇଥିବା ଥାନାଧିକାରୀ ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏପରିକି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ମୁତାବକ, ଦିବ୍ୟାଙ୍ଗ ପ୍ରହଲ୍ଲାଦ ଓ ତାଙ୍କ ବଡ଼ଭାଇ ଗୋଟିଏ ଘରେ ରହୁଥିବା ବେଳେ ପୂର୍ବରୁ ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ପ୍ରହଲ୍ଲାଦଙ୍କ ଏକମାତ୍ର ଝିଅ ମନୋରମା ୨ବର୍ଷ ତଳେ ବ୍ରହ୍ମଗିରି ଅଞ୍ଚଳରେ ବିବାହ କରିଥିବାବେଳେ ହୁମର ଗ୍ରାମରେ ମେଳଣ ଚାଲିଥିବାବେଳେ ୪ଦିନ ତଳେ ମେଳଣ ଦେଖିବାକୁ ବାପଘରକୁ ଆସିଥିଲେ। ହେଲେ ଶୁକ୍ରବାର ରାତି ୧୦ଟାରେ ପ୍ରହଲ୍ଲାଦ ଘରେ ଖାଉଥିବା ବେଳେ ପୁଣି ଜମିବାଡ଼ି କଥାକୁ ନେଇ ବଡ଼ଭାଇଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ନେବାରୁ ବଡ଼ଭାଇଙ୍କ ସମେତ ପୁତୁରା, ପୁତୁରା ବୋହୂ ମିଶି ମାଡ଼ ମାରିବା ସହ ତଣ୍ଟି ଚିପି ଦେଇଥିଲେ। ଏହାକୁ ଝିଅ ମନୋରମା ବିରୋଧ କରିଥିଲେ ମଧ କେହି ଶୁଣି ନ ଥିଲେ। ଫଳରେ ପ୍ରହଲ୍ଲାଦ ଘଟଣାସ୍ଥଳରେ ଅଚେତ ହୋଇଯିବାରୁ ଝିଅ ଓ ପଡ଼ୋଶୀ ଆସି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପ୍ରହଲ୍ଲାଦଙ୍କ ଝିଅ ମନୋରମା ଦାଦା, ତାଙ୍କ ପୁଅ ଓ ସ୍ତ୍ରୀ ମିଶି ବାପାଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ସ୍ମୃତି ମନେପକାଇଲେ ଛାତ୍ରୀଛାତ୍ର

ପୁରୀ ଅଫିସ,୨୨।୪

ଓଡ଼ିଶା ଫରେଷ୍ଟ ରେଞ୍ଜର କଲେଜ, ଅନୁଗୋଳଠାରେ ୧୯୭୯ ମସିହାରେ ସ୍ଥାପନ ହୋଇଥିବାବେଳେ କଲେଜର ପ୍ରଥମ ବର୍ଷର ତାଲିମ ଛାତ୍ରଙ୍କ ବନ୍ଧୁମିଳନ ଶନିବାର ପୁରୀଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା, ଛତିଶଗଡ଼, ମଧ୍ୟ ପ୍ରଦେଶରୁ ୧୭ ଜଣ ବନ ଅଧିକାରୀ ଓ ତାଙ୍କ ପରିବାର ଉପସ୍ଥିତ ଥିଲେ। ତାଲିମ ପରେ ବନ ବିଭାଗରେ ଚାକିରି କରି ବର୍ତ୍ତମାନ ସମୟରେ ସେବାରୁ ନିବୃତ ହେବା ନେଇ ତାଙ୍କ ସମସ୍ତ ସ୍ମୃତି ବଖାଣିଥିଲେ। ସେହିପରି ଭାରତ ସରକାର, ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିଶଦ ଆଲୋଚନା କରିଥିଲେ।

## ୫-ଟି ସଚିବଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ପୁରୀ ଅଫିସ ୨୨।୪

୫–ଟି ସଚିବ ଭି.କେ.ପାଣ୍ଡିଆନ ଶନିବାର ସନ୍ଧ୍ୟାରେ ପୁରୀ ଆସି ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଶ୍ରୀମନ୍ଦିର ପରିସରରେ ଚାଲିଥିବା ପରିକ୍ରମା ମାର୍ଗ କାର୍ଯ୍ୟ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତେବେ ଅକ୍ଷୟ ତୃତୀୟା ଥିବାରୁ ରାସ୍ତା କାମ ସରି ନ ଥିବାରୁ ଅଧିକାରୀମାନଙ୍କ ସହ ଏନେଇ ଆଲୋଚନା କରିଥିଲେ। ତେବେ ରଥ ପୂର୍ବରୁ ପରିକ୍ରମା ମାର୍ଗ କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ୫–ଟି ସଚିବ ଅଧିକାରୀମାନଙ୍କୁ କହିଥିବା ଜଣାପଡିଛି। ସମୀକ୍ଷା ସମୟରେ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଅଭିଭାବକ-ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ



ପିପିଲିର ଏକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କ ଚାଲିଥିବା ବୈଠକ ।

ପିପିଲି,୨୨।୪(ଡି.ଏନ୍.ଏ.)

ସରକାରଙ୍କ ନିର୍ଦ୍ଦେଶାନୁସାରେ ପିପିଲି ବ୍ଲକ ଗୋବିନ୍ଦପୁର କ୍ଲଷ୍ଟରର ଗୋବିନ୍ଦପୁର ହାଇସ୍କୁଲ, ଆରୁହା ୟୁଜିୟୁପି, ଗୋବିନ୍ଦପୁର ନୋଡାଲ ୟୁପି, ବାଲୁଙ୍କେଶ୍ୱର ୟୁପି, ତଳଉ ପ୍ରାଥମିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠ, ନୀଳକଣ୍ଠ ନୋଡାଲ ୟୁପି, କୁଞ୍ଜର ପ୍ରାଥମିକ ବିଦ୍ୟାଳୟ, ଶିଉଳା ପ୍ରାଥମିକ ବିଦ୍ୟାଳୟ, କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟ, ହରିଅନ୍ତା ପିୟୁପି, ଅଡ଼ଙ୍ଗପଡ଼ା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୨୦୨୩– ୨୪ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ– ଶିକ୍ଷୟିତ୍ରୀଶିକ୍ଷକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ମୋଟ ୯୬୮ ଅଭିଭାବକଙ୍କ ମଧ୍ୟରୁ ୨୬୦ ପୁରୁଷ ଏବଂ ୨୬୨ ମହିଳା ବୈଠକରେ ସାମିଲ ହୋଇଥିଲେ। ବୈଠକରେ ବିଦ୍ୟାଳୟଗୁଡ଼ିକର ବୌଦ୍ଧିକ ଏବଂ ସହବୌଦ୍ଧିକ ସମ୍ପର୍କରେ ମୋଟ ୧୩ଟି ଏଜେଣ୍ଡା ନେଇ ଆଲୋଚନା ହୋଇଥିଲା। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ହୋମ୍‌ୱାର୍କ ସରକାରଙ୍କ ଦାରା ସ୍ଥିରୀକୃତ ସିଲାବସ୍ ହ୍ୱାଟ୍ସଆପ୍ ମାଧ୍ୟମରେ ପଢ଼ାଯିବ ଏବଂ ଶିକ୍ଷୟିତ୍ରୀଶିକ୍ଷକ ପିଲାଙ୍କୁ ଗାଇଡ୍ କରିବେ। ଏହା ବ୍ୟତୀତ ବୈଠକରେ ଶୈକ୍ଷିକ କ୍ୟାଲେଣ୍ଡର, ମାଗଣା ପାଠ୍ୟପୁସ୍ତକ ଯୋଗାଣ, ପ୍ରବେଶ ଉତ୍ସବ, ଅଂଶୁଘାତ ପ୍ରତି ସାବଧାନ, ଅଭିଭାବକଙ୍କ ପାଇଁ ସାଇବର ସଚେତନତା ଆଦି ଆଲୋଚନା ହୋଇଥିଲା। ଏ ସମସ୍ତ ବିଦ୍ୟାଳୟର ବୈଠକଗୁଡ଼ିକୁ କ୍ଲଷ୍ଟରର ସିଆର୍‌ସିସି ଚିନ୍ତାମଣି ଓଝା ତଦାରଖ କରିଥିଲେ।

# ଶହୀଦ ଦେବାଶିଷ ଅମର ରହେ

ପୁରୀ ଅଫିସ/ସାକ୍ଷୀଗୋପାଳ
(ସ୍ୱ.ପ୍ର./ଡି.ଏନ୍.ଏ.) ୨୨।୪

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ଗ୍ରାମ ଖଣ୍ଡାୟତ ସାହିର ଗର୍ବ ବୀର ଶହୀଦ ଦେବାଶିଷ ବିଶ୍ୱାଳ ବା ସାହିତ୍ୟଙ୍କ ପାର୍ଥିବ ଶରୀର ଗାଁ ଶ୍ମଶାନରେ ପଞ୍ଚଭୂତରେ ବିଲୀନ ହୋଇଯାଇଛି। ଭାରତୀୟ ସେନା ଓ ଓଡ଼ିଶା ପୋଲିସ ପକ୍ଷରୁ ଶହୀଦ ଦେବାଶିଷଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ସମୟରେ ଶହୀଦ ଦେବାଶିଷ ଅମର ରହେ ସ୍ଲୋଗାନରେ ଗାଁ ପ୍ରକମ୍ପିତ ହୋଇଉଠିଥିଲା। ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ବୁଦ୍ଧିଜୀବୀ, ସ୍ଥାନୀୟବାସିନ୍ଦା ଉପସ୍ଥିତ ରହି ଶହୀଦ ଦେବାଶିଷଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ।

**ଲୁହରେ ବିଦାୟ ଦେଲେ ଗ୍ରାମବାସୀ**

ଶହୀଦ ଦେବାଶିଷ ବିଶ୍ୱାଳଙ୍କ ପାର୍ଥିବ ଶରୀର ଜନ୍ମମାଟିରେ ପହଞ୍ଚିବା ପରେ ଗାଁ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଯାଇଥିଲା। ଗାଁ ଭିତରକୁ ଶହୀଦ ଦେବାଶିଷଙ୍କ ପାର୍ଥିବ ଶରୀର ପଶିଥିଲା, ସେ ସମୟରେ ଗାଁର ପିଲାଠାରୁ ବୁଢା ସମସ୍ତଙ୍କ ଆଖିରେ ଲୁହ ଝରିଥିଲା। କାନ୍ଦ ବୋବାଳିରେ ଫାଟିପଡୁଥିଲା ଖଣ୍ଡାୟତ ସାହି । ଦେବାଶିଷଙ୍କ ଶହୀଦ ହେବା କଥା ଏବେ ବି ବିଶ୍ୱାସ କରିପାରୁ ନାହାନ୍ତି ଖଣ୍ଡାୟତ ସାହିର ବାସିନ୍ଦା। ଚାଉଳ ଓ ଫୁଲ ପକାଇ ବିଦାୟ ଦେଲେ ତାଙ୍କର ବୀର ଗାଁ ପୁଅକୁ ।



ଅହମ୍ମଦପୁର ଗ୍ରାମର ମୁସଲମାନ ଭାଇମାନେ ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

**ଦେବାଶିଷଙ୍କ ପ୍ରତିମୂର୍ତ୍ତି ପାଇଁ ଦାବି**

ଦେଶ ମାତୃକା ପାଇଁ ପ୍ରାଣବଳି ଦେଇଥିବା ସତ୍ୟବାଦୀ ମାଟିର ବୀର ପୁଅ ଦେବାଶିଷଙ୍କ ସ୍ମୃତିରେ ଏକ ପ୍ରତିମୂର୍ତ୍ତି ସତ୍ୟବାଦୀରେ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି। ସତ୍ୟବାଦୀ ବଜାରଠାରୁ ତାଙ୍କ ଗାଁ ଖଣ୍ଡାୟତସାହି ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଉପଯୁକ୍ତ ସ୍ଥାନ ଦେଖି ତାଙ୍କ ପ୍ରତିମୂର୍ତ୍ତି ରଖିବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

**ଦେଶ ସେବା ପାଇଁ ପିଲାଦିନରୁ ଦେବାଶିଷଙ୍କ ଆଗ୍ରହ ଥିଲା**

ଦେବାଶିଷଙ୍କ ଡାକ ନାମ ଥିଲା ସାହିତ୍ୟ। ଗାଁରେ ସାହିତ୍ୟ ଭାଇ ବୋଲି ବେଶ୍ ଆପଣାର ଥିଲେ। ପିଲାଟି ବେଳରୁ ଯେପରି ପଢାରେ ପ୍ରଖର ଥିଲେ ସେପରି ଖେଳକୁଦ ସହ ଦେଶ ସେବା ପାଇଁ ମଧ ମନରେ ଆଗ୍ରହ ରହିଥିଲା। ତେଣୁ କଲେଜ୍ ପଢ଼ା ପରେ ୨୦୧୧ରେ ସତ୍ୟବାଦୀ ଗୁରୁକୁଳ ଆଥଲେଟିକ୍ସରେ ତାଲିମ ନେଇଥିଲେ ଦେବାଶିଷ। ୨ବର୍ଷ ପରେ ୨୦୧୩ରେ ସ୍ଥଳସେନାର ଯୋଗଦେଇ ସ୍ୱପ୍ନ ପୂରଣ କରିଥିଲେ। ପରେ ଯେତେବେଳେ ବି ସେ ତାଙ୍କ ଗାଁକୁ ଆସୁଥିଲେ ପିଲାମାନଙ୍କୁ ଦେଶ ସେବା ପାଇଁ ପ୍ରେରଣା ଦେଉଥିଲେ।



ଖଣ୍ଡାୟତ ସାହିରେ ଶହୀଦ ଦେବାଶିଷଙ୍କ ପାଇଁ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି ।



ଶହୀଦ ଦେବାଶିଷଙ୍କ ସମ୍ପର୍କୀୟ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି ।

**ଶହୀଦ ପୁଅକୁ ଧରି ବାହୁନି କାନ୍ଦିଲେ ମା ବାପା**

ଶହୀଦ ଦେବାଶିଷଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶହୀଦ କଫିନ ଉପରେ ତାଙ୍କ ମା'ବାପା ଲୋଟି ବାହୁନି ଧୈର୍ଯ୍ୟ ହରା ହୋଇ କାନ୍ଦିବାକୁ ଲାଗିଥିଲେ। ଅପରପକ୍ଷେ ଦେବାଶିଷଙ୍କ ସ୍ତ୍ରୀ ମଧ ସ୍ୱାମୀଙ୍କୁ ଦେଖି ବାରମ୍ବାର ଅଚେତ ହୋଇପଡୁଥିଲେ।

**ଶୋକଯାତ୍ରାରେ ସାମିଲ ହେଲେ ଅହମ୍ମଦପୁରବାସୀ**

ସ୍ଥାନୀୟ ଅହମ୍ମଦପୁରର ମୁସଲମାନ ସମ୍ପ୍ରଦାୟର ଶତାଧିକ ସଂଖ୍ୟାର ଉଭଣୀଭାଇମାନେ ଶହୀଦ ଦେବାଶିଷଙ୍କ ଶୋକ ଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶହୀଦ ଦେବାଶିଷ ଅମର ରହେ, ଭାରତ ମାତା କି ଜୟ, ଭାରତୀୟ ଯବାନ ଜିନ୍ଦାବାଦ ଆଦି ସ୍ଲୋଗାନ ଦେଇ ଭ୍ରାତୃତ୍ୱର ଏକ ସୁନ୍ଦର ପରିଚୟ ଦେଇଥିଲେ। ଶନିବାର ଇଦ୍ ପର୍ବ ରହିଥିଲେ ମଧ ଶହୀଦଙ୍କ ଶେଷ ଯାତ୍ରାରେ ସାମିଲକୁ ଭାଇଚାରାର ଦୃଶ୍ୟ ଭଳି ମନେହୋଇଥିଲା।

**ହୃଦୟକୁ ଛୁଇଁଥିଲା ଛୋଟ ପିଲାଙ୍କ ନାରା**

ଖଣ୍ଡାୟତ ସାହିରେ ଶହୀଦ ଦେବାଶିଷଙ୍କ ପାର୍ଥିବ ଶରୀର ପହଞ୍ଚିବା ସମୟରେ କୁନି କୁନି ପିଲାମାନେ ମଧ ଭାବବିହ୍ୱଳ ହୋଇପଡ଼ିଥିଲେ। ସେମାନେ ହାତରେ ଜାତୀୟ ପତାକା ଧରି ଦେବାଶିଷ ଭାଇ ଅମର ରହେ, ଭାରତ ମାତା କି ଜୟ, ମୁଁ ହେବି ଯବାନ ଆଦି ସ୍ଲୋଗାନ ଦେଇ ଅଞ୍ଚଳରେ ଅନନ୍ୟ ପରିବେଶ ସୃଷ୍ଟି କରିଥିଲେ।



ଶିଶୁ ଜାତୀୟ ପତାକା ଧରି ସାଲ୍ୟୁଟ ମାରୁଛନ୍ତି ।

**ଶେଷ କୃତ୍ୟରେ କେହି ମନ୍ତ୍ରୀଙ୍କ ଦେଖା ମିଳିଲାନି**

ଶହୀଦ ଦେବାଶିଷ ଦେଶ ପାଇଁ ଜୀବନ ବଳିଦାନ ଦେଇଛନ୍ତି। ଶେଷକୃତ୍ୟ ସମୟରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିବା ବେଳେ ମାତ୍ର କୌଣସି ମନ୍ତ୍ରୀଙ୍କ ଦେଖା ମିଳି ନ ଥିଲା। କେବଳ ସ୍ଥାନୀୟ ବିଧାୟକ ଉପସ୍ଥିତ ରହିଥିଲେ। ଅପରପକ୍ଷେ ଜିଲାପାଳ ମଧ ଶେଷକୃତ୍ୟ ସମୟରେ ସେଠାରେ ଉପସ୍ଥିତ ନ ଥିଲେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି।



ପିଲାମାନେ ଶହୀଦ ଦେବାଶିଷ ଅମର ରହେ ସ୍ଲୋଗାନ ଦେଉଛନ୍ତି ।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଅଧୀନ ୧୯ନଂ. ୱାର୍ଡରେ ଥିବା ୨ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିରୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ଜମି ପୌରପାଳିକାର ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସଂରକ୍ଷିତ ରଖାଯାଇଥିବାବେଳେ ଜଣେ ବ୍ୟକ୍ତି ତାହାକୁ ବେଆଇନ ଭାବେ ଅକ୍ତିଆର କରି ତାରବାଡ଼ ଘେରାଉ କରିଥିଲେ। ପୌରପାଳିକା ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ୍ ମାଧମରେ ଜମିରୁ ତାରବାଡ଼ ହଟାଇବା ସହିତ ୩ଦିନ ମଧ୍ୟରେ ୫୦ ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜବରଦଖଲ ଉଚ୍ଛେଦବେଳେ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ନର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**କଟକ**

- ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଓ ଧାନ ଦିବସ, କେନ୍ଦ୍ର ପରିସର, ବିଦ୍ୟାଧରପୁର, ପୂର୍ବାହ୍ନ ୧୧ଟା।
- ବ୍ରହ୍ମା କୁମାରିଜ୍ ପକ୍ଷରୁ ଆଡ୍‌ମିନିଷ୍ଟ୍ରେଟିଭ କ୍ୟାମ୍ପେନ୍‌ର ଶୁଭାରମ୍ଭ, ପ୍ରଭୁ ସମର୍ପଣ ଭବନ, ଝାଞ୍ଜିରିମଙ୍ଗଳା, ସନ୍ଧ୍ୟା ୬ଟା।
- . ଭକ୍ତକବି ଜୟଦେବ ସାଂସ୍କୃତିକ ପରିଷଦ ପକ୍ଷରୁ ଜୟଦେବ ଜୟନ୍ତୀ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- . ମା' ବୁଢ଼ୀ ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ମନ୍ଦିର ପରିସର, ପାଟରାସାହି, ସନ୍ଧ୍ୟା ୬ଟା।

**ବଡ଼ମ୍ବା**

- ୨୧ ଦିନିଆ ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନଯାତ୍ରାର ଶୁଭାରମ୍ଭ, ବଡ଼ମ୍ବା ରାଜବାଟୀ, ସନ୍ଧ୍ୟା ୬ଟା।
- ସିଂହନାଥ ଦେବଙ୍କ ୪ ଦିନିଆ ଅକ୍ଷୟତୃତୀୟା ମହୋତ୍ସବର ଶୁଭାରମ୍ଭ, ଗୋପୀନାଥପୁର କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ, ରାତି ୮ଟା।

**ଟିଗିରିଆ**

- ପବିତ୍ର ଅକ୍ଷୟତୃତୀୟା ଓ କୃଷକ ଦିବସ ପାଳନ, ବଡ଼ନାଉପୁଟ, ସକାଳ ୭ଟା।

**ମାହାଙ୍ଗା**

- କୃଷକ ମନ୍ଦିର ପ୍ରାଙ୍ଗଣରେ ଅକ୍ଷୟତୃତୀୟା ଉତ୍ସବ, ଗୋକନ ମଣିଜୋରି ଗ୍ରାମ, ସକାଳ ୯ଟା।

# ହାଇୱା-କାର ମୁହାଁମୁହିଁ, ୨ ମୃତ

- ୩ ଆହତ
- ଉତ୍ତେଜନା, ଗାଡ଼ି ଚଳାଚଳ ବ୍ୟାହତ

**କଟକ ଅଫିସ,୨୨।୪**

କଟକ ଜିଲା ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ନୂଆବଜାର ହାଇସ୍କୁଲ ନିକଟରେ ଶନିବାର ଅପରାହ୍ନରେ ହାଇୱା ଓ କାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଅଞ୍ଚଳର ଦୈତାରୀ ବେହେରା(୪୮) ଓ କାର୍ ଚାଳକ ସୁରେଶ କୁମାର ବେହେରା(୪୪)। ଆହତମାନଙ୍କୁ ଚିକିତ୍ସା ଲାଗି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

କଟକ-ପାରାଦୀପ ରାସ୍ତାର ନୂଆବଜାର ପାର୍ଶ୍ୱରୁ ରଘୁନାଥପୁର ଅଭିମୁଖେ ଏକ କାର୍ (ଓଆର୦୫ଏଭି-୩୮୮) ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା (ଓଡ଼ି୦୨ବିଏସ୍-୯୬୫୫) ସହିତ ଧକ୍କା ହୋଇଥିଲା।



ଦୁର୍ଘଟଣା ଗ୍ରସ୍ତ କାର୍।

ଦୁର୍ଘଟଣାରେ କାର୍‌ଟି ଭାଙ୍ଗି ଚୂର୍‌ମାର୍ ହୋଇଯାଇଛି। ଦୁର୍ଘଟଣା ସ୍ଥଳରେ ଜଣେ ବାଟୋଇ ଠିଆ ହୋଇଥିବାବେଳେ କାର୍‌ଟି ତାଙ୍କ ଦେହରେ ବାଡ଼େଇ ହୋଇଯିବାରୁ ସେ ଖଣ୍ଡିଆଖାବରା ହୋଇଥିଲେ। କାର୍‌ରେ ଚାପି ହୋଇ ଚାଳକ ସୁରେଶ ଫସି ରହିଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସହାୟତାରେ କାର୍ ମଧ୍ୟରେ ଥିବା ୫ ଜଣଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଦୈତାରୀ ଓ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିସହ ଦୀର୍ଘ ସମୟ ଧରି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ସିଆର୍‌ଆର୍‌ଆଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୯/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି କୃପାସିନ୍ଧୁ ବରାଡ ସୂଚନା ଦେଇଛନ୍ତି।

# ବେକେରି ଦୋକାନ ଜଳିଗଲା


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**କଟକ ଅଫିସ,୨୨।୪**

କଟକ ନୟାସଡ଼କଠାରେ ଥିବା ଅର୍ବାନ୍ ଇଟ୍ସ ନାମକ ବେକେରି ଦୋକାନରେ ଶନିବାର ରାତି ପ୍ରାୟ ୮ଟା ୪୫ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ବକ୍ସିବଜାର ଦମକଳକେନ୍ଦ୍ରରୁ ୨ଟି ଦମକଳ ପହଞ୍ଚି ନିଆଁ ଲିଭାଇଥିଲା। ତେବେ ନିଆଁର ପ୍ରକୋପ ଅଧିକ ଥିବାରୁ ବିଡ଼ାନାସୀରୁ ଆଉ ଏକ ଦମକଳ ମଗାଯାଇ ମହଜୁଦ୍ ରଖାଯାଇଥିଲା। ହେଲେ ୨ଟି ଦମକଳ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିବାରୁ ବିଡ଼ାନାସୀ ଦମକଳର ଆବଶ୍ୟକତା ପଡ଼ି ନ ଥିଲା। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି।

## ଆଜି ଏନ୍‌ଆର୍‌ଆର୍‌ଆଇର ପ୍ରତିଷ୍ଠା ଦିବସ

**କଟକ ଅଫିସ,୨୨।୪:** ଦେଶର ପ୍ରମୁଖ କୃଷି ଗବେଷଣା ସଂସ୍ଥା କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ୭୭ ବର୍ଷରେ ପଦାର୍ପଣ କରିଛି। ପ୍ରତିଷ୍ଠାନ ପରିସରରେ ରବିବାର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏଥିପାଇଁ ଶନିବାର ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏନ୍‌ଆର୍‌ଆର୍‌ଆଇ ବିକଶିତ କରିଥିବା ୧୦ଟି ନୂତନ ଧାନ ଓଡ଼ିଶା ରାଜ୍ୟ କିସମ ଅନୁମୋଦନ କମିଟି ଦ୍ୱାରା ଅନୁମୋଦିତ ହୋଇଛି। ଯାହା ବୈଜ୍ଞାନିକମାନଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିବା ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ସୂଚନା ଦେଇଛନ୍ତି।

# 'କୁମାର ଭାଇଙ୍କ ଆଦର୍ଶ ସମାଜ ପାଇଁ ଧ୍ୟେୟ ହେବା ଉଚିତ'


ସାରସ୍ୱତ ସାଧକ କୁମାର ଭାଇଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚନ**

**କଟକ ଅଫିସ,୨୨।୪**

ବିଶିଷ୍ଟ ସାରସ୍ୱତ ସାଧକ ତଥା ସମାଜ ସଂସ୍କାରକ କୁମାର ଭାଇଙ୍କ ଅଶୋଭନୀୟ ନିରୋଧ ଆନ୍ଦୋଳନ ଆଜି ମଧ ସମାଜ ପାଇଁ ଆଲୋକ ଦେଖାଇ ଚାଲିଛି। ତାଙ୍କ ଜୀବନଦର୍ଶନ ଓ ଆଦର୍ଶ ସମାଜ ପାଇଁ ଧ୍ୟେୟ ହେବା ଉଚିତ୍ ବୋଲି ଜଷ୍ଟିସ୍ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ସନ୍ଧ୍ୟାରେ କୁମାର ଭାଇଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନାଇଡୁ ଉନ୍ମୋଚନ କରି ଉପରୋକ୍ତ ବିଷୟରେ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, କୁମାର ଭାଇଙ୍କ ଆନ୍ଦୋଳନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ସାରିଛି। ମୁଖ୍ୟବକ୍ତା କଥାକାର ଦାଶ ବେନହୁର କହିଥିଲେ, ସ୍ୱଳ୍ପ ବୟସରେ କୁମାର ଭାଇ ଯେଉଁ ଆନ୍ଦୋଳନ ଛିଡ଼ା କରାଇଥିଲେ, ତାହା ଅନନ୍ୟ ଓ ଅସାଧାରଣ। ସମ୍ମାନିତ ବକ୍ତା ବ୍ରହ୍ମାନନ୍ଦ ମହାନ୍ତି, କୁମାର ଭାଇଙ୍କ ବାଲ୍ୟବନ୍ଧୁ ହରେକୃଷ୍ଣ ପଣ୍ଡାଙ୍କ ସମେତ ନିଖିଳେଶପଦ ମହାନ୍ତି, ଜ୍ୟୋତିର୍ମୟୀ ମହାନ୍ତି ବକ୍ତବ୍ୟ ପ୍ରଦାନ କରି କୁମାର ଭାଇଙ୍କ ସଂଗ୍ରାମୀ ଜୀବନ ଓ ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ବସନ୍ତ କୁମାରୀ ନନ୍ଦ ଓ ପ୍ରଫୁଲ୍ଲ କୁମାର ସିଂହ କବିତା ପାଠ କରିଥିଲେ। କୁମାର ଭାଇଙ୍କ ରଚନାକୁ ନୃତ୍ୟଶିଳ୍ପୀ ସୃଷ୍ଟିଶିଖା ଗୀତାଭିନୟ କରିଥିଲେ। ଉପସଭାପତି ମନୋଜ ପଟ୍ଟନାୟକ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ତପନ କୁମାର ସ୍ୱାଇଁ, ଦିଲୀପ କୁମାର ଦାସ, ରାଧାଶ୍ୟାମ ରାଉଳଙ୍କ ସମେତ କୁମାର ଭାଇଙ୍କ ଅନୁଗାମୀ, ବୁଦ୍ଧିଜୀବୀ ଓ ସାରସ୍ୱତ ସ୍ରଷ୍ଟାମାନେ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

**କଟକ ସଦର,୨୨।୪(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ଶନିବାର ବିଦ୍ୟାମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ତହସିଲଦାର ମାନସ ରଞ୍ଜନ ଭୋଇ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶ୍ରୀସନ୍ନ୍ୟାସୀ ଯୋଗଦେଇ କହିଥିଲେ, ଶିକ୍ଷକମାନେ ଗୁରୁ ସ୍ତରକୁ ଉନ୍ନୀତ ହେବା ଉଚିତ୍, ନଚେତ୍ ଶିକ୍ଷାଦାନର ମହତ୍ତ୍ୱ ରହିବ ନାହିଁ। ସେହିପରି ସମ୍ମାନିତ ଅତିଥି ଭାବେ ସ୍ମୃତି ରଞ୍ଜନ ବେହେରା, ଓଡ଼ିଶା ଚଳଚ୍ଚିତ୍ର କଳାକାର ସଂଘ ସମ୍ପାଦକ ଶ୍ରୀତମ ଦାସ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ନବଘନ ରାଉତ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ସୋମନାଥ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର କର ଧନ୍ୟବାଦ ଦେଇଥିଲେ।

# ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର ଖୋଲିଲେ ଯୁବୋଦ୍ୟୋଗୀ

**ଖୁଣ୍ଟୁଣୀ,୨୨।୪(ଡି.ଏନ୍.ଏ.)**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଖାଦ୍ୟ ଓ ପାଣି ପାଇଁ ପଶୁପକ୍ଷୀ ତହଳ ବିକଳ ହେଉଛନ୍ତି। ସେମାନେ ଖାଦ୍ୟ ଓ ପାନୀୟ ଅନ୍ୱେଷଣରେ ଗ୍ରାମ, ବଜାରକୁ ଚାଲି ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖୁଣ୍ଟୁଣୀର ଯୁବ ଉଦ୍ୟୋଗୀ କାଳିଆ ସାହୁ ନିଜସ୍ୱ ଖର୍ଚ୍ଚରେ ଶନିବାରଠାରୁ ଖୁଣ୍ଟୁଣୀ ନୂଆବଜାର ଓଭରବ୍ରିଜ ତଳେ ଖାଦ୍ୟ ଓ ଜଳଛତ୍ର ଖୋଲିଛନ୍ତି। ଏହାକୁ ଖୁଣ୍ଟୁଣୀ ସରପଞ୍ଚ କୈଳାଶ ଚନ୍ଦ୍ର ଦାସ, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଓ ପଞ୍ଚାୟତ ସମିତି ସଭ୍ୟ ଗଗନ ପରିଡା ଉଦ୍‌ଘାଟନ କରିଥିଲେ। ଏହାପରେ ବହୁ ଗୋରୁ ଆସି ସେଠାରେ ଖାଦ୍ୟ ଖାଇବା ସହ ପାଣି ପିଇଛନ୍ତି। ଏହି କାର୍ଯ୍ୟକ୍ରମ ମେ' ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି କାଳିଆ ବିଭିନ୍ନ ଗଣମାଧ୍ୟମକୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କୁ ତାଙ୍କ ପୁଅ ଜ୍ୟୋତି ରଞ୍ଜନ ସାହୁ, ବଜାରର ଟୁଲିଆ ନାୟକ, ଦୀପକ ସାହାଣୀ, ବିଶ୍ୱରଞ୍ଜନ ଦାଶ, ଅମୂଲ୍ୟ ବେହେରା, ବିଦ୍ୟାଧର ରଣା, ସନ୍ତୋଷ ବେହେରାଙ୍କ ସହିତ ଖୁଣ୍ଟୁଣୀ, ରାଧାକିଶୋରପୁର, ଭୋଗରା ପଞ୍ଚାୟତର ମିଶନ ଶକ୍ତି ମହିଳା ସହଯୋଗ କରିଛନ୍ତି। ବାପା ସୁଧାକର ସାହୁଙ୍କ ପ୍ରେରଣା ପାଇଁ ଏପରି ସେବା କାର୍ଯ୍ୟ ଆରମ୍ଭ କରିଥିବା କାଳିଆ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ପରାମର୍ଶଦାତାଙ୍କ କଟକ ଗସ୍ତ


ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ପରାମର୍ଶଦାତା ଅମରଜିତ୍ ସିହ୍ନା ପ୍ରଶାସନିକ ଅଧିକାରୀଙ୍କ ଗହଣରେ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**କଟକ ଅଫିସ,୨୨।୪**

ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ପରାମର୍ଶଦାତା ଅମରଜିତ୍ ସିହ୍ନା ଶନିବାର କଟକ ଗସ୍ତ କରିଥିଲେ। ପ୍ରଥମେ ସେ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପରେ ଡାଇଗ୍ରାମ ଅନୁଶୀଳନ କରିଥିଲେ। ପରେ ସେ ତାଳଦଣ୍ଡା କେନାଲ ନବୀକରଣ କାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ। ବିଶେଷକରି ପ୍ରଶସ୍ତ ରାସ୍ତା, କେନାଲର ନୂତନତା, ପାର୍କ ଅନୁଧ୍ୟାନ କରିଥିଲେ। ଏହାପରେ ଛତ୍ରବଜାର ଅର୍ବାନ ହାଟ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପ୍ରକଳ୍ପ ଦେଖିବା ପରେ ଅନେକ କିଛି ଶିଖିବାକୁ ମିଳିଲା ବୋଲି ସିହ୍ନା କହିଛନ୍ତି। ଏହି ପରିଦର୍ଶନବେଳେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ରହିଥିଲେ।

## ଶିକ୍ଷକ, ଅଭିଭାବକଙ୍କ ବୈଠକ

**ମାହାଙ୍ଗା,୨୨।୪(ସ୍ୱ.ପ୍ର.):** କଟକ ଜିଲା ମୂଳବସନ୍ତ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଅଭିଭାବକ-ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ ମୂଳବସନ୍ତ ଆଞ୍ଚଳିକ ସାଧନକେନ୍ଦ୍ର ରଘୁନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦାଠାରେ ସଂଯୋଜକ ରାମରାମ ଷଡ଼ଙ୍ଗୀ ଯୋଗଦେଇ ୧୩ ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ଦାଶ ଅଧକ୍ଷତା କରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣ ଉପସ୍ଥାନ ଉପରେଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପର୍ଶୁରାମ ଦାସ, ରଞ୍ଜୁଲତା ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ରୂପାନ୍ତରୀକରଣ ସମ୍ପର୍କରେ ଆଲୋଚନା କରିଥିଲେ।

## କଂଗ୍ରେସ ନେତା କିଶୋର ଜେନାଙ୍କ ପରଲୋକ

**କଟକ ଅଫିସ, ୨୨।୪:** କଟକ ଜିଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା(୮୩)ଙ୍କର ଏସ୍‌ସିବି ମେଡିକାଲରେ ଶନିବାର ପରଲୋକ ହୋଇଯାଇଛି।



କିଛିଦିନ ହେବ ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଶୁକ୍ରବାର ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୨ ପୁଅ, ବୋହୂ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ଜେନାଙ୍କ ପରଲୋକ ଖବରପାଇ କଂଗ୍ରେସର ବରିଷ୍ଠ ନେତା ବିଶ୍ୱଜିତ୍ ଦାସ, ମାନସ ଚୌଧୁରୀ, ଦିଲୀପ ମହାନ୍ତି, ରାମଚନ୍ଦ୍ର ଗୋଚ୍ଛାୟତ, କାଙ୍ଗାଳି ଚରଣ ବେହେରା, ଶ୍ୟାମ ସୁନ୍ଦର ଜେନାମଣି, ଶରତ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠ ଚରଣ ମଲ୍ଲିକ, ପ୍ରତାପ ମଲ୍ଲିକ, ସୁକାନ୍ତ ଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ ବାଉରୀବନ୍ଧୁ ମହାନ୍ତି ପ୍ରମୁଖ କଟକ ସଦର ଅନ୍ତର୍ଗତ ହୁଲିପୁର ଗ୍ରାମସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମହାନଦୀ ନିକଟ ତୁଳସୀକଣ୍ଡିଆ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ବିକ୍ରମ ମୁଖାଗ୍ନି ଦେଇଥିଲେ।

# ପିଲାଙ୍କ ଭବିଷ୍ୟତ ଗଠନରେ ସମସ୍ତଙ୍କ ଉଦ୍ୟମ ଜରୁରୀ

**ସାଲେପୁର,୨୨।୪(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଶିଶୁଆଠାରେ ଥିବା ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ୨୩ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସାଲେପୁର ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ ପତି ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନରେ ଗୁରୁମା, ଗୁରୁଜୀଙ୍କ ସହ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଅବହେଳା କଲେ ସେମାନଙ୍କ ଭବିଷ୍ୟତ ଅନ୍ଧାର ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତିର ରାଜ୍ୟ ସଂଗଠନ ସମ୍ପାଦକ ମଧୁସୂଦନ ପାତ୍ର ଓ ସମ୍ମାନିତ ଅତିଥି ଭାବେ କବି ଚନ୍ଦ୍ର ମଣି ଭୂୟାଁ ଉପସ୍ଥିତ ଥିଲେ। ଉତ୍ସବରେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ବଟ ଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତି ସ୍ନିଗ୍ଧା ଯତି ପ୍ରମୁଖ ଯୋଗଦେଇଥିଲେ। ବଟ ଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାକ କରିଥିଲେ। ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ପ୍ରଧାନ ଆଚାର୍ଯ୍ୟା ରୁକ୍ମିଣୀ ପାତ୍ର ପୌରୋହିତ୍ୟ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳକ ସୁକାନ୍ତ ବିଶୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥିମାନେ ସରକାରୀ ମେଧା ବୃତ୍ତି ପାଇଁ ବିବେଚିତ ଛାତ୍ରୀ କ୍ରିତିକା ସାହୁ ଏବଂ ପଠାଣି ସାମନ୍ତ ମେଧା ବୃତ୍ତି ନିମନ୍ତେ ଯୋଗ୍ୟତା ହାସଲ କରିଥିବା ସୂଚିସ୍ମିତା ବେହେରାଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପୂର୍ବତନ ଓ ଏବେର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# 'ଭାଇଚାରା ବଜାୟ ରଖିଲେ ଦେଶ ଆଗେଇବ'

**କଟକ ଅଫିସ/ମଗୁଲି-ଜଗତପୁର/ ଟିଗିରିଆ/ମାହାଙ୍ଗା, ୨୨।୪(ଡି.ଏନ୍.ଏ./ସ୍ୱ.ପ୍ର.)**

କଟକ ସହରରେ ଶନିବାର ଇଦ୍ ପାଳନ କରାଯାଇଛି। ଏହି ଅବସରରେ ମସ୍‌ଜିଦ୍‌ଗୁଡିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସକାଳ ୭ଟାରୁ ସାଢେ ୯ଟା ମଧ୍ୟରେ ଅନେକ ମସ୍‌ଜିଦ୍‌ରେ ସ୍ୱତନ୍ତ୍ର ଭାବେ ନମାଜ ପାଠ କରାଯାଇଥିଲା। ସେହିପରି ସତୀଚୌରା ନିକଟ ଇଦ୍‌ଗାରେ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଭାଇଚାରାର ସହର କଟକରେ ମୁସଲମାନ ଭଉଣୀଭାଇମାନେ ବନ୍ଧୁ ପରିଜନ, ଶୁଭେଚ୍ଛୁ ଓ ମୁରବିଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପର୍ବ ପାଳନବେଳେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, କଂଗ୍ରେସ ନେତା ସୁରେଶ ମହାପାତ୍ର, ପୂର୍ବତନ କର୍ପୋରେଟର ରମ୍‌ଜାନ ଖାନ୍, ବିଜେଡି ନେତା ଅରିନ୍ଦମ ରାୟ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ସହରର କେତେକ ସ୍ଥାନରେ ଗଜଲ ପରିବେଷିତ ହୋଇଥିଲା। ଏହି ଅବସରରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ କଦମ-ଇ-ରସୁଲ,


ପବିତ୍ର ଇଦ୍ ଅବସରରେ ଶନିବାର କଟକ ସତୀଚୌରାସ୍ଥିତ ଇଦ୍‌ଗାରେ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନେ ସାମୂହିକ ନମାଜ ପାଠ କରୁଛନ୍ତି।

**ଇଦ୍‌ରେ ପରସ୍ପରକୁ ଶୁଭେଚ୍ଛା ଜଣାଇଲେ**

ଦରଘାବଜାର, ବକ୍ସିବଜାରଠାରେ ମୁସଲମାନ ଭାଇଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏଡିସିପି ଏସ୍‌କେ ସରିଫ, ଅନିଲ ମିଶ୍ର, ଜୋନ୍-୨ ଏସିପି ଅମିତାଭ ମହାପାତ୍ର, ମଙ୍ଗଳାବାଗ ଆଇଆଇସି ସୁଧାଂଶୁ ଭୂଷଣ ଜେନା, ସମିତି ସଭାପତି ମନୋଜ ପଣ୍ଡା, ସମ୍ପାଦକଶଶାଙ୍କ ଶେଖର ଦାଶଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଡାଳିଯୋଡା ବ୍ରହ୍ମପୁର ଓ ଜେମାଦେଇପୁର ମୁସଲିମ କମିଟି ପକ୍ଷରୁ ଡାଳିଯୋଡା ବ୍ରହ୍ମପୁରସ୍ଥିତ ମସ୍‌ଜିଦ୍ ଓ ଉର୍ଦ୍ଦୁ ସ୍କୁଲ ପରିସରରେ ଶନିବାର ଇଦ୍ ପର୍ବ ପାଳିତ ହୋଇଯାଇଛି। ଶେଖ୍ ସାହାଜାନ୍‌ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ସବୁ ସମ୍ପ୍ରଦାୟର ଲୋକ ଶାନ୍ତି, ଭାଇଚାରା ବଜାୟ ରଖିଲେ ଦେଶ ଆଗକୁ ଯାଇପାରିବ। ଏଥିରେ ମୁଖ୍ୟବକ୍ତା ଆଠଗଡ ବ୍ଲକ ଚେୟାରମ୍ୟାନ ରଞ୍ଜନ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା 'ପୁରବୀ' ଉନ୍ମୋଚିତ ହୋଇଥିଲା। କମିଟି ସଭାପତି ସେକ୍ ଶୋବନ, ସେକ୍ ଜାହିର ଉଦ୍ଦିନ, ସେକ୍ ଉମର ଅଲ୍ଲୀ, ସୁବ ଖାଁ, ସେକ୍ ହସନ, ସେକ୍ ନମାଜ, ସେକ୍ ମନାନ, ସେକ୍ ରଜନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଲଠାରେ ଇଦ୍ ପାଳିତ ହୋଇଯାଇଛି। ଏନେଇ ପଙ୍କାଲ ଇଦ୍‌ଗାଠାରେ ମୌଲାନା ଏସ୍.କେ ଅବଦୁଲ କାଦିର ସମବେତ ପୁରୁଷଙ୍କୁ ଇଦ୍ ନମାଜ ପାଠ କରାଇଥିଲେ। ଗ୍ରାମର ମହିଳାଙ୍କୁ(ଲଜନା)ଜାମା ମସ୍‌ଜିଦଠାରେ ମୌଲାନା ଏସ୍.କେ ସମସୁଲ ଇଦ୍ ନମାଜ ପାଠ କରାଇଥିଲେ। ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସ୍‌ମାଇଲ ଖାନ୍, ଅଫଜଲ ଅହମ୍ମଦ ଖାନ୍, ମହମ୍ମଦ ଓସିମ, ଅଞ୍ଜୁମ ଖାନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତର ଜଗନ୍ନାଥପୁର ଇଦ୍‌ଗା ପଡ଼ିଆଠାରେ ଥିବା ମସ୍‌ଜିଦରେ ବହୁ ସଂଖ୍ୟକ ମୁସଲମାନମାନେ ଏକତ୍ରିତ ହୋଇ ନମାଜ ପାଠ କରିବା ସହ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ।

# ଅନୁକୂଳର ପର୍ବ

**ବୈ**ଶାଖ ମାସ ଶୁକ୍ଲପକ୍ଷ ତୃତୀୟାକୁ 'ଅକ୍ଷୟତୃତୀୟା' କୁହାଯାଏ। ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି। ତେଣୁ ଏ ଦିନ ବିଭିନ୍ନ ଦାନ, ଧ୍ୟାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ। ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏହି ଦିନରୁ ଆରମ୍ଭ ହୁଏ। ଚନ୍ଦନଯାତ୍ରା ମଧ୍ୟ ଏହି ଦିନରୁ ଆରମ୍ଭ ହୁଏ। ଏହିସବୁ କାରଣରୁ ଏହି ଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହ ନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। କୃଷକ ଏହି ଦିନ ତା' ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂରଲେପିତ ବିହନ-ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ସହ ଅନୁକୂଳ ପାଇଁ କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରିରେ ବୁଣେ। ଏହାକୁ ଅଖିମୁଠି କହନ୍ତି । ସଧବା ସ୍ତ୍ରୀ ଲୋକମାନେ ଏହି ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି। ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ। କୃଷକ ନିଜ କିଆରିରେ 'ଅଖିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ- 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ'। ତେଣୁ ଏହାର ନାମ ଅକ୍ଷୟତୃତୀୟା।

ଅକ୍ଷୟତୃତୀୟା ଏକ ସର୍ବଭାରତୀୟ କୃଷିଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟତୃତୀୟା। ଏହି ଦିନ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଉକ୍ତ ଦିନ ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷିଶିକ୍ଷା ପ୍ରଦାନ କରିଥିଲେ। ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ। କଥାରେ ଅଛି ଯେକୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ। ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅଖିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟତୃତୀୟା ତିଥିରେ ପାଳିତ ହୋଇଥାଏ। ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ। କୃଷକର ବିହନ ମୁଠାକ ମା'ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବୀ ପରିବାର ଉକ୍ତ ଦିବସରେ ନିଷ୍ଠାର ସହ ସ୍ୱତନ୍ତ୍ର ଭାବେ ଭୂମି ପୂଜନ କରିଥା'ନ୍ତି। ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅଖିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟାଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ।

ବୈଶାଖ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତ ହୁଏ। ଏହାକୁ ବ୍ରତ ରୂପେ ପାଳନ କରାଯାଏ। ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭ କରି ଆଠବର୍ଷରେ ଉଦ୍‌ଯାପନ କରନ୍ତି।

**-ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**
ମୋ: ୯୪୩୭୦୫୧୯୫୭

---

ବୈଶାଖ ମାସ କରୁଣାପ୍ରାପ୍ତିର ମାସ। ହୟଶୀର୍ଷ ସଂହିତା ମତରେ ଏହି ପବିତ୍ର ମାସରେ ମହାପ୍ରଭୁ 'ମଧୁସୂଦନ' ନାମରେ ଉପାସିତ ହୁଅନ୍ତି। ଏହା ପଛରେ ମଧ ମଧୁକୈଟଭ ରାକ୍ଷସର ଐତିହ୍ୟ ରହିଛି। ଓଡ଼ିଆରେ ପ୍ରଚଳିତ: ମଧୁକଇଟଭ ଅରି ଶ୍ରୀମଧୁସୂଦନ, ଦୁଃଖୀର ବାନ୍ଧବ ତୁମ୍ଭେ ଦରିଦ୍ରର ଧନ।

ଶୁକ୍ଳପକ୍ଷ ତୃତୀୟା - ଅକ୍ଷୟତୃତୀୟା

- ଏହିଦିନ ଯବଶସ୍ୟ ପ୍ରଥମେ ଉତ୍ପାଦିତ ହୋଇଥିଲା।
- ସତ୍ୟଯୁଗର ଆରମ୍ଭ ହୋଇଥିଲା।
- ଗଙ୍ଗାନଦୀ ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ।
- ନରନାରାୟଣ, ଶ୍ରୀପର୍ଶୁରାମ, ଶ୍ରୀ ହୟଗ୍ରୀବ ଅବତାର ଭାବରେ ଜନ୍ମଲାଭ କରିଥିଲେ।
- ମହାପ୍ରଭୁଙ୍କ ରଥ ନିର୍ମାଣ ଆରମ୍ଭ ହୁଏ।
- ଓଡ଼ିଶାରେ କୃଷିକର୍ମ ଆରମ୍ଭ।
- ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ।

---

# ଅକ୍ଷୟତୃତୀୟା

## ଏମାନଙ୍କ ମତରେ....

### ଅକ୍ଷୟତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି

ଅକ୍ଷୟତୃତୀୟାରେ ସବୁ ଶୁଭକାମ କରାଯାଏ। ଏହିଦିନ ସୁନା କିମ୍ବା ରୁପା କିଣିଲେ ଘରକୁ ଲକ୍ଷ୍ମୀ ଆସିଥା'ନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତିବର୍ଷ ମୁଁ କିଛିନା କିଛି ସୁନା ରୁପା କିଣେ। ଏ ବର୍ଷ ମଧ୍ୟ ସେପରି କିଛି ଯୋଜନା ରହିଛି। ଏହା ବ୍ୟତୀତ ଘରେ ପିଠାପଣା କରି ପୂରା ପରିବାର ଏକାଠି ହୋଇ ଏହି ଦିନର ମଜା ଉଠାଇବୁ।

**-ଲକ୍ଷ୍ମୀପ୍ରିୟା ପଣ୍ଡା, ଗୃହିଣୀ**

### ଏହିଦିନ ଶୁଭକାମ କଲେ ଭଲ

ଏହା ଏକ କୃଷିଭିତ୍ତିକ ପର୍ବ। ଗାଁରେ ଏହିଦିନ ଅଖିମୁଠି ଅନୁକୂଳ ହେବା ସହ ବିଲରେ ବିଧିପୂର୍ବକ ଭୂମିପୂଜା ଓ ଲକ୍ଷ୍ମୀପୂଜା ହୋଇଥାଏ। ପ୍ରତିବର୍ଷ ଏହାକୁ ଦେଖିବା ପାଇଁ ମୁଁ ଗାଁକୁ ଯାଏ। ତା'ସହିତ ଏହିଦିନ ବିଭିନ୍ନ ଶୁଭକାମ ମଧ୍ୟ କରାଯାଏ।

**-ବର୍ଷାରାଣୀ ସାହୁ, ଛାତ୍ରୀ**

### ଓଡ଼ିଆ ଜାତି ପାଇଁ ମହତ୍ତ୍ୱପୂର୍ଣ୍ଣ ଦିନ

ସମୟ ସହିତ ସବୁକିଛି ବଦଳୁଛି। ମାତ୍ର ଆଜି ବି ଆମ ପରମ୍ପରା ସଂସ୍କୃତି ବଞ୍ଚିରହିଛି। ଅକ୍ଷୟତୃତୀୟା କେବଳ ଚଷାପୁଅ ପାଇଁ ବିଶେଷଦିନ ନୁହେଁ, ବରଂ ଏହା ସମସ୍ତ ଓଡ଼ିଆଙ୍କ ଲାଗି ମହତ୍ତ୍ୱପୂର୍ଣ୍ଣ ଦିନ। କାରଣ ଏହି ଦିନ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ରଥ ନିର୍ମାଣ କାମ ଆରମ୍ଭ ହୋଇଥାଏ। ମହାରଣା ସେବାୟତମାନେ ଏହି ତିଥିରେ ରଥକାଠ ପୂଜା କରି ରଥ ଗଢ଼ାକାମ ଆରମ୍ଭ କରନ୍ତି।

**-ଭୋଳାନାଥ ବେହେରା, ଚାଷୀ**


















# ଟାଇଟନ୍ସର ସଂଘର୍ଷପୂର୍ଣ୍ଣ ବିଜୟ

ଲକ୍ଷ୍ନୌ,୨୨।୪


ଆୟୁଷ ବଦୋନୀଙ୍କୁ ରନ୍ ଆଉଟ୍ କରୁଛନ୍ତି ମୋହିତ ଶର୍ମା।

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୩୦ ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସର ସଂଘର୍ଷପୂର୍ଣ୍ଣ ବିଜୟ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଓ ଅନ୍ତିମ ଓଭରରେ ମୋହିତ ଶର୍ମାଙ୍କ ଜବରଦସ୍ତ ବୋଲିଂ ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଦଳ ୭ ରନରେ ପରାସ୍ତ କରିଛି। ଏହା ସହିତ ଚଳିତ ସିଜନର ସର୍ବନିମ୍ନ ସ୍କୋର ଡିଫେଣ୍ଡ କରିବାରେ ସଫଳ ହୋଇଛି ଗୁଜରାଟ। ପ୍ରଥମେ ବ୍ୟାଟିଂ କରିଥିବା ଟାଇଟନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୬୬ ରନ୍ ବଳରେ ୬ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଲକ୍ଷ୍ନୌ ୭ ଉଇକେଟ ହରାଇ ମାତ୍ର ୧୨୮ ରନ୍ କରିବାରେ ସମର୍ଥ ହୋଇଥିଲା। ଶୁବମାନ ଗିଲ୍ଙ୍କ ସ୍ଥାନରେ ଜୟନ୍ତ ଯାଦବ ଓ ଅମିତ ମିଶ୍ରଙ୍କ ସ୍ଥାନରେ ପ୍ରେରକ ମଙ୍କଡ ଇମ୍ପାକ୍ଟ ସବ୍ଷ୍ଟିଚ୍ୟୁଟ ଭାବରେ ସାମିଲ ହୋଇଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ଗୁଜରାଟ ମ୍ୟାଚର ଦ୍ୱିତୀୟ ଓଭରରେ ଶୁବମାନ ଗିଲ୍ଙ୍କ ଉଇକେଟ ହରାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା(୬୬) ଓ ରିଦ୍ଧିମାନ ସାହା(୪୭) ଦ୍ୱିତୀୟ ଉଇକେଟରେ ୬୮ ରନ୍ ଯୋଡିଥିଲେ। ୩୭ ବଲ୍ ଖେଳି ସାହା ୬ ଚୌକା ମାରି ଆଉଟ ହେବା ପରେ ଟାଇଟନ୍ସ ଏକ ମିନି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୭୨/୧ ରହିଥିବା ଗୁଜରାଟ ୯୨ ରନ୍ ମଧ୍ୟରେ ୪ ଉଇକେଟ ହରାଇଥିଲା। ପିଚ୍‌ରେ ବ୍ୟାଟ୍‌କୁ ବଲ୍ ଆସୁ ନ ଥିବା ବେଳେ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ ପାଣ୍ଡ୍ୟା। ୪୫ ରନ୍ ପର୍ଯ୍ୟନ୍ତ ରନ୍ ପିଛା ବଲ୍ ଷ୍ଟ୍ରାଇକରେଟ୍‌ରେ ଖେଳୁଥିବା ପାଣ୍ଡ୍ୟା ୧୯ ତମ ଓଭରରେ ରବି ବିଷ୍ଣୋଇଙ୍କ ଓଭରରୁ ୧୯ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଭାବରେ ସମ୍ମୁଖ ଭାଗରୁ ଲଢେଇ କରିବା ସହିତ ୫୦ ବଲ୍‌ରୁ ୬୬ ରନ୍‌ର ଇନିଂସ ଖେଳିଥିଲେ। ଏହି ଇନିଂସରେ ଦୁଇ ଚୌକା ଓ ୪ ବିଶାଳ ଛକା ସାମିଲ ଥିଲା। ଲକ୍ଷ୍ନୌ ପକ୍ଷରୁ କ୍ରୁଣାଲ ପାଣ୍ଡ୍ୟା ଓ ମାର୍କସ୍ ଷ୍ଟୋଇନିସ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ ଉଲ୍ ହକ୍ ଓ ଅମିତ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସ୍ପିନ୍ ସହାୟକ ପିଚ୍‌ରେ ରବି ବିଷ୍ଣୋଇ ୪ ଓଭରରେ ୪୯ ରନ୍ ବ୍ୟୟ କରିବା ଲକ୍ଷ୍ନୌ ପରାଜୟର ଆଉ ଏକ କାରଣ ରହିଥିଲା।

୧୩୬ ରନ୍‌ର ପିଛା କରୁଥିବା ଲକ୍ଷ୍ନୌ ପକ୍ଷରୁ ଦୁଇ ଓପନର କାଇଲ ମେୟର୍ସ (୨୪) ଓ ଲୋକେଶ ରାହୁଲ(୬୮) ପ୍ରଥମ ଉଇକେଟରେ ୫୫ ରନ୍ ଯୋଡିଥିଲେ। ପରବର୍ତ୍ତୀ ଖେଳାଳି କ୍ରୁଣାଲ ପାଣ୍ଡ୍ୟା ମଧ୍ୟ ୨୩ ବଲ୍‌ରୁ ୨୩ ରନ୍ କରିଥିଲେ। ୧୪.୩ ଓଭରରେ କ୍ରୁଣାଲ ଦ୍ୱିତୀୟ ଖେଳାଳି ଭାବରେ ଆଉଟ ହେବା ବେଳକୁ ବିଜୟ ପାଇଁ ୩୯ ବଲ୍‌ରେ ୩୦ ରନ୍ ଆବଶ୍ୟକ ରହିଥିଲା। ତେବେ ନୁର ଅହମଦ୍ ଓ ମୋହିତ ଶର୍ମାଙ୍କ ଘାତକ ବୋଲିଂ ବଳରେ ଟାଇଟନ୍ସ ମ୍ୟାଚକୁ ୭ ରନ୍‌ରେ ଜିତି ନେଇଥିଲା। ଅନ୍ତିମ ଓଭରରେ ବିଜୟ ପାଇଁ ୧୨ ରନ୍ ଆବଶ୍ୟକ ଥିବାବେଳେ ମୋହିତ ଶର୍ମାଙ୍କ ଓଭରରେ ୪ ଉଇକେଟର ପତନ ଘଟିଥିଲା। ଦ୍ୱିତୀୟ ଓ ତୃତୀୟ ବଲରେ ଲୋକେଶ ରାହୁଲ(୬୮) ଓ ମାର୍କସ୍ ଷ୍ଟୋଇନିସ୍(୦)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଆୟୁଷ ବଦୋନୀ(୮) ଓ ଦୀପକ ହୁଡା(୧) ରନ୍ ଆଉଟ ହୋଇଥିଲେ। ରାହୁଲ ୬୧ ବଲ୍ ଖେଳି ୬୮ ରନ୍ କରି ଅନ୍ତିମ ଓଭରରେ ଆଉଟ ହୋଇଥିଲେ। ଏହି ଇନିଂସରେ ୮ ଚୌକା ସାମିଲ ଥିଲା। ଗୁଜରାଟ ପକ୍ଷରୁ ମୋହିତ ଶର୍ମା ଓ ନୁର ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମୋହିତ ଶର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୩୫/୬(ହାର୍ଦ୍ଦିକ ପାଣ୍ଡ୍ୟା-୬୬, ରିଦ୍ଧିମାନ ସାହା-୪୭, ବିଜୟ ଶଙ୍କର-୧୦, କ୍ରୁନାଲ ପାଣ୍ଡ୍ୟା-୨/୧୬, ମାର୍କସ୍ ଷ୍ଟୋଇନିସ୍-୨/୨୦, ଅମିତ ମିଶ୍ର-୧/୯)।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୨୮/୭(ଲୋକେଶ ରାହୁଲ-୬୮, କାଇଲ ମେୟର୍ସ-୨୪, କ୍ରୁନାଲ ପାଣ୍ଡ୍ୟା-୨୩, ମୋହିତ ଶର୍ମା-୨/୧୭, ନୁର ଅହମ୍ମଦ-୨/୧୮, ରାଶିଦ୍ ଖାନ-୧/୩୩)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବାଙ୍ଗାଲୋର ବନାମ ରାଜସ୍ଥାନ**
ସ୍ଥାନ: ବେଙ୍ଗାଲୁରୁ,
ସମୟ: ଅପରାହ୍ନ ୩ଟା ୩୦

**କୋଲକାତା ବନାମ ଚେନ୍ନାଇ**
ସ୍ଥାନ: କୋଲକାତା,
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମୁମ୍ବାଇକୁ ହରାଇଲା ପଞ୍ଜାବ

**ମୁମ୍ବାଇ,୨୨।୪:** ଅଟକିଲା ମୁମ୍ବାଇର ବିଜୟ ରଥ। କ୍ରମାଗତ ୩ଟି ମ୍ୟାଚ୍ ଜିତିବା ପରେ ପଞ୍ଜାବ କିଙ୍ଗ୍ସ ନିକଟରୁ ୧୩ ରନ୍‌ରେ ହାରିଛି ରୋହିତ ଶର୍ମାଙ୍କ ଦଳ। କାମଚଳା ଅଧିନାୟକ ସାମ୍ କୁରାନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୦୧ ରନ୍ କରିଥିଲା। ଅନ୍ତିମ ଓଭରରେ ମୁମ୍ବାଇକୁ ୧୫ ରନ୍ ଆବଶ୍ୟକ ଥିବାବେଳେ ଅର୍ଶଦୀପ ସିଂ ତୃତୀୟ ଓ ଚତୁର୍ଥ ବଲ୍‌ରେ ତିଲକ ବର୍ମା(୩) ଓ ନେହାଲ ୱଧେରା(୦)ଙ୍କୁ ବୋଲ୍ଡ କରିଥିଲେ। ଉଭୟ ଥର ସେ ମିଡିଲ ଷ୍ଟମ୍ପ ଭାଙ୍ଗିଥିଲେ। ଅନ୍ତିମ ଓଭରରେ ୨ ରନ୍ ଦେଇ ୨ ଉଇକେଟ ନେଇଥିଲେ। ସପ୍ତମ ମ୍ୟାଚରୁ ଚତୁର୍ଥ ବିଜୟ ସହିତ ପଞ୍ଜାବ ପଏଣ୍ଟ ଟେବୁଲରେ ୫ମ ସ୍ଥାନକୁ ଉଠିଥିବା ବେଳେ ମୁମ୍ବାଇ ୭ମ ସ୍ଥାନକୁ ଖସିଛି। ଟସ୍ ହାରି ଦଳ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଶିଖର ଧାୱନଙ୍କ ଅନୁପସ୍ଥିତିରେ ମାଥ୍ୟୁ ଶର୍ଟ(୧୧) ଓ ପ୍ରଭସିମ୍ରନ୍ ସିଂ(୨୬) ଇନିଂସ ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୧୮ ରନ୍‌ରେ ମାଥ୍ୟୁ ଶର୍ଟଙ୍କୁ ଆଉଟ କରିଥିଲେ କାମେରନ୍ ଗ୍ରୀନ୍। ଏହା ପରେ ଅଥର୍ବ ଟାଇଡେ(୨୯) ଓ ପ୍ରଭସିମ୍ରନ୍ ସିଂ(୨୬) ଦ୍ୱିତୀୟ ଉଇକେଟରେ ୪୭ ରନ୍ ଯୋଡ଼ିଥିଲେ। ଲିଆମ୍ ଲିଭିଙ୍ଗଷ୍ଟୋନ (୧୦) ପୁନର୍ବାର ବିଫଳ ହେବାରୁ ପଞ୍ଜାବ କିଙ୍ଗ୍ସ ୮୩ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ହରପ୍ରୀତ ସିଂ ଭାଟିଆ(୪୧) ଓ ସାମ୍ କୁରାନ୍ (୫୫) ପଞ୍ଚମ ଉଇକେଟରେ ୯୨ ରନ୍ ଯୋଡ଼ିଥିଲେ। ଉଭୟ ୪୮ ବଲ୍‌ର ସମ୍ମୁଖୀନ ହୋଇ ଏହି ଭାଗୀଦାରି କରିବା ସହିତ ପଞ୍ଜାବକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଭାଟିଆ ୨୮ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ଦୁଇ ଛକା ମାରିଥିଲେ। ଅନ୍ୟପକ୍ଷରେ କୁରାନ୍ ମାତ୍ର ୨୯ ବଲ୍‌ରୁ ବିସ୍ଫୋରକ ୫୫ ରନ୍ କରିଥିଲେ। ତାଙ୍କ ଇନିଂସରେ ୫ ଚୌକା ଓ ୪ ଛକା ସାମିଲ ଥିଲା। ଦଳୀୟ ସ୍କୋର ୧୭୫ରେ ଭାଟିଆ ପ୍ୟାଭିଲିୟନ ଫେରିବା ପରେ ଜିତେଶ ଶର୍ମା କମାଣ ସମ୍ଭାଳିଥିଲେ। ମାତ୍ର ୭ ବଲ୍ ଖେଳିଥିବା ଶର୍ମା ୪ ଛକା ସହ ୨୫ ରନ୍ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସଫଳ ବୋଲର ଭାବରେ ପୀୟୁଷ ଚାୱ୍ଲା ୧୫ ରନ୍‌ରେ ଦୁଇ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମେରନ୍ ଗ୍ରୀନ୍ ଦୁଇ ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚର, ଜାସନ୍ ବେହେନ୍ଡ୍ରଫ୍ ଓ ଅର୍ଜୁନ୍ ତେନ୍ଦୁଲକର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୧୫ ରନ୍ ଜବାବରେ ମୁମ୍ବାଇ ଦ୍ୱିତୀୟ ଓଭରରେ ଇଶାନ କିଶନ(୧)ଙ୍କ ଉଇକେଟ ହରାଇଥିଲା। ରୋହିତ ଶର୍ମା(୪୪) ଓ କାମେରନ୍ ଗ୍ରୀନ୍(୬୭) ଦ୍ୱିତୀୟ ଉଇକେଟରେ ୭୬ ରନ୍ ଯୋଡ଼ିଥିଲେ। ଲିଭିଙ୍ଗଷ୍ଟୋନଙ୍କ ବଲରେ ରୋହିତ ଶର୍ମା ଆଉଟ ହେବା ପରେ ଗ୍ରୀନ୍ ଓ ସୂର୍ଯ୍ୟକୁମାର ଯାଦବ (୫୭) ଇନିଂସ ସମ୍ଭାଳିଥିଲେ। ଗ୍ରୀନ୍ ୪୩ ବଲ୍ ଖେଳି ୬ ଚୌକା ଓ ୩ ଛକା ମାରିଥିଲେ। ଫର୍ମକୁ ଫେରିଥିବା ସୂର୍ଯ୍ୟକୁମାର ଯାଦବ ୨୬ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୪ ଉଇକେଟ ନେଇଥିବା ବେଳେ ନାଥାନ ଏଲିସ ଓ ଲିଆମ୍ ଲିଭିଙ୍ଗଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ସାମ୍ କୁରାନ୍।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୧୪/୮(ସାମ୍ କୁରାନ୍-୫୫, ହରପ୍ରୀତ ସିଂ ଭାଟିଆ-୪୧, ଅଥର୍ବ ଟାଇଡେ-୨୯, ପୀୟୁଷ ଚାୱ୍ଲା-୨/୧୫, କାମେରନ୍ ଗ୍ରୀନ୍-୨/୪୧, ଜାସନ୍ ବେହେନ୍ଡ୍ରଫ୍-୧/୪୧)।

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୧/୬(କାମେରନ୍ ଗ୍ରୀନ୍-୬୭, ସୂର୍ଯ୍ୟକୁମାର ଯାଦବ-୫୭, ରୋହିତ ଶର୍ମା-୪୪, ଅର୍ଶଦୀପ ସିଂ-୪/୨୯, ଲିଆମ୍ ଲିଭିଙ୍ଗଷ୍ଟୋନ-୧/୨୩, ନାଥାନ୍ ଏଲିସ୍-୧/୪୪)।

# ଜ୍ୟୋତି ଜିତିଲେ ୨ ସ୍ୱର୍ଣ୍ଣ


ଜ୍ୟୋତି ସୁରେଖା ଭେନମ ଓ ଓଜାସ ଡେଓଟେଲ।

**ଟୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧**

ଆଣ୍ଟାଲ୍ୟା, ୨୨।୪ (ପି.ଟି.)

ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଜ୍ୟୋତି ସୁରେଖା ଭେନମ ମହିଳା କମ୍ପାଉଣ୍ଡ ବିଭାଗ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ପୂର୍ବତନ ଚାମ୍ପିୟନ କଲମ୍ବିଆର ସାରା ଲୋପେଜ୍‌ଙ୍କୁ ୧୪୯-୧୪୬ରେ ହରାଇ ଦେଇଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ସେ ଓ ତାଙ୍କ ପଦାର୍ପଣକାରୀ ପାର୍ଟନର ଓଜାସ ଡେଓଟେଲ ୧୫୯-୧୫୪ରେ ଚାଇନିଜ ତାଇପେ ଟିମ୍ ବିପକ୍ଷରେ ବିଜୟ ହାସଲ କରି ଭାରତର ପଦକ ଖାତା ଖୋଲିଥିଲେ। ଶନିବାର ଏହି ବିଜୟ ଦ୍ୱାରା ଜ୍ୟୋତି ତାଙ୍କ କଲମ୍ବିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ତାଙ୍କ ପୂର୍ବ ପରାଜୟର ପ୍ରତିଶୋଧ ନେଇପାରିଛନ୍ତି। ଭାରତୀୟ ଟୀରନ୍ଦାଜ ୨୦୨୧ରେ ୟାଙ୍କଟନଠାରେ ଅନୁଷ୍ଠିତ ବିଶ୍ୱଚାମ୍ପିୟନଶିପ୍ ଫାଇନାଲରେ ଲୋପେଜଙ୍କଠାରୁ ୧୪୪-୧୪୬ରେ ହାରି ରୌପ୍ୟ ଜିତିଥିଲେ। ଜ୍ୟୋତି ଏଠାରେ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ବିଶ୍ୱର ନମ୍ବର ୱାନ ବ୍ରିଟେନର ଇଲା ଗିବ୍‌ସନଙ୍କୁ ୧୪୮-୧୪୬ରେ ହରାଇ ଦେଇଥିଲେ।

# ଭାରତୀୟ ସନ୍ତରଣକାରୀ ବିଶ୍ୱରେକର୍ଡ ସମକକ୍ଷ

ଜେରୁଜାଲମ,୨୨।୪(ପି.ଟି.)

ପ୍ରତିକୂଳ ପାଗ ସତ୍ତ୍ୱେ ସାହସର ସହିତ ଇସ୍ରାଏଲର ଗାଲିଲି ସାଗରରେ ଜଣେ ପୁରୁଷ ସନ୍ତରଣକାରୀ ଭାବେ ଦ୍ରୁତ ସନ୍ତରଣ କରି ଭାରତର ଆର୍ଯ୍ୟନ ସିଂ ଦାଦିଆଲା ବିଶ୍ୱରେକର୍ଡ ସମକକ୍ଷ ହୋଇଛନ୍ତି। ଗାଲିଲି ସାଗର ହେଉଛି ବିଶ୍ୱର ଦ୍ୱିତୀୟ ନୀଚା ଜଳସ୍ତର। ଏହା ସମୁଦ୍ର ପତନଠାରୁ ପ୍ରାୟ ୨୧୪ ମିଟର ନୀଚା। ୨୧ ବର୍ଷୀୟ ଦାଦିଆଲା ୨୦୨୨ ନଭେମ୍ବରରେ ଗୋଆରେ ସମୁଦ୍ର ପଥରେ ୩୨ କିମି ଦୂରତାକୁ ୫ ଘଣ୍ଟା ୩୬ ମିନିଟରେ ପହଁରି ଏକ ବିଶ୍ୱ ରେକର୍ଡ କରିଥିଲେ। ଗାଲିଲି ସାଗରରେ ପହଁରିବାରେ ସେ ଏସିଆର ପ୍ରଥମ ସନ୍ତରଣକାରୀ। ସେ ଶୁକ୍ରବାର ପ୍ରତ୍ୟୁଷ ୫ଟା ୧୮ ମିନିଟରେ ପହଁରିବା ଆରମ୍ଭ କରିଥିଲେ। ପୂର୍ବାହ୍ନ ୧୧ଟା ୩୩ ମିନିଟରେ ତାଙ୍କ ଚ୍ୟାଲେଞ୍ଜପୂର୍ଣ୍ଣ ସନ୍ତରଣ ଶେଷ ହୋଇଥିଲା। ଗାଲିଲି ସାଗରରେ ସେ ପ୍ରଥମ ପ୍ରଚେଷ୍ଟାରେ ଜଣେ ପୁରୁଷ ସନ୍ତରଣକାରୀ ଭାବେ ଦ୍ରୁତ ପହଁରିବାରେ ବିଶ୍ୱରେକର୍ଡର ସମକକ୍ଷ ହୋଇପାରିଥିଲେ। ଏହି ଦ୍ରୁତତମ ୱାନ୍-ୱେ ସୁଇମିଂରେ ପୂର୍ବରୁ ୨୦୧୭ରେ ବିଶ୍ୱରେକର୍ଡ କରିଥିଲେ ଗଏ କୋହେନ।

କୋଷ୍ଠକାଠିନ୍ୟର ସମାଧାନ
9119788888

# ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ

**୧୫ ବର୍ଷରୁ କମ୍ କ୍ରିକେଟ**

ଭୁବନେଶ୍ୱର,୨୨।୪(ସ୍ପୋର୍ଟ୍ସ ବ୍ୟୁରୋ)

ଟାଉନ୍ କ୍ଲବ ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୭ ଉଇକେଟରେ ପରାସ୍ତ କରିଛି ରାମେଶ୍ୱର ସ୍ପୋର୍ଟିଂ। ରବିବାର ହେବାକୁ ଥିବା ଫାଇନାଲରେ ଦଳ ଟାଉନ୍ କ୍ଲବ୍ ଏ'କୁ ଭେଟିବ।

ଅଷ୍ଟମ ଦିନର ଟୁର୍ନାମେଣ୍ଟରେ ପାରାମାଉଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏସ୍. କେ. ନକିବ୍ ସରଏବରଙ୍କ ୧୯ ରନ୍ ସହାୟତାରେ ଦଳ ୨୫ ଓଭରରେ ୬ ଉଇକେଟ ହରାଇ ୯୭ ରନ୍ କରିଥିଲା। ରାମେଶ୍ୱର ପକ୍ଷରୁ ସମ୍ବିତ କୁମାର ବେଜ ଓ ଶୁଭାଶିଷ ମଲ୍ଲିକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୯୮ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ରାମେଶ୍ୱର ୨୦.୨ ଓଭରରେ ୩ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ରାମେଶ୍ୱର ପକ୍ଷରୁ ସମ୍ବିତ କୁମାର ବେଜ ଅପରାଜିତ ୪୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରଜିତ ମିଶ୍ର ୨୬ ଓ ଶୁଭାଶିଷ ମଲ୍ଲିକ୍ ୨୧ ରନ୍ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ସୌମ୍ୟ ରଞ୍ଜନ ସିଂହ, ଏସ୍. କେ. ସରବେର ଓ ତନୁଶ ଦେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ କୁମାର ବେଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ଆଥଲେଟିକ୍ ପ୍ରଶିକ୍ଷକ ସୁଧାଂଶୁ କୁମାର ମିଶ୍ର ଅତିଥି ଭାବରେ ଯୋଗ ଦେଇ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ରାକେଶ କୁମାର ବାରିକ ଓ ଗିରିଜା ମିଶ୍ର ଏହି ମ୍ୟାଚ୍ ପରିଚାଳନା କରିଥିଲେ।

# ସୁପର କପ୍ ଫାଇନାଲରେ ଓଡ଼ିଶା ଏଫ୍‌ସି

**ନନ୍ଦ କୁମାରଙ୍କ ଡବଲ**

ଭୁବନେଶ୍ୱର,୨୨।୪(ସ୍ପୋର୍ଟ୍ସ ବ୍ୟୁରୋ)

କେରଳର ପାୟାନାଡରେ ଅନୁଷ୍ଠିତ ସୁପର୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ନନ୍ଦ କୁମାର ଶେକରଙ୍କ ଡବଲ ଗୋଲ ବଳରେ ଶନିବାର ଖେଳା ଯାଇଥିବା ଦ୍ୱିତୀୟ ସେମି ଫାଇନାଲରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସିକୁ ୩-୧ ଗୋଲରେ ପରାସ୍ତ କରିଛି ଓଏଫ୍‌ସି। ଆରମ୍ଭରୁ ୦-୧ରେ ପଛୁଆ ରହିବା ପରେ ଓଏଫ୍‌ସି ଦୃଢ ଭାବରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା।

ମ୍ୟାଚ୍‌ର ପ୍ରଥମ ମିନିଟରୁ ହିଁ ନର୍ଥଇଷ୍ଟ ୟୁନାଇଟେଡ ଆକ୍ରମଣାତ୍ମକ ଭଙ୍ଗୀରେ ଖେଳ ଆରମ୍ଭ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ପ୍ରତିପକ୍ଷ ଅଧିନାୟକ ୱିଲମାର ଜୋର୍ଡାନ ଗୋଲ ସ୍କୋର କରିଥିଲେ। ରୋଛାରଜେଲାଙ୍କ ପାଶ୍‌କୁ ଗୋଲରେ ପରିଣତ କରି ସେ ଦଳକୁ ଅଗ୍ରଣୀ କରିଥିଲେ। ଏହାପରେ ନନ୍ଦକୁମାରଙ୍କ ଶେକରଙ୍କ ଗୋଲ ବଳରେ ଓଡ଼ିଶା ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ମ୍ୟାଚର ୧୦ମ ମିନିଟରେ ଜେରୀଙ୍କ ପାଶ୍‌କୁ ଗୋଲରେ ପରିଣତ କରିଥିଲେ ନନ୍ଦ କୁମାର। ପ୍ରଥମାର୍ଦ୍ଧର ଖେଳ ୧-୧ରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଓଏଫ୍‌ସି ପକ୍ଷରୁ ଆକ୍ରମଣକୁ ଅଧିକ ଜୋରଦାର କରାଯାଇଥିଲା। ମ୍ୟାଚ୍‌ର ୬୪ ତମ ମିନିଟରେ ନନ୍ଦକୁମାର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିବା ସହିତ ଓଏଫ୍‌ସିକୁ ୨-୧ରେ ଆଗୁଆ କରିଥିଲେ। ଭିକ୍ଟର ରୋଡ୍ରିଗୁଏଜଙ୍କ ସହିତ ଚମତ୍କାର ତାଳମେଳ ଦେଖାଇ ନନ୍ଦକୁମାର ବାମ ପଟରୁ ଆକ୍ରମଣ କରିଥିଲେ। ଏହା ସହିତ ଓଏଫ୍‌ସି ମ୍ୟାଚରେ ଆଗୁଆ ହୋଇଥିଲା। ଚଳିତ ସିଜନରେ ଓଡ଼ିଶାର ସଫଳତମ ଷ୍ଟ୍ରାଇକର ତଥା ଆଇଏସଏଲ୍ ଗୋଲ୍ଡେନ ବୁଟ୍ ବିଜେତା ଡିଏଗୋ ମରିସିଓ ୮୩ ତମ ମିନିଟରେ ଆଉ ଏକ ଗୋଲ ଦେବାରୁ ଓଡ଼ିଶା ୩-୧ରେ ବିଜୟୀ ହୋଇଥିଲା। ଓଏଫ୍‌ସି ଫାଇନାଲରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ।


ଗୋଲ ସ୍କୋର କରିବା ପରେ ଜେରୀ ମାୱିମିଙ୍ଗଥାଙ୍ଗାଙ୍କ ସହ ନନ୍ଦ କୁମାର ଶେକର।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ